# ବର୍ଷା ଋତୁରେ ଉପାନ୍ତ ଅଞ୍ଚଳବାସୀଙ୍କ ବଢ଼ିଛି ଚିନ୍ତା

**କେନ୍ଦ୍ରାପଡ଼ା,୨୯।୭(ଜଗନ୍ନାଥ ଧଳ):** ବର୍ଷାଋତୁ ଆରମ୍ଭ ପରେ କେନ୍ଦ୍ରାପଡ଼ା ଜିଲାର ଉପାନ୍ତ ଅଞ୍ଚଳବାସୀଙ୍କ ଚିନ୍ତା ବଢ଼ିଛି । ପ୍ରାକୃତିକ ବିପର୍ଯ୍ୟୟ ଭୟ ସଦାସର୍ବଦା ଲାଗି ରହୁଛି । ତଟକ୍ଷୟ ଯୋଗୁ ସମୁଦ୍ର ପାଣି ଗ୍ରାମ ମଧ୍ୟକୁ ପଶିଆସିବା ଭୟ ରହୁଛି । ରାଜନଗର ବ୍ଲକର ପେଣ୍ଠସ୍ଥିତ ଜିଓ ଟ୍ୟୁବୱାଲ ସୁରକ୍ଷିତ ନ ଥିବା ବେଳେ ଲୁଣା ତଟବନ୍ଧର ଆବଶ୍ୟକ ମରାମତି ହୋଇନାହିଁ । ଗତ ୪୫ ଦିନ ମଧ୍ୟରେ କୁମ୍ଭୀର ଆକ୍ରମଣରେ ୪ ଜଣଙ୍କର ମୃତ୍ୟୁ ହୋଇଛି । ପ୍ରତ୍ୟେକ ନଦୀ ଗାଧୁଆତୁଠରେ ସୁରକ୍ଷିତ ବାଡ ନିର୍ମାଣ ପାଇଁ ସ୍ଥାନୀୟ ଅଞ୍ଚଳରେ ଦାବି ହୋଇଛି । ସମୁଦ୍ର ତଟଠାରୁ ୧୦ କିଲୋମିଟର ପରିଧି ମଧ୍ୟରେ ହେନ୍ତାଳବଣ ସୃଷ୍ଟି କରାଗଲେ ବନ୍ୟା, ବାତ୍ୟା ଓ ସୁନାମୀ ପରି ପ୍ରାକୃତିକ ବିପର୍ଯ୍ୟୟ ସମୟରେ କେନ୍ଦ୍ରାପଡ଼ା ଜିଲାକୁ ସୁରକ୍ଷିତ ରଖାଯାଇ ପାରିବ ବୋଲି ମତ ମିଳିଛି ।



ହେନ୍ତାଳ ବଣ ।

- କୁମ୍ଭୀର ଆକ୍ରମଣରେ ୪୫ ଦିନରେ ୪ ଜଣଙ୍କ ମୃତ୍ୟୁ
- ଫେଲ୍ ମାରିଛି ଜିଓ ଟ୍ୟୁବ୍‌ୱାଲ ପ୍ରକଳ୍ପ
- ୧୦ କି.ମି. ପରିଧିରେ ହେନ୍ତାଳବଣ ଦାବି

## ଜିଓ ଟ୍ୟୁବ୍‌ୱାଲ ଅସୁରକ୍ଷିତ



ପ୍ରତିବର୍ଷ ବନ୍ୟାରେ କେନ୍ଦ୍ରାପଡ଼ା ଜିଲାର ୫୫ ଗ୍ରାମ ପ୍ରଭାବିତ ହେଉଛି । ନଦୀବନ୍ଧ ନ ଥିବାରୁ ଏହି ଅଞ୍ଚଳ ବନ୍ୟା ଜଳ ଘେରରେ ରହୁଛି । ବନ୍ୟା ପରି ସାମୁଦ୍ରିକ ଝଡ଼ ଓ ସୁନାମୀର ଆଶଙ୍କା ଅଛି । ତେବେ ତଟବନ୍ଧ ମରାମତି ଅଦ୍ୟାବଧି ସରିନାହିଁ । ଓଡ଼ିଶାର ପ୍ରଥମ ଜିଓ ସିନ୍ଥେଟିକ ପ୍ରକଳ୍ପ ୩୪ କୋଟି ଟଙ୍କା ବ୍ୟୟରେ ରାଜନଗର ବ୍ଲକ ପେଣ୍ଠଠାରେ ନିର୍ମାଣ ହୋଇଥିଲା । ଏହି ଟ୍ୟୁବୱାଲ ଏବେ ସୁରକ୍ଷିତ ନାହିଁ । ଗାବିୟନ ବକ୍ସରୁ ପଥରଗୁଡ଼ିକ ସମୁଦ୍ରକୁ ଭାସିଯାଇ ଏକ ଆତଙ୍କିତ ସ୍ଥିତି ସୃଷ୍ଟି କରିଛି । ଜିଲାରେ ୪୮ କିମି ସମୁଦ୍ର ତଟ ଅଛି । ଏହି ତଟାଞ୍ଚଳର ୫୬ ପ୍ରତିଶତ ଅଞ୍ଚଳରେ ଦ୍ରୁତ ତଟକ୍ଷୟ ହେଉଥିବା ସର୍ଭେ ରିପୋର୍ଟ ଦର୍ଶାଉଛି । ଏହାର ନିରାକରଣ ହେଉ ନ ଥିବାରୁ ବର୍ଷାଋତୁ ଉପାନ୍ତ ଅଞ୍ଚଳବାସୀଙ୍କ ପାଇଁ ଆତଙ୍କର କାରଣ ସାଜିଛି ।

**– ସୁନୀଲ କୁମାର ଗନ୍ତାୟତ, ସାମାଜିକ କର୍ମୀ, ମହାକାଳପଡ଼ା**

## କୁମ୍ଭୀର ନେଲାଣି ୪ ଜୀବନ



ଉପାନ୍ତ ଅଞ୍ଚଳବାସୀଙ୍କ ପାଇଁ କୁମ୍ଭୀର ଏବେ ଆତଙ୍କ ବାତାବରଣ ସୃଷ୍ଟି କରିଛି । ଗତ ୪୫ ଦିନ ମଧ୍ୟରେ ୪ ଘଟଣାରେ ୪ ଜଣଙ୍କ ମୃତ୍ୟୁ ହୋଇଛି । ଗତ ଗୁରୁବାର ପଟ୍ଟାମୁଣ୍ଡାଇ ବ୍ଲକ କୁଲସାହିର ଅମୂଲ୍ୟ ଦାସ ଶୌଚ ପାଇଁ ବ୍ରାହ୍ମଣୀ ନଦୀକୁ ଯାଇଥିଲେ । ସେଠାରେ ତାଙ୍କୁ କୁମ୍ଭୀର ଟାଣିନେଲା । ଅମୂଲ୍ୟଙ୍କ ମୁଣ୍ଡ ନଦୀରୁ ଶୁକ୍ରବାର ମିଳିଛି । ଏହାପୂର୍ବରୁ ଏହି ବ୍ରାହ୍ମଣୀ ନଦୀକୁ ଗାଧୋଇବା ପାଇଁ ଗତ ପହିଲି ରଜ ଅର୍ଥାତ୍ ଜୁନ ୧୪ରେ ନିମପୁର ଗ୍ରାମର ୫ ବର୍ଷୀୟ ଆଶୁତୋଷ ଆଚାର୍ଯ୍ୟଙ୍କୁ କୁମ୍ଭୀର ନେଇଥିଲା । ସେହିପରି ବ୍ରାହ୍ମଣୀ ନଦୀରୁ ବାହାରିଥିବା ଏକ ନାଳ ନିକଟରେ ଥିବା ପୋଖରୀରେ ବାସନ ମାଜିବାକୁ ଯାଇଥିବା ହାତିଆଗଡି ଗ୍ରାମର ସୀତାରାଣୀ ଦାସଙ୍କୁ କୁମ୍ଭୀର ଟାଣି ନେଇଛି । ଗତ ଜୁନ ୨୯ ତାରିଖରେ ଘାଘରାଡିଆ ଗ୍ରାମର ଗଙ୍ଗାଧର ତରାଇଙ୍କ ଜୀବନ କୁମ୍ଭୀର ଟାଣି ନେବାରୁ ଯାଇଛି । ଗତ ଦେଢ଼ ମାସ ମଧ୍ୟରେ ବ୍ରାହ୍ମଣୀ ନଦୀରୁ ଗୋଟିଏ ୧୩ ଫୁଟର କୁମ୍ଭୀର ବନ ବିଭାଗ ଉଦ୍ଧାର କରିଥିବା ବେଳେ ରାଜନଗର ବ୍ଲକ ଭେଙ୍କ୍ଟା ଗ୍ରାମର ଏକ ପୋଖରୀରୁ ୬ ଫୁଟର ଆଉ ଗୋଟିଏ କୁମ୍ଭୀର ଉଦ୍ଧାର ହୋଇଛି । କୁମ୍ଭୀର ସହ ସାପ ଆତଙ୍କ ଆରମ୍ଭ ହୋଇଛି । ନାଳ ବା ନଦୀର ଗାଧୁଆ ତୁଠରେ ତାରବାଡ ଦେବା, ଏହି ଅଞ୍ଚଳକୁ ପାନୀୟ ଜଳ ଯୋଗାଣ କରିବା ଦାବିରେ ମହିଳା ମହାସଂଘ ପକ୍ଷରୁ ରାଜନଗର ବନଖଣ୍ଡ ଅଧିକାରୀଙ୍କୁ ଦାବିପତ୍ର ଶୁକ୍ରବାର ପ୍ରଦାନ କରାଯାଇଛି ।

**– ପ୍ରତାପ କୁମାର ପାଢ଼ୀ, ସାମାଜିକ କର୍ମୀ, ପଟ୍ଟାମୁଣ୍ଡାଇ**

## ଜବରଦଖଲରେ ହେନ୍ତାଳବଣ



ହେନ୍ତାଳର ନମନୀୟ ଗୁଣ ଗଛକୁ ଜୁଆର ମାଡ଼ରୁ ରକ୍ଷା କରୁଥିବା ବେଳେ ଏହା ତଟକ୍ଷୟକୁ ରୋକିଥାଏ । ଗତ ୧୯୯୯ ମହାବାତ୍ୟା ସମୟରେ ଏହାର ପ୍ରମାଣ ଦେଖିବାକୁ ମିଳିଥିଲା । ଜୁଆର ଉତ୍ତାଳ ହୋଇଥିଲେ ମଧ୍ୟ ଜିଲା ମଧ୍ୟକୁ ପ୍ରବେଶ କରୁଥିବା ସମୁଦ୍ର ପାଣିକୁ ରୋକୁଥିଲା । ଫଳରେ ଜଗତସିଂହପୁର ଜିଲା ପରି କେନ୍ଦ୍ରାପଡ଼ା ଜିଲାରେ ଏତେ ସଂଖ୍ୟକ ଧନଜୀବନ ନଷ୍ଟ ହୋଇ ନ ଥିଲା । ତେବେ ୧୯୬୦ରୁ ତଟବର୍ତ୍ତୀ ଅଞ୍ଚଳରେ ବସତି ସ୍ଥାପନ ଫଳରେ ଭିତରକନିକାର ବହୁ ହେନ୍ତାଳବଣ ଜବରଦଖଲକୁ ଚାଲିଯାଇଛି । ଏଠାରେ ଥିବା ହେନ୍ତାଳ ବଣକୁ କାଟି ଚିଙ୍ଗୁଡିଘେରି ଆଦି ନିର୍ମାଣ ଫଳରେ ତଟକ୍ଷୟ ଦ୍ରୁତ ବେଗରେ ବଢ଼ିଚାଲିଛି । ଏପରି କି ଏହାଯୋଗୁ ସାତଭାୟା ପଞ୍ଚାୟତର ୫ଟି ଗ୍ରାମ ରାଜସ୍ୱ ମାନଚିତ୍ରରୁ ହଜି ଯାଇଛି । ସମୁଦ୍ର ତଟଠାରୁ ୧୦ କିମି ପରିଧି ମଧ୍ୟରେ ହେନ୍ତାଳବଣ ସୃଷ୍ଟି ହୋଇ ପାରିଲେ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଜିଲାବାସୀଙ୍କ ଧନ ଜୀବନ ରକ୍ଷା ହେବ ।

**– କ୍ଷିତୀଶ କୁମାର ସିଂହ, ଅଧ୍ୟାପକ, କେନ୍ଦ୍ରାପଡ଼ା**

# ଚୋରି ବାଇକ୍ ଫେରିପାଇଲେ ଗାଡ଼ି ମାଲିକ

**କେନ୍ଦ୍ରାପଡ଼ା,୨୯।୭(ଜଗନ୍ନାଥ ଧଳ)**

**ବ୍ରାହ୍ମଣ ନାଳରୁ ଉଦ୍ଧାର କରିଥିଲା ପୋଲିସ**

୨ମାସ ତଳେ ଚୋରି ହୋଇଥିବା ବାଇକ୍‌କୁ ବ୍ରାହ୍ମଣ ନାଳରୁ ଉଦ୍ଧାର କରାଯାଇଥିଲା । ସେହି ବାଇକ୍‌କୁ ଗାଡ଼ି ମାଲିକଙ୍କୁ ରାଜକନିକା ପୋଲିସ ହସ୍ତାନ୍ତର କରିଛି । କେନ୍ଦ୍ରାପଡ଼ା ଜିଲା ରାଜକନିକା ଥାନା ପେଗରପଡ଼ା–ଗୁଣ୍ଡଳ–ଆଖଣ୍ଡଳମଣି ରାସ୍ତାର ବ୍ରାହ୍ମଣ ନାଳରେ ଗୁଣ୍ଡଳ ଗାଁର ଜଣେ ବ୍ୟକ୍ତି ମାଛ ଧରିବାକୁ ଯାଇଥିଲେ । ସେ ନାଳରେ ଜାଲ ପକାଇଥିବା ସମୟରେ କିଛି ଓଜନିଆ ଜିନିଷ ଲାଗିଥିଲା । ଜାଲ ଛିଡିଯିବା ଭୟରେ ସେ ନାଳରେ ପ୍ରବେଶ କରି ଜାଲ ଲାଖିଥିବା ସ୍ଥାନରେ ହାତମାରି ଉକ୍ତ ବାଇକ୍‌ର ସନ୍ଧାନ ପାଇଥିଲେ । ଏ ସଂକ୍ରାନ୍ତରେ ଖବର ପାଇ ରାଜକନିକା ପୋଲିସ ପହଞ୍ଚି ସ୍ଥାନୀୟ ଲୋକଙ୍କ ଦ୍ୱାରା ଉକ୍ତ ବାଇକ୍(ନଂ.ଓଡି୦୪ସି୮୫୨୮)କୁ ନାଳରୁ ଉଦ୍ଧାର କରିଥିଲା । ନମ୍ବର ଯାଞ୍ଚ ପରେ ବାଇକ୍‌ର ମାଲିକ ଯାଜପୁର କପସୀ ଅଞ୍ଚଳର ଅଭୟ ସାମଲ ବୋଲି ଜଣାପଡ଼ିଥିଲା । ପରେ ରାଜକନିକା ପୋଲିସ ଗାଡ଼ି ମାଲିକଙ୍କୁ ଏ ସଂକ୍ରାନ୍ତରେ ଖବର କରିଥିଲା । ଅଭୟ ରାଜକନିକା ଥାନାରେ ପହଞ୍ଚି ଉପଯୁକ୍ତ ପ୍ରମାଣପତ୍ର ସହ ୨ମାସ ତଳେ ଚୋରି ଯାଇଥିବା ବାଇକ୍‌ର ଏତଲା ଦେଖାଇବା ପରେ ପୋଲିସ ତାଙ୍କୁ ବାଇକ୍‌କୁ ହସ୍ତାନ୍ତର କରିଥିବା ଏସ୍‌ଆଇ ଚିନ୍ମୟ ମହାନ୍ତି ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ, ଗତ ୨ ମାସ ତଳେ ଅଭୟଙ୍କ ଏହି ବାଇକ୍ ଯାଜପୁର ମୁଖ୍ୟ ଚିକିତ୍ସାଳୟରୁ ଚୋରି ହୋଇଥିବା ନେଇ ସେ ଥାନାରେ ଅଭିଯୋଗ କରିଥିଲେ ।

# ରତ୍ନଗିରିରେ ଖୋଲିଲା ହୋଣ୍ଡା ଶୋ'ରୁମ୍



ଅତିଥି ଶୋ'ରୁମ୍‌ର ଉଦ୍‌ଘାଟନ କରୁଛନ୍ତି ।

**ବରୀ,୨୯।୭(ମହେନ୍ଦ୍ର ସ୍ୱାଇଁ):**

ବରୀ ବ୍ଲକ୍ ଅଧୀନ ରତ୍ନଗିରିଠାରେ ଏକ ହୋଣ୍ଡା ବାଇକ୍ ଶୋ'ରୁମ୍ ଉଦ୍‌ଘାଟିତ ହୋଇଯାଇଛି । ଚଣ୍ଡିଖୋଲଠାରେ ଏହି ଶୋ'ରୁମ୍ ପ୍ରଥମେ ଆରମ୍ଭ ହୋଇଥିଲା । ବାଇକ୍ ବିକ୍ରି ସହ ଶୋ'ରୁମ ତରଫରୁ ଗ୍ରାହକଙ୍କୁ ସମସ୍ତ ସହଯୋଗ କରାଯିବ ବୋଲି ଓଡ଼ିଶାର ଜୋନାଲ ମ୍ୟାନେଜର ଶିବପ୍ରସାଦ ସିଂ କହିଛନ୍ତି । କାର୍ଯ୍ୟକ୍ରମରେ ଆଞ୍ଚଳିକ ମ୍ୟାନେଜର କିଶୋର କୁମାର ପଟ୍ଟନାୟକଙ୍କ ସମେତ ବାସନ୍ତୀ ହୋଣ୍ଡାର ଚଣ୍ଡିଖୋଲ ପ୍ରୋପାଇଟର ଜନ୍ମେଜୟ ସାହୁ ଉପସ୍ଥିତ ରହି ଉକ୍ତ ଶୋ'ରୁମ୍‌କୁ ଉଦ୍‌ଘାଟନ କରିଥିଲେ । ଏଥିରେ ପ୍ରୋପାଇଟର ଗୁଲସନ ଶର୍ମା, ପାକ୍ତନ ସମିତିସଭ୍ୟ ଅଶୋକ ଜେନା, ଯୁବ ସାମାଜିକ କର୍ମୀ ଦ୍ୟୁତିକୃଷ୍ଣ ଦାସ ଓ ମିଟୁ ସାମଲଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବହୁ ବୁଦ୍ଧିଜୀବୀ ଏବଂ ଯୁବ ସାମାଜିକ କର୍ମୀ ଉପସ୍ଥିତ ଥିଲେ ।

# ପରିବେଶ ପତ୍ରିକା 'ଭିତରକନିକା' ଉନ୍ମୋଚିତ

**ରାଜନଗର,୨୯।୭(ଭାସ୍କର ରାଉତରାୟ)**

ଭିତରକନିକା ରାଜନଗର ମାଟିର ପରିଚୟ । କେବଳ ରାଜନଗର ନୁହେଁ, ଓଡ଼ିଶା ଓ ଭାରତର ମଧ୍ୟ ପରିଚୟ ପାଲଟିଛି ଭିତରକନିକା । ଭିତରକନିକାର ଜୈବ ବିବିଧତା ଓ ଲୁଣା ଜଙ୍ଗଲ ବିରଳ । ଭିତରକନିକାର ଲୁଣା ଜଙ୍ଗଲ ଓ ବନ୍ୟଜନ୍ତୁଙ୍କର ସୁରକ୍ଷା ଏବଂ ସଂରକ୍ଷଣ ପାଇଁ ବ୍ୟାପକ ସଚେତନତାର ଆବଶ୍ୟକତା ରହିଛି । ଭିତରକନିକାକୁ ସୁରକ୍ଷା ଦେବା ଓ ଲୋକଙ୍କୁ ସଚେତନ କରିବା ପାଇଁ ରାଜନଗର ମାଟିରୁ ପ୍ରକାଶ ପାଇଛି ପରିବେଶ ସୁରକ୍ଷା ଓ ସଚେତନ ଧର୍ମୀ ପତ୍ରିକା 'ଭିତରକନିକା' । ରାଜନଗରସ୍ଥିତ ତ୍ରିନାଥବଜାର ପୂର୍ତ୍ତ ବିଭାଗ ଡାକବଙ୍ଗଳା ପରିସରରେ 'ଭିତରକନିକା'ର ପ୍ରଥମ ସଂଖ୍ୟା ଶନିବାର ଉନ୍ମୋଚିତ ହୋଇଛି । ବିଶିଷ୍ଟ କବି ଅଭିରାମ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ସତ୍ୟବାଦୀ ଜେନା, ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ସୂର୍ଯ୍ୟ ନାରାୟଣ ଲେଙ୍କା, ନାଗାନାରାୟଣ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ମାନସ ରଞ୍ଜନ ମିଶ୍ର, ବନପାଳ ମହନ୍ତ କୁମାର ମଲିକ, ବିଶିଷ୍ଟ ପରିବେଶବିତ୍ ତଥା ପତ୍ରିକାର ଉପଦେଷ୍ଟା ଗାଲ୍ପିକ ପ୍ରଦୀପ ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପତ୍ରିକା ଉନ୍ମୋଚନ କରିଥିଲେ । ଭିତରକନିକାରେ କିପରି ଲୁଣା ଜଙ୍ଗଲର ସୁରକ୍ଷା ଓ ଅଭିବୃଦ୍ଧି ପାଇଁ ସ୍ଥାନୀୟ ଲୋକେ ମ୍ୟାନଗ୍ରୁଭ ମିତ୍ର କାର୍ଯ୍ୟକ୍ରମରେ ସାମିଲ ହୋଇ ଜମି ଦାନ କରୁଛନ୍ତି ଓ ୨୦୧୭ ପରଠୁ କ୍ରମାଗତ ଭାବେ ଭିତରକନିକାରେ ଲୁଣା ଜଙ୍ଗଲ ବୃଦ୍ଧି ପାଉଥିବାରୁ ଏହା ପରିବେଶ ପ୍ରତି ଭଲ ସମ୍ଭାବନା ବୋଲି କହିଥିଲେ । ଏଥିସହ ଜଳବାୟୁ ପରିବର୍ତ୍ତନ ଭଳି ସ୍ଥିତିରୁ ମୁକୁଳିବାକୁ ହେଲେ ବ୍ୟାପକ ଚାରାରୋପଣ ସହିତ ଲୁଣା ଜଙ୍ଗଲର ସୁରକ୍ଷା ଓ ଅଭିବୃଦ୍ଧିର ଆବଶ୍ୟକତା ରହିଛି ବୋଲି ଅତିଥି ମାନେ ମତପ୍ରକାଶ କରିଥିଲେ । ଏଥିପାଇଁ ବ୍ୟାପକ ସଚେତନତାର ଆବଶ୍ୟକତା ରହିଛି ଓ 'ଭିତରକନିକା' ପତ୍ରିକା ସଚେତନତାର ବାର୍ତ୍ତାବହ ହେବ ବୋଲି କହିଥିଲେ ।

# ବେଦାନ୍ତ ଫେକର ପକ୍ଷରୁ ବିଶ୍ୱ ବ୍ୟାଘ୍ର ଦିବସ



ବେଦାନ୍ତ ଫେକର କାରଖାନାରେ ବ୍ୟାଘ୍ର ଦିବସ ପାଳନ କରାଯାଉଛି ।

**ଯାଜପୁର,୨୯।୭ (ହର୍ଷବର୍ଦ୍ଧନ ବେହେରା)**

ବେଦାନ୍ତ ଫେକର କାରଖାନାରେ ବିଶ୍ୱ ବ୍ୟାଘ୍ର ଦିବସ ପାଳିତ ହୋଇଯାଇଛି । କାରଖାନାର ସିଇଓ ପଙ୍କଜ ଶର୍ମା ଜାତୀୟ ସ୍ତରରେ ବ୍ୟାଘ୍ର ସଂରକ୍ଷଣ ପାଇଁ ବେଦାନ୍ତ ସକ୍ରିୟ ଭାବେ କାର୍ଯ୍ୟ କରୁଛି ବୋଲି କହିବା ସହ କର୍ମଚାରୀମାନଙ୍କଠାରୁ ସେଭ୍ ଟାଇଗର ପ୍ରତିଶ୍ରୁତି ନେଇଥିଲେ । ସେ ଆହୁରି କହିଥିଲେ, ବାଘ ଜାତୀୟ ଗର୍ବର ପ୍ରତୀକ । ସେମାନଙ୍କ ବାସସ୍ଥାନକୁ ସୁରକ୍ଷା ଦେବା ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ ହେବା ଆବଶ୍ୟକ । ଏହି ଅବସରରେ ଚିତ୍ରାଙ୍କନ, ପ୍ରତିଶ୍ରୁତି ଗ୍ରହଣ ଆଦି ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଉତ୍ସବକୁ ପାଳନ କରାଯାଇଥିଲା । କାର୍ଯ୍ୟକ୍ରମରେ ଉପସ୍ଥିତ ଅନ୍ୟ ଅଧିକାରୀମାନେ ଫେକର ସଦାସର୍ବଦା ଲୋକଙ୍କ ସ୍ୱାର୍ଥ ପାଇଁ କାର୍ଯ୍ୟ କରୁଥିବାବେଳେ ସୋଲାର ଆଲୁଅ ବ୍ୟବସ୍ଥା, ସ୍ୱାସ୍ଥ୍ୟ, ଶିକ୍ଷା, ଜୀବନଜୀବିକା, ଗୋଷ୍ଠୀ ଭିତ୍ତିଭୂମି ଆଦି ଉପରେ ଗୁରୁତ୍ୱ ଦେଉଛି ବୋଲି ମତବ୍ୟକ୍ତ କରିଥିଲେ ।

# ପରିଚାଳନା କମିଟି ସଭାପତି ନିଯୁକ୍ତିକୁ ନେଇ ବିବାଦ

**କେନ୍ଦ୍ରାପଡ଼ା,୨୯।୭(ଜଗନ୍ନାଥ ଧଳ)**

ଉଚ୍ଚ ଶିକ୍ଷା ବିଭାଗ ପଟ୍ଟାମୁଣ୍ଡାଇ କଲେଜ ପରିଚାଳନା କମିଟିର ନୂତନ ସଭାପତି ଭାବେ ପ୍ରଫେସର ଅଧିକାରୀ ଲକ୍ଷ୍ମୀନାରାୟଣ ଦାଶଙ୍କୁ ନିଯୁକ୍ତି ଦେଇଛନ୍ତି । ଦାଶଙ୍କ ନିଯୁକ୍ତିକୁ ନେଇ ପଟ୍ଟାମୁଣ୍ଡାଇ ବୁଦ୍ଧିଜୀବି ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି । ଏକ ପ୍ରେସ ବିବୃତିରେ ପଟ୍ଟାମୁଣ୍ଡାଇ ବିକାଶ ପରିଷଦର ସଭାପତି ଗୋପୀବଲ୍ଲଭ ନାୟକ, ସମ୍ପାଦକ ଆଡଭୋକେଟ ଗୋପୀନାଥ ତ୍ରିପାଠୀ , ବରିଷ୍ଠ ନାଗରିକ ମଞ୍ଚ ସଭାପତି ପ୍ରଫେସର ଅନିରୁଦ୍ଧ ରାଉଳ ,ସମ୍ପାଦକ ପ୍ରଫେସର ଭରତ ଚନ୍ଦ୍ର ପାତ୍ର , ବରିଷ୍ଠ ସଦସ୍ୟ ପ୍ରଫେସର ଦୁର୍ଯ୍ୟୋଧନ ପରିଡା , ଶିକ୍ଷାବିତ୍ ବିଜୟ କୁମାର ସାହୁ , ପୂର୍ବତନ ସରପଞ୍ଚ ସଂଘ ସଭାପତି ବୀରକିଶୋର ଦାସ, ବରିଷ୍ଠ ନାଗରିକ ପ୍ରମୋଦ କୁମାର ଜେନା, ନୃସିଂହ ପ୍ରସାଦ ଚୌଧୁରୀ ପ୍ରମୁଖ ବହୁ ବରିଷ୍ଠ ନାଗରିକ ବୁଦ୍ଧିଜୀବି , ଶିକ୍ଷାବିତ୍ ପଟ୍ଟାମୁଣ୍ଡାଇ କଲେଜ ପରିଚାଳନା କମିଟି ସଭାପତି ଭାବେ ଦାଶଙ୍କ ନିଯୁକ୍ତିକୁ ବିରୋଧ କରିବା ସହିତ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ସେମାନେ କହିଛନ୍ତି ପ୍ରଫେସର ଅଧିକାରୀ ଲକ୍ଷ୍ମୀ ନାରାୟଣ ଦାଶ ପଟ୍ଟାମୁଣ୍ଡାଇ କଲେଜ ଅଧ୍ୟକ୍ଷ ଥିବାବେଳେ ଓ ଅବସର ପରେ ନାକ୍ ଟିମ୍ ପରିଦର୍ଶନ ସମୟରେ ଦାୟିତ୍ୱରେ ଥାଇ ବିବାଦୀୟ ହୋଇପଡିଥିଲେ । ଏଣୁ ଏଭଳି ବ୍ୟକ୍ତିଙ୍କୁ କେନ୍ଦ୍ରାପଡ଼ା ଜିଲାର ଦ୍ୱିତୀୟ ବୃହତମ ପଟ୍ଟାମୁଣ୍ଡାଇ କଲେଜର ପରିଚାଳନା କମିଟି ସଭାପତି ଭାବେ ନିଯୁକ୍ତି ଦିଆଯିବା ଦ୍ୱାରା କଲେଜର ଗାରିମା କ୍ଷୁର୍ଣ୍ଣ ହୋଇଛି । ଘଟଣାର ପୁର୍ନର୍ବିଚାର କରିବାକୁ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ନିକଟରେ ଉପରୋକ୍ତ ସଦସ୍ୟ ମାନେ ଦାବି କରିଛନ୍ତି ।

# ସଫଳ ପାନଚାଷୀ ଆତ୍ମାନନ୍ଦ



ପାନବରଜରେ ଆତ୍ମାନନ୍ଦ ।

**ଝୁମ୍ପୁରୀ,୨୯।୭(ସରୋଜ ନାୟକ):** ଦଶରଥପୁର ବ୍ଲକ୍ ନିଜାମପୁର ପଞ୍ଚାୟତ ନଚ୍ଛିନ୍ଦ୍ରପୁର ଗ୍ରାମର ଆତ୍ମାନନ୍ଦ ବିଶ୍ୱାଳ ଜଣେ ସଫଳ ପାନଚାଷୀଭାବେ ସମଗ୍ର ଅଞ୍ଚଳରେ ପରିଚିତ । ନିକଟସ୍ଥ ମଙ୍ଗଳପୁର ବଜାରରେ ନିଜେ ଚାଷ କରିଥିବା ପାନକୁ ଦୋକାନ ଦୋକାନରେ ବିକ୍ରି କରିଥାନ୍ତି । କମ୍ ଜମିରେ କମ୍ ଖର୍ଚ୍ଚରେ ଏହି ପାନଚାଷ କରି୍ ଦି' ପଇସା ରୋଜଗାର କରନ୍ତି ବୋଲି କୁହନ୍ତି ଆତ୍ମାନନ୍ଦ । କଟକ ନିଆଳି ଅଞ୍ଚଳର ଜଣେ ମହିଳାଙ୍କ କଥାକୁ ଗୁରୁତ୍ୱ ଦେଇ ଆତ୍ମାନନ୍ଦ ୨୦୧୬ରୁ ପାନଚାଷ ଆରମ୍ଭ କରିଥିଲେ । ପ୍ରଥମରୁ ଏହି ଚାଷକୁ ନେଇ ଖୁବ୍ ଭାଙ୍ଗିପଡ଼ିଥିବା ଆତ୍ମାନନ୍ଦ ପରବର୍ତ୍ତୀ ସମୟରେ ସଫଳ ହୋଇଥିଲେ । ଏଥିସହ ସେ ନିଜ ପରିବାର ଭରଣପୋଷଣ ପାଇଁ ଧାନଚାଷ ସହ ନିଜ ବାଡ଼ିରେ ଥିବା ଏକ ପୋଖରୀରେ ମାଛଚାଷ ମଧ୍ୟ କରିଛନ୍ତି । ତାଙ୍କର ଏହି ଉନ୍ନତ ଚାଷ ପ୍ରଣାଳୀକୁ ତାରିଫ୍ କରାଯାଇ ଯାଜପୁର ରୋଟାରି କ୍ଲବ୍ ତରଫରୁ ତାଙ୍କୁ ନିକଟରେ ସଫଳ ଚାଷୀଭାବେ ପୁରସ୍କୃତ କରାଯାଇଛି । କିନ୍ତୁ ଦୁଃଖର କଥା ଏପର୍ଯ୍ୟନ୍ତ ତାଙ୍କୁ ସରକାରୀ ପ୍ରୋତ୍ସାହନ ମିଳିନାହିଁ । ସେ ଚାଷପାଇଁ ଏକ ବୋରିଂ ପଏଣ୍ଟ କରିଥିବାବେଳେ ବିଦ୍ୟୁତ୍ ସଂଯୋଗ ହୋଇପାରିନାହିଁ । ଯଦି କୃଷି ବିଭାଗ ପକ୍ଷରୁ ତାଙ୍କୁ ପ୍ରୋତ୍ସାହନ ଦିଆଯାଏ, ତେବେ ସେ ଆଗକୁ ଚାଷରେ ଆହୁରି ଉନ୍ନତି କରିପାରିବେ ବୋଲି ଗ୍ରାମର କେତେଜଣ ବ୍ୟକ୍ତି ମତବ୍ୟକ୍ତ କରିଛନ୍ତି ।

# ଭାରତ ରତ୍ନ ଜେଆର୍‌ଡି ଟାଟାଙ୍କ ଜୟନ୍ତୀ ଉତ୍ସବ



ଜେଆର୍‌ଡି ଟାଟାଙ୍କ ଜୟନ୍ତୀ ଉତ୍ସବରେ ଯୋଗଦେଇଥିବା ଅଧିକାରୀ ଓ କର୍ମଚାରୀମାନେ ।

**କଳିଙ୍ଗନଗର,୨୯।୭(ଶୁଭାଶିଷ ରାଉତ)**

କଳିଙ୍ଗନଗର ଟାଟା ଷ୍ଟିଲ୍ (ଟିଏସ୍‌କେ) ପକ୍ଷରୁ ଭାରତ ରତ୍ନ ଜେଆର୍‌ଡି ଟାଟାଙ୍କ ୧୧୯ତମ ଜୟନ୍ତୀ ଉତ୍ସବ ଶନିବାର ଡୁବୁରିସ୍ଥିତ କାରଖାନା ପରିସରରେ ପାଳିତ ହୋଇଯାଇଛି । ବ୍ରାହ୍ମଣୀପାଳ ହାଉସିଂ କମ୍ପ୍ଲେକ୍ସରୁ କଳିଙ୍ଗନଗର ଟାଟା ଷ୍ଟିଲ୍‌ର ସପ୍ତମ ସଂସ୍କରଣ ମାରାଥନ ରନ–ଏ–ଥନ ସହ ଜେଆର୍‌ଡି ଟାଟାଙ୍କ ଜୟନ୍ତୀ ପାଳନ ଉତ୍ସବ ଆରମ୍ଭ ହୋଇଥିଲା । ଏଥିରେ ୫ କିମି ଓ ୨ କିମି ଦୌଡ଼ ସାମିଲ ଥିଲା । ଏଥିରେ ଟାଟା ଷ୍ଟିଲ୍, ନୀଳାଚଳ ଇସ୍ପାତ ନିଗମ, ସିଆଇଏସ୍‌ଏଫ୍ ଓ ବ୍ରାହ୍ମଣୀପାଳ ଫେରୋ ଆଲଏଜ୍ ପ୍ଲାଣ୍ଟର କର୍ମଚାରୀ ଓ ସେମାନଙ୍କ ପରିବାର ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ । ଏହି ଦୌଡ଼ ଆରମ୍ଭ ହେବା ପୂର୍ବରୁ ଭାରତ ରତ୍ନ ଜେଆର୍‌ଡି ଟାଟାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ଟିଏସ୍‌କେ କାରଖାନା ପରିସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଟାଟା ଷ୍ଟିଲ୍‌ର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଜେଆର୍‌ଡି ଟାଟାଙ୍କ ଫଟୋଚିତ୍ରରେ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ । ଏଥିସହିତ ପରିବେଶ ବିଭାଗ ପକ୍ଷରୁ କାରଖାନା ପରିସରରେ ଏକ ବୃକ୍ଷରୋପଣ ଅଭିଯାନ ଆୟୋଜନ କରାଯାଇଥିଲା । ସେଥିରେ କର୍ମଚାରୀ ଓ ଠିକାଶ୍ରମିକ ୫୦୦ରୁ ଅଧିକ ଚାରାରୋପଣ କରିଥିଲେ । ଏହାବାଦ୍ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟର ଓଡ଼ିଶା ରକ୍ତ ଭଣ୍ଡାର ଓ ଟାଟାଷ୍ଟିଲ୍ ଫାଉଣ୍ଡେଶନର ଇଞ୍ଜିନିୟରିଂ ଓ ପ୍ରୋଜେକ୍ଟ ଟିମ୍ ପକ୍ଷରୁ କାରଖାନା ପରିସରରେ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା । ଏଥିରେ କର୍ମଚାରୀ, ଭେଣ୍ଡର ପାର୍ଟନର ଓ ଠିକାଶ୍ରମିକମାନେ ସ୍ୱେଚ୍ଛାକୃତ ଭାବେ ୧୧୦ ୟୁନିଟ୍ ରକ୍ତ ଦାନ କରିଥିଲେ । ଏଥିସହିତ କଳିଙ୍ଗନଗରରେ ୧୫୦ରୁ ଅଧିକ ଛାତ୍ରୀଛାତ୍ରଙ୍କୁ ନେଇ ଟାଟା ଷ୍ଟିଲ୍ ଫାଉଣ୍ଡେଶନ (ଟିଏସ୍‌ଏଫ୍) ପକ୍ଷରୁ ଏକ କୁଇଜ୍ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ସମସ୍ତ କାର୍ଯ୍ୟକ୍ଷେତ୍ରର କର୍ମଚାରୀମାନଙ୍କ ଲାଗି ଡିଜିଟାଲ୍ ଶ୍ରଦ୍ଧାଞ୍ଜଳି, ଭର୍ଚୁଆଲ ପ୍ରଦର୍ଶନୀ ଓ ଅନ୍ୟାନ୍ୟ ଭାବବିନିମୟ ଅଧିବେଶନ ଆଦି ଅନଲାଇନ୍ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ।

## ସଂକ୍ଷେପରେ

### ଆଇନ ସହାୟତା ପାଇଁ ସଚେତନତା ଗାଡ଼ି ବୁଲିଲା



କୁଜଙ୍ଗ, ୨୯।୭ (ମନୋଜ ପ୍ରଧାନ)

କୁଜଙ୍ଗ ତାଲୁକ ଆଇନସେବା କମିଟି ପକ୍ଷରୁ ଶନିବାର ଆଇନ ସହାୟତା ନିମନ୍ତେ ଏକ ସଚେତନତା ଗାଡି ବିଭିନ୍ନ ଅଞ୍ଚଳ ପରିକ୍ରମା କରିଛି। ଅସହାୟ ଓ ଗରିବ ଲୋକଙ୍କୁ ମାଗଣାରେ ଆଇନ ସେବା ଯୋଗାଇ ଦିଆଯିବା ନେଇ ସଚେତନତା କରାଯାଉଛି ବୋଲି କୁଜଙ୍ଗ ତାଲୁକ ଆଇନସେବା କମିଟି ଅଧକ୍ଷ ତଥା ଅତିରିକ୍ତ ଜିଲା ଓ ଦୌରାଜଜ୍ ପାର୍ଥସାରଥି ପଟ୍ଟନାୟକ କହିଥିଲେ। ଏହି ଅବସରରେ ସେ ସଚେତନା ଗାଡ଼ିର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ କୁଜଙ୍ଗ ବାର୍ ଆସୋସିଏଶନ ସଭାପତି ସତ୍ୟାନନ୍ଦ ବିଶ୍ୱାଳ, ତାଲୁକ ଆଇନସେବା କମିଟି ରିଟେନର ଆଇନଜୀବୀ ଏଏନ୍‌ଡି ଯାଦବ, କୈଳାସ ଚନ୍ଦ୍ର ମହାପାତ୍ର ଓ ନୃସିଂହ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

### ବେଆଇନ ବାଲି ଉଠାଣ: ୨ ଟ୍ରାକ୍ଟର ଜବତ

କୁଜଙ୍ଗ,୨୯।୭(ମନୋଜ ପ୍ରଧାନ)

ଏରସମା ତହସିଲ ଅନ୍ତର୍ଗତ ଗଡ଼କୁଜଙ୍ଗ ଗ୍ରାମର ସରକାରୀ ଜାଗାରୁ ବେଆଇନ ଭାବେ ବାଲି ଉଠାଇ ୨ଟି ଟ୍ରାକ୍ଟର ରାସ୍ତାରେ ଯାଉଥିବାବେଳେ ଅଭୟଚାନ୍ଦପୁର ପୋଲିସ ହାତରେ ଧରାପଡ଼ିଛି। ଉଭୟ ଗାଡ଼ିର ଚାଳକ ତହସିଲଦାରଙ୍କ କୌଣସି ଅନୁମତିପତ୍ର ଥିବା ଦର୍ଶାଇ ନ ପାରିବାରୁ ତାହାକୁ ଜବତ କରାଯାଇଥିଲା। ଏନେଇ ଏରସମା ଅତିରିକ୍ତ ତହସିଲଦାର ଅଞ୍ଜନ ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ଗାଡ଼ି ଦ୍ୱୟରୁ ଜରିମାନା ବାବଦରେ ୫ ହଜାର ଟଙ୍କା ଲେଖାଏ ଆଦାୟ କରାଯାଇଥିଲା। ଏହାପରେ ଉକ୍ତ ଗାଡ଼ିକୁ ଛାଡ଼ି ଦିଆଯାଇଛି ବୋଲି ଥାନା ଅଧିକାରୀ ରାଜକିଶୋର ବେହେରା କହିଛନ୍ତି।

### ବଜ୍ରପାତରେ ଅନେକ ପରିବାରର ବିଦ୍ୟୁତ୍ ଉପକରଣ ନଷ୍ଟ

କୁଜଙ୍ଗ ୨୯।୭ (ମନୋଜ ପ୍ରଧାନ)

ଏରସମା ବ୍ଲକ ଢିଙ୍କିଆ ପଞ୍ଚାୟତ ଅନ୍ତର୍ଗତ ତ୍ରିଲୋଚନପୁର ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ବଜ୍ରପାତ ଯୋଗୁ ଅନେକ ପରିବାରର ବିଦ୍ୟୁତ୍ ଉପକରଣ ନଷ୍ଟ ହୋଇଥିବାବେଳେ ଗ୍ରାମର ନିରଞ୍ଜନ ବିଶ୍ୱାଳ ସାମାନ୍ୟ ଆହତ ହୋଇଛନ୍ତି। ବିଶ୍ୱାଳଙ୍କ ସୂଚନା ଅନୁଯାୟୀ, ରାତିରେ ବାଡିରେ ଥିବା ନଡ଼ିଆଗଛ ଉପରେ ବଜ୍ରପାତ ହୋଇଥିଲା। ଶବ୍ଦ ଶୁଣି ସେ ପଦାକୁ ଆସିବାବେଳେ ପୁନର୍ବାର ବଜ୍ରପାତ ହୋଇଥିଲା। ଏଥିରେ ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ ଫୋଟକା ହେବା ସହ ତାଙ୍କ ଘରର ସମସ୍ତ ବୈଦ୍ୟୁତିକ ଉପକରଣ ପୋଡ଼ିଯାଇଛି ବୋଲି କହିଛନ୍ତି।

# ସରକାରୀ ଜମି ଜବରଦଖଲ: ଡ୍ରେନ୍ ସମସ୍ୟା ବଢୁଛି

ଜଗତ୍‌ସିଂହପୁର, ୨୯।୭
(ପ୍ରମୋଦ କୁମାର ନାୟକ)

**ଜଗତ୍‌ସିଂହପୁର ସହର**
- ଜଳ ନିଷ୍କାସନରେ ସମସ୍ୟା ଉପୁଜିଛି
- ନୀଚା ଜମିରେ ଥିବା ଘରେ ପାଣି ପଶୁଛି

ଜଗତ୍‌ସିଂହପୁର ସହରରେ ଡ୍ରେନ୍ ସମସ୍ୟା ନେଇ ଦୀର୍ଘ ବର୍ଷ ଧରି ଅସନ୍ତୋଷ ଲାଗି ରହିଥିଲେ ସୁଦ୍ଧା ତା'ର କୌଣସି ପ୍ରତିକାର ହେଉନାହିଁ। କେତେଜଣ ପ୍ରଭାବଶାଳୀ ବ୍ୟକ୍ତିଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଜଗତ୍‌ସିଂହପୁର ଡ୍ରେନେଜ୍ ଡିଭିଜନ ଓ ପୌର ପ୍ରଶାସନ ଉପର ଠାଉରିଆ ପଦକ୍ଷେପ ନେଉଥିଲେ ସୁଦ୍ଧା ବାସ୍ତବରେ ଆନ୍ତରିକତା ପ୍ରକାଶ କରୁନାହିଁ। ଏବେ ଆଉ ଏକ ସମସ୍ୟା ଚିନ୍ତାର କାରଣ ହେଲାଣି। ତାହା ହେଲା କେନାଲ ପାର୍ଶ୍ୱରେ ଥିବା ସରକାରୀ ଜମି (ଚିରକାଳ)କୁ ଜବରଦଖଲ କରି ଅନେକ ଲୋକ ପୋତି ଦେଇଛନ୍ତି। ଏହାଦ୍ୱାରା ସାମାନ୍ୟ ବର୍ଷାରେ ବି ପାଣି ଜମି ରହି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ଏଥିସହ ଅନେକ ସରକାରୀ ଓ ବେସରକାରୀ ଲୋକଙ୍କ ଘରକୁ ଯାତାୟାତରେ ବାଧା ସୃଷ୍ଟି ହେଉଛି। ଏହାର ସମାଧାନ ନ ହେଲେ ଆଗକୁ ପରିସ୍ଥିତି ଅଧିକ ଜଟିଳ ହେବ ବୋଲି ଆଶଙ୍କା ପ୍ରକାଶ ପାଇଛି।

ପ୍ରାକୃତିକ ନାଳ କିମ୍ବା ଡ୍ରେନ୍ ରୋକାଯାଇ ପାରିବନାହିଁ ବୋଲି ନିୟମ ରହିଛି। ଏହାର ଗତି ବଦଳାଯାଇ ପାରିବନାହିଁ। କେହି ଜବରଦଖଲ କଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। କୋର୍ଟଙ୍କ ଏହି ନିର୍ଦ୍ଦେଶ ପାଳନ କରିବା ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଅଛି।



ଠାକୁର ଅନୁକୂଳଚନ୍ଦ୍ରଙ୍କ ଆଶ୍ରମ ପାର୍ଶ୍ୱରେ ଜଳବନ୍ଦୀ ହୋଇଥିବା ଗୃହ।



ସରକାରୀ ଜମି ଜବରଦଖଲ କରାଯାଇଛି।

ରାଜ୍ୟ ସରକାର ମଧ୍ୟ ବିଭିନ୍ନ ସମୟରେ ନାଳ କିମ୍ବା ଡ୍ରେନ୍‌ରେ ଯେପରି ଜଳ ନିଷ୍କାସନରେ ବାଧା ନ ଉପୁଜିବ ସେନେଇ ଜିଲା ପ୍ରଶାସନକୁ ଚିଠି କରୁଛନ୍ତି। ନଗର ଉନ୍ନୟନ ବିଭାଗ ପକ୍ଷରୁ ଜଗତ୍‌ସିଂହପୁରକୁ ଏ ସଂକ୍ରାନ୍ତୀୟ ଚିଠି ଆସିଛି। ଏଥିରେ ଉଲ୍ଲେଖ ଅଛି, ଡ୍ରେନ୍‌ଗୁଡିକର ଯେଉଁସବୁ ସ୍ଥାନରେ ପାଣି ଜମି ରହୁଛି ସେଗୁଡିକ ସଫା କରି ଜଳ ନିଷ୍କାସନକୁ ସ୍ୱାଭାବିକ କର। ଜବରଦଖଲ ହୋଇଥିଲେ ଉଚ୍ଛେଦ କର। ଡ୍ରେନ୍ ବା ନାଳଗୁଡିକ ଯେଉଁ ବିଭାଗ ଅଧୀନରେ ଯାଉଛି ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ସହ ଯୋଗାଯୋଗ କରି ଜବରଦଖଲ ଉଚ୍ଛେଦ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କର। ଆବଶ୍ୟକ ପଡ଼ିଲେ ପୋଲିସର ସହାୟତା ନେଇ ଏହି କାମ କରିବାକୁ ନଗର ଉନ୍ନୟନ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଅଛି। ଏହି ଚିଠି ପାଇଲା ପରେ ଅତୀତରେ ଜଗତ୍‌ସିଂହପୁର ପୌର ପରିଷଦ ପକ୍ଷରୁ ବୈଠକ କରାଯିବା ସହ ସହରରେ ଯାଇଥିବା ୩ଟି ଡ୍ରେନେଜ୍ କଟ୍‌କୁ ଜବରଦଖଲମୁକ୍ତ ଓ ସଫା କରାଯିବା ନେଇ ନିଷ୍ପତ୍ତି ହୋଇଥିଲା। କିନ୍ତୁ ଏହା କେବଳ ବୈଠକରେ ହିଁ ସୀମିତ ରହିଛି।

ପରିଷଦ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଜଗତ୍‌ସିଂହପୁର ସହର ଦେଇ ନାଗପୁର, ପାଣିଶାଳିଆ ଓ ମାଧପୁର ଡ୍ରେନ୍ ଯାଇଛି। ନାଗପୁର ଡ୍ରେନ୍ ଜଗତ୍‌ସିଂହପୁରରୁ ବାହାରିଥିବା ବେଳେ ସେଥିରୁ ୩ କିଲୋମିଟର ଜଗତ୍‌ସିଂହପୁର ପୌର ପରିଷଦ ଅଧୀନରେ ରହିଛି । ଏହା ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖ ରାସ୍ତାର ଅପରପାର୍ଶ୍ୱରୁ ବାହାରି ଟାଉନ ହଲ୍ ଛକ-ସିପି-ଖେରସ ମୌଜା ଦେଇ ପୁରୋହିତପୁର ପାଖରେ ନାଳରେ ପଡ଼ିଛି । ଜଗତ୍‌ସିଂହପୁର ସହରରେ ଏହି ଡ୍ରେନ୍‌ର ଓସାର ପାଖାପାଖି ୩୦ ଫୁଟ ହେବ ବୋଲି କୁହାଯାଉଥିବା ବେଳେ ବାସ୍ତବରେ କିନ୍ତୁ ଏହା ଜବରଦଖଲ କାରଣରୁ ସଙ୍କୁଚିତ ହୋଇଯାଇଛି। ଏବେ ଏହାର ଓସାର ମାତ୍ର ୫/୬ ଫୁଟ ଭିତରେ ଥିବା କୁହାଯାଉଛି। ସେହିପରି ପାଣିଶାଳିଆ ଡ୍ରେନ୍‌ର ଦୈର୍ଘ୍ୟ ପାଖାପାଖି ୧.୫ କିଲୋମିଟର ହେବ। ଏହା ସହରରେ ଥିବା ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ନିକଟରୁ ବାହାରି ବସ୍‌ଷ୍ଟାଣ୍ଡ, ଟାଉନ ହଲ୍ ଛକ ଦେଇ ପାଣିଶାଳିଆ ଅମୁହାଁଦଣ୍ଡା ପର୍ଯ୍ୟନ୍ତ ଲମ୍ବିଛି। ଏହି ଡ୍ରେନ୍ ମଧ୍ୟ ଜବରଦଖଲ ହୋଇଛି। ମାଧପୁର ଡ୍ରେନ୍‌ର ଲମ୍ବ ପାଖାପାଖି ୨ କିଲୋମିଟର ହେବ। ଏହି ଡ୍ରେନ୍‌ର କମ୍ ସ୍ଥାନ ଜବରଦଖଲ ହୋଇଥିବା ଜଣାପଡ଼ିଛି। ଫଳରେ ଜଳ ନିଷ୍କାସନରେ ବାଧା ଉପୁଜିଛି। ନାଗପୁର ଡ୍ରେନ୍‌ଟି ସବୁଠାରୁ ଅଧିକ ଅବ୍ୟବସ୍ଥିତ ଅବସ୍ଥାରେ ରହିଛି। ଜବରଦଖଲ ସାଙ୍ଗକୁ ବ୍ୟବସାୟୀମାନେ ଏଥିରେ ଅଳିଆଆବର୍ଜନା ପକାଉଥିବାରୁ ଦୁର୍ଗନ୍ଧରେ ନାକ ଫାଟି ପଡୁଛି। ଜଗତ୍‌ସିଂହପୁର ପୌର ପରିଷଦ ପକ୍ଷରୁ ମଧ୍ୟ ସଫେଇ ଠିକ୍ ଭାବେ ହେଉନାହିଁ। ଅନ୍ୟପଟେ ଜଗତ୍‌ସିଂହପୁର ପୌର ପରିଷଦ ୱାର୍ଡ ସଂଖ୍ୟା ୨ରୁ ଆରମ୍ଭ କରି ଅନ୍ୟ ୱାର୍ଡ ଦେଇ ଯାଇଥିବା କେନାଲ ପାର୍ଶ୍ୱରେ ଥିବା ଚିରକାଳ ସରକାରୀ ଜମିକୁ ଅନେକ ବ୍ୟକ୍ତି ନିଜ ଦଖଲକୁ ନେଇ ପୋତି ଚାଲିଛନ୍ତି। ଯେହେତୁ ଚିରକାଳ ଜମି ଦେଇ ଜଳ ନିଷ୍କାସନ ହୋଇପାରୁଥିଲା ଏବେ ଏହା ପୋତାଯିବା ପରେ ପରିସ୍ଥିତି ଜଟିଳ ରୂପ ନେଇଛି। ଯେଉଁମାନଙ୍କ ଜମି ନୀଚା ଏବଂ ଆଗରେ ଚିରକାଳ ଜମି ରହିଛି ସେମାନଙ୍କ ଘରେ ଏବେ ପାଣି ପଶୁଛି। ନିଷ୍କାସନ କିମ୍ବା ଜଳ ପ୍ରବାହ ସମ୍ଭବ ହେଉ ନ ଥିବାରୁ ଏହି ପରିବାରଗୁଡିକ ଏକ ପ୍ରକାର ଜଳବନ୍ଦୀ ହୋଇ ରହୁଛନ୍ତି । ଜିଲା ପ୍ରଶାସନ ପ୍ରତିବର୍ଷ ବର୍ଷାଦିନ ପୂର୍ବରୁ କେବଳ ଉପରଠାଉରିଆ ସମୀକ୍ଷା କରି ମୁଣ୍ଡରୁ ଦାୟିତ୍ୱ ହସ୍ତାନ୍ତର କରିଦେଉଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ଜଗତ୍‌ସିଂହପୁର ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂହଙ୍କୁ ପଚାରିବାରୁ ସେ କହିଥିଲେ, ଯେଉଁସବୁ ସ୍ଥାନ ଜବରଦଖଲରେ ଅଛି ସେଗୁଡିକ ଡ୍ରେନେଜ୍ ଡିଭିଜନ ଅଧୀନରେ ରହିଛି। ଏହି ବିଭାଗକୁ ଜବରଦଖଲମୁକ୍ତ ସହ ଭିତ୍ତିଭୂମିରେ ସୁଧାର ପାଇଁ କୁହାଗଲେ ସୁଦ୍ଧା କିଛି ହେଉନାହିଁ। ସେହିପରି ଚିରକାଳ ଜମିରୁ ଜବରଦଖଲ ଉଚ୍ଛେଦ ପାଇଁ ଜଳ ସମ୍ପଦ ବିଭାଗ ପଦକ୍ଷେପ ନେଉନାହିଁ। ତଥାପି ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି ସିଂହ କହିଛନ୍ତି। ଏ ସମ୍ପର୍କରେ ଜଳ ସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ପ୍ରତାପ ଶତପଥୀଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପାରି ନ ଥିଲା।

## ନିମ୍ନମାନର କାର୍ଯ୍ୟ ଅଭିଯୋଗ କରି କାମବନ୍ଦ କଲେ ଗ୍ରାମବାସୀ



ନିର୍ମାଣାଧୀନ ପାଣି ଟାଙ୍କି।



ମାଟି ମିଶା ବାଲି ବ୍ୟବହାର କରାଯାଉଛି।

**ଓଭର ହେଡ୍ ପାଣିଟାଙ୍କି ନିର୍ମାଣ**

କୁଜଙ୍ଗ,୨୯।୭ (ମନୋଜ ପ୍ରଧାନ)

ଜଗତ୍‌ସିଂହପୁର ଜିଲାର ୪ ବ୍ଲକ ଯଥା କୁଜଙ୍ଗ, ଏରସମା, ତିର୍ତ୍ତୋଲ ଓ ରଘୁନାଥପୁର ବ୍ଲକରେ ମେଗା ଜଳ ମିଶନ ଯୋଜନାରେ ଓଭରହେଡ୍ ପାଣିଟାଙ୍କି ନିର୍ମାଣ ଚାଲିଛି। ଏନେଇ ୪୩୨ କୋଟି ଟଙ୍କା ବ୍ୟୟବରାଦ ହୋଇଛି । ଏହି କ୍ରମରେ କୁଜଙ୍ଗ ବ୍ଲକର ପାଟପୁର ପଞ୍ଚାୟତରେ ନିର୍ମାଣାଧୀନ ଟାଙ୍କିରେ ନିମ୍ନମାନର ଗୋଡି, ସିମେଣ୍ଟ ବ୍ୟବହାର କରାଯାଉଥିବା ବେଳେ ଖୋଳାଯାଇଥିବା ମାଟିମିଶା ବାଲିକୁ ଏହି କାର୍ଯ୍ୟରେ ବ୍ୟବହାର କରାଯାଉଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଶୁକ୍ରବାର ରାତିରେ ଏହି ରାସ୍ତାରେ ଢଳାଇ କାର୍ଯ୍ୟ କରାଯାଇଥିଲା। ଶନିବାର ଭୋରୁ ପାଟପୁର ଗ୍ରାମବାସୀ ଆସି ଏହି କାର୍ଯ୍ୟ ନିମ୍ନମାନର ହେଉଥିବା ଅଭିଯୋଗ କରି କାମ ବନ୍ଦ କରିଦେଇଥିଲେ। ପୁନର୍ବାର ଏହାକୁ ତଡ଼ାଯାଇ କାମ ନ ହେବା ପର୍ଯ୍ୟନ୍ତ ଏହି କାର୍ଯ୍ୟ ବନ୍ଦ ରହିବ ବୋଲି ପାଟପୁର ଗ୍ରାମର ରଞ୍ଜନ କୁମାର ସାହୁ, ରମେଶ ଚନ୍ଦ୍ର ସାହୁ, ବାବାଜି ଚରଣ ସାହୁ, ପ୍ରହଲ୍ଲାଦ ନାୟକ ପ୍ରମୁଖ କହିଛନ୍ତି। ଏ ସମ୍ପର୍କରେ ଠିକା କମ୍ପାନୀ ନିର୍ଦ୍ଦେଶକଙ୍କ ଦୃଷ୍ଟି ଆକର୍ଷଣ କରିବାରେ, ହୋଇଥିବା କାମକୁ ହଟାଇ ପୁନର୍ବାର କରାଯିବ ବୋଲି କହିଛନ୍ତି।

## ଦୁର୍ଘଟଣାରେ ଶିକ୍ଷକ ମୃତ

### ହେଲ୍‌ମେଟ ଯୋଗୁ ବଞ୍ଚିଗଲା ପୁଅ ଜୀବନ

ଭଦ୍ରକ, ୨୯।୭(ସନାତନ ରାଉତ)

୧୬ ନଂ. ଜାତୀୟ ରାଜପଥର ଧାମନଗର ଥାନା ଅଧୀନ ବିଷ୍ଣୁପୁର ଛକରେ ଶନିବାର ଅପରାହ୍ନରେ ଦୁର୍ଘଟଣାରେ ଜଣେ ଶିକ୍ଷକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବନ୍ତ ଥାନା ଅଧୀନ ତରାଗ ଗ୍ରାମର ଶିକ୍ଷକ କୈଳାସ ଚନ୍ଦ୍ର ସ୍ୱାଇଁ। ସେ ତାଙ୍କ ପୁଅ ସତ୍ୟରଞ୍ଜନଙ୍କ ସହ ବାଇକ୍‌ରେ ଭଦ୍ରକରୁ ଘରକୁ ଫେରୁଥିଲେ। ପଛପଟୁ ଏକ ଗାଡ଼ି ତାଙ୍କୁ ଧକ୍କା ଦେବାରୁ ବାପ, ପୁଅ ରାସ୍ତାରେ ବାଇକ୍ ସହ ତଳେ ପଡ଼ିଯାଇଥିଲେ। ସତ୍ୟରଞ୍ଜନ ହେଲ୍‌ମେଟ ପିନ୍ଧିଥିବାରୁ ସାମାନ୍ୟ ଆହତ ହୋଇଥିବା ବେଳେ କୈଳାସ ରକ୍ତାକ୍ତ ଅବସ୍ଥାରେ ସଂଜ୍ଞାହୀନ ହୋଇପଡ଼ିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସତ୍ୟରଞ୍ଜନଙ୍କ ଅଭିଯୋଗକ୍ରମେ ଧାମନଗର ଥାନାରେ ମାମଲା (ନଂ.୩୬୬/୨୩) ରୁଜୁ ହୋଇଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ଶ୍ମଶାନ ଜମିରେ ଔଷଧୀୟ ଚାରା ରୋପଣ



ତିର୍ତ୍ତୋଲ, ୨୯।୭ (ଗୌରାଙ୍ଗ ଚରଣ ସ୍ୱାଇଁ)

ପରିବେଶର ସୁରକ୍ଷା ଲାଗି ବାଲିଘର ଫାଉଣ୍ଡେଶନ ପକ୍ଷରୁ ତିର୍ତ୍ତୋଲ ବ୍ଲକ ଇଦ୍ରିସିଂ ପଞ୍ଚାୟତ ପାଇକସାହି ଗ୍ରାମର ଶ୍ମଶାନ ଜମିରେ ଶନିବାର ପରିବେଶ ଉପକାରୀ ଅଶ୍ୱତଥ୍ ଓ ଔଷଧୀୟ ଚାରା ରୋପଣ କରାଯାଇଛି। ଫାଉଣ୍ଡେଶନର ଅଧକ୍ଷ କୈଳାସ ଚନ୍ଦ୍ର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଓ ଗ୍ରାମବାସୀଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ବରିଷ୍ଠ ଶିକ୍ଷାବିତ୍ ନାଗମଣି କର, ସାମାଜିକକର୍ମୀ ବୃନ୍ଦାବନ ନାୟକ ସ୍ଥାନୀୟ ପାଇକସାହି ତଥା ଯାବେଡୁଆଁ ଗ୍ରାମର ଜନସାଧାରଣ ଯୋଗଦେଇ ଚାରା ରୋପଣର ଉପକାରିତା ଉପରେ ଉପଦେଶ ଦେଇଥିଲେ। ପରେ ଗ୍ରାମର ଯୁବବର୍ଗ ଓ ମୁରବିମାନଙ୍କ ସହଯୋଗରେ ଶ୍ମଶାନ ଜମି ଓ ପତିତ ଜମିରେ ପରିବେଶ ଅନୁକୂଳ ଅଶ୍ୱତଥ୍ ବୃକ୍ଷ ଚାରା ସହ ବିଭିନ୍ନ ପ୍ରକାର ଔଷଧୀୟ ଚାରା ରୋପଣ କରାଯାଇଥିଲା। ଏଥିରେ ଗ୍ରାମର ବିଶ୍ୱରଞ୍ଜନ ସୂତାର, କରଣ କୁମାର ସ୍ୱାଇଁ, ରାହୁଲ ମଲ୍ଲିକ, ରୀତେଶ ବେହେରା, ଅମିତ ମଲ୍ଲିକ, ରୁଦ୍ର ନାରାୟଣ ବେହେରା, ରୋହନ ସ୍ୱାଇଁ, ସାଇ ପ୍ରସନ୍ନ ମଲ୍ଲିକ ପ୍ରମୁଖ ସାମିଲ ହୋଇଥିଲେ। ବାଲିଘରର ଏହି ମହତ କାର୍ଯ୍ୟକୁ ସ୍ଥାନୀୟ ବୁଦ୍ଧିଜୀବୀ ଓ ଗ୍ରାମବାସୀ ପ୍ରଶଂସା କରିଥିଲେ। ଶେଷରେ ପାଇକସାହି ଗ୍ରାମ ମୁରବି ଜଗନ୍ନାଥ ସ୍ୱାଇଁ ଉପସ୍ଥିତ ରହି ଏହି ଉପାଦେୟ କାର୍ଯ୍ୟ ଲାଗି ଧନ୍ୟବାଦ ଅର୍ପଣ କରିଥିଲେ।

## ଆଇଓସିଏଲ୍ ରାସ୍ତା ଅବସ୍ଥା ଶୋଚନୀୟ: ମରାମତି ଦାବି

କୁଜଙ୍ଗ,୨୯।୭ (ମନୋଜ ପ୍ରଧାନ)

ତ୍ରିଲୋଚନପୁର ଆଇଓସିଏଲକୁ ସଂଯୋଗ କରୁଥିବା ରାସ୍ତା ଅବସ୍ଥା ଶୋଚନୀୟ ହୋଇଯାଇଛି। ସାମାନ୍ୟ ବର୍ଷାରେ ଆଣ୍ଠୁଏ ପାଣି ଜମି ରହିବାରୁ ଯାତାୟାତ ଠପ୍ ହୋଇଯାଇଛି। ଏହି ରାସ୍ତାର ଗୋଟିଏ ପଟ କୁଜଙ୍ଗ ତ୍ରିଲୋଚନପୁର ସାଗର ରୋଡ ଅନ୍ୟ ପଟ ଢିଙ୍କିଆ ଚାରିଦେଶ ଓ ବାଲିତୁଠକୁ ସଂଯୋଗ କରୁଛି। ଉକ୍ତ ରାସ୍ତାଦେଇ ଦୈନିକ ବହୁ ସଂଖ୍ୟାରେ ଶ୍ରମିକ, କର୍ମଚାରୀ ବିଭିନ୍ନ ଶିଳ୍ପ ସଂସ୍ଥାକୁ ଯାତାୟାତ କରିଥାନ୍ତି। ବନ୍ଦର ଚିକିତ୍ସାଳୟ ଓ ବିଜୁ ସ୍ମାରକୀ ଡାକ୍ତରଖାନାକୁ ରୋଗୀମାନେ ଏହି ବାଟ ଦେଇ ଯାଇଥାନ୍ତି । ମାତ୍ର ଏବେ ରାସ୍ତା ଅବସ୍ଥା ଶୋଚନୀୟ ହୋଇଯାଇଛି। ଏହା ଉପରେ କାହାର ନଜର ନାହିଁ। ଏ ସମ୍ପର୍କରେ ମାହଳ ଗ୍ରାମର ବବୁଲ ମଲ୍ଲିକ, ଫିରୋଜ କୁମାର ବେଉରା, ରୋଶନ ଦାସ, ଗଣେଶ ସାହୁ, ସଚିନ ପ୍ରଧାନ ଓ ବିପୁନି ଦାସ ପ୍ରମୁଖ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି । ୪ ବର୍ଷ ତଳେ ଉକ୍ତ ରାସ୍ତାଟି କୋଟିଏ ଟଙ୍କା ବ୍ୟୟ ଅଟକଳରେ ମରାମତି ହୋଇଥିଲେ ବି ତାହା ଖରାପ ହୋଇଯାଇଥିବା ଢିଙ୍କିଆ ସରପଞ୍ଚ କିଶୋର ପରିଡା କହିଛନ୍ତି। ପୁନର୍ବାର ରାସ୍ତା ମରାମତି ପାଇଁ ସେ ଆଇଓସିଏଲ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇଥିବା କହିଛନ୍ତି। ଏ ସମ୍ପର୍କରେ ଆଇଓସିଏଲ ମାନବସମ୍ବଳ ଅଧିକାରୀ ଧର୍ମେଶ ଚୌଧୁରୀଙ୍କୁ ପଚାରିବାରେ, ସେ ବର୍ତ୍ତମାନ ରାସ୍ତା ଦାୟିତ୍ୱରେ ନାହାନ୍ତି କହି ପ୍ରସଙ୍ଗକୁ ଏଡ଼ାଇ ଦେଇଥିଲେ ।



ତ୍ରିଲୋଚନପୁର-ଆଇଓସିଏଲ୍‌କୁ ସଂଯୋଗ କରୁଥିବା ରାସ୍ତାରେ ପାଣି ଜମିଛି।

## ସ୍ଥାନ ଅଭାବରୁ ଆରମ୍ଭ ହୋଇପାରୁନି ନିର୍ମାଣ କାର୍ଯ୍ୟ

ରଘୁନାଥପୁର, ୨୯।୭
(ରାଜେନ୍ଦ୍ର ନାରାୟଣ ସିଂହ)

**ରେଢୁଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର**
- ସ୍ଥିତି ଅନୁଧ୍ୟାନ କଲେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ
- ୫ ବର୍ଷ ହେଲା ପଡ଼ିରହିଛି ୯ କୋଟି ଟଙ୍କା

ରଘୁନାଥପୁର ବ୍ଲକ ରେଢୁଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ଥାନ ଅଭାବରୁ ନୂତନ କୋଠାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରୁନାହିଁ। ଗତ ୫ ବର୍ଷ ତଳୁ ୯ କୋଟି ଟଙ୍କା ଅନୁଦାନ ଆସି ପଡ଼ିରହିଛି। ଏନେଇ ଆରଡ଼ିସି(କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ)ସୁରେଶ ଚନ୍ଦ୍ର ଦଳେଇ ଶନିବାର ଅପରାହ୍ନରେ ରେଢୁଆ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଏହାର ପଛପାର୍ଶ୍ୱକୁ ଲାଗି ରହିଥିବା ମୃତ କାଠଯୋଡ଼ି ସଫେଇର ଉଚ୍ଚ ଜମିକୁ ଅନୁଧ୍ୟାନ କରିଥିଲେ। ଏହାର ସ୍ଥିତି ଓ ଏରିଆ ସମ୍ପର୍କରେ ଜଗତ୍‌ସିଂହପୁର ଜିଲାପାଳଙ୍କ ସହ ଆଲୋଚନା କରିଥିଲେ। ଉପଜିଲାପାଳ ପିକେ ସାହୁ ଓ ତହସିଲଦାର ରୂପାଲିକା ଦାଶ ସ୍ୱାସ୍ଥ୍ୟକେନ୍ଦ୍ରକୁ ଲାଗି ରହିଥିବା ୧ ଏକର ୪୪ ଡିସିମିଲ ଜମିର ସ୍କେଚ କରି ଆରଡିସି ଦଳେଇଙ୍କୁ ଦେଖାଇଥିଲେ। ପୂର୍ବରୁ ଏହି ସ୍ୱାସ୍ଥ୍ୟକେନ୍ଦ୍ରର ୭୬ ଡିସିମିଲ ଜମି ରହିଛି। ଆଉ ମାତ୍ର ୮୨ ଡିସିମିଲ ଜମି ମୃତ କାଠଯୋଡ଼ିର ଉଚ୍ଚସ୍ଥାନରୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ହସ୍ତାନ୍ତର କରାଗଲେ ସମସ୍ୟାର ସମାଧାନ ହୋଇପାରିବ ବୋଲି ଆରଡିସିଙ୍କ ସହ ଆସିଥିବା ମାହାଙ୍ଗା ବିଧାୟକ ତଥା ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା କହିଥିଲେ। ବର୍ଷାଦିନେ ଉକ୍ତ ସଫେଇରେ ଜଳଧାରଣର କ୍ଷମତା ଓ ଜଳପ୍ରବାହରେ ବାଧକ ହେବ କି ନାହିଁ ସେ ସମ୍ପର୍କରେ ଉପସ୍ଥିତ ଥିବା ଡ୍ରେନେଜ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ହରେକୃଷ୍ଣ ବେହେରାଙ୍କୁ ରିପୋର୍ଟ ଦେବା ପାଇଁ ଆରଡିସି ଦଳେଇ ନିର୍ଦ୍ଦେଶ ଦେଇଥିଲେ। ସ୍ଥାନୀୟ ଲୋକଙ୍କ ଅନୁରୋଧକ୍ରମେ ଏହି ସ୍ୱାସ୍ଥ୍ୟକେନ୍ଦ୍ରର ପୂର୍ବ ପାର୍ଶ୍ୱକୁ ଲାଗି ରହିଥିବା ସ୍ଥାନୀୟ ବୃନ୍ଦାବନଚନ୍ଦ୍ର ବିଦ୍ୟାଳୟର ଜମିକୁ ମଧ୍ୟ ଦଳେଇ ଅନୁଧ୍ୟାନ କରିଥିଲେ। ଡ୍ରେନେଜ ବିଭାଗ ରିପୋର୍ଟ ଦେବାପରେ ପରବର୍ତ୍ତୀ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯିବ ବୋଲି ଆରଡିସି ସୂଚନା ଦେଇଥିଲେ। ଦୀର୍ଘବର୍ଷ ଧରି ଲାଗି ରହିଥିବା ସମସ୍ୟାର ସମାଧାନ ପାଇଁ ବ୍ଲକ ବିଜେଡି ସଭାପତି ଦେବାଶିଷ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ସ୍ୱାସ୍ଥ୍ୟକେନ୍ଦ୍ର ପଡ଼ିଆରେ ଏକ ସଭା ଆୟୋଜନ କରାଯାଇଥିଲା। ଏଥିରେ ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସ ପୌରୋହିତ୍ୟ କରିଥିଲେ। ମାହାଙ୍ଗା ବିଧାୟକ ଜେନା ମୁଖ୍ୟ ଅତିଥିଭାବେ ଯୋଗଦେଇ ସେ ସ୍ୱାସ୍ଥ୍ୟମନ୍ତ୍ରୀ ଥିବା ସମୟରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ଗୁରୁତର ସହ ନେଇ ପୂର୍ବରୁ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୂପାନ୍ତର କରିଥିଲେ। ଏଥିପାଇଁ ଅନୁଦାନର ବ୍ୟବସ୍ଥା ମଧ୍ୟ କରିଥିଲେ। ସ୍ଥାନୀୟ ଅଞ୍ଚଳବାସୀଙ୍କ ସହଯୋଗରେ ବିଧାୟକ ଜେନା ଆବଶ୍ୟକ ସ୍ଥଳେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବେ ବୋଲି ସଭାରେ ପ୍ରକାଶ କରିଥିଲେ। ଏହାଛଡା ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖ ଦେଇ ଯାଇଥିବା ୧୫ କିମି ରାସ୍ତାକୁ ପ୍ରଶସ୍ତ କରିବା ପାଇଁ ଜିଲାପାଳଙ୍କ ସହ କଥା ହୋଇଥିବା କହିଥିଲେ। ହଂସୁଆ ସଫେଇର ପୁନଃଉଦ୍ଧାର କାର୍ଯ୍ୟ ପାଇଁ ପ୍ରୟାସ ଜାରି ରଖିବେ ବୋଲି ବିଧାୟକ ଜେନା କହିଥିଲେ। ସ୍ଥାନୀୟ ସରପଞ୍ଚ କିଶୋର ଚନ୍ଦ୍ର ବେହେରା ସ୍ୱାସ୍ଥ୍ୟକେନ୍ଦ୍ରର ଭିତ୍ତିଭୂମି ପାଇଁ ସଂଗ୍ରାମ ଜାରି ରଖିବେ ବୋଲି କହି ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ସ୍ଥାନୀୟ ସମିତି ସଭ୍ୟ ବିଶ୍ୱଜିତ ଦାଶ, ବ୍ଲକ ଅଧକ୍ଷା ଲକ୍ଷ୍ମୀ ବେହେରା, ଜିଲା ପରିଷଦ ସଭ୍ୟା ଇତିଶ୍ରୀ ମଲ୍ଲିକ ଓ ରିନାରାଣୀ ମଲ୍ଲିକ, ବ୍ଲକ ବିଜେଡି ମହିଳା ସଭାନେତ୍ରୀ ଶାନ୍ତିଲତା ଦ୍ୱିବେଦୀ, ତଅଁରା ସରପଞ୍ଚ ବଟକୃଷ୍ଣ ନାୟକ, ସାମାଜିକ କର୍ମୀ ରହିମ ଖାଁ, ଜଳସମ୍ପଦ ଅଧୀକ୍ଷଣ ଯନ୍ତ୍ରୀ ପ୍ରତାପ ଶତପଥୀ, ତହସିଲ କର୍ମଚାରୀଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ ସମିତିସଭ୍ୟ ଏବଂ ସ୍ଥାନୀୟ ଲୋକେ ଉପସ୍ଥିତ ଥିଲେ।



କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଓ ବିଧାୟକ ପ୍ରତାପ ଜେନା ରେଢୁଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଲୋଚନା କରୁଛନ୍ତି।

## ସଂକ୍ଷେପରେ

### ଜଙ୍ଗଲି ଛତୁ ଖାଇ ୭ ଅସୁସ୍ଥ

ବାଲିଗୁଡ଼ା,୨୯।୭(ସଞ୍ଜୟ କୁମାର ପାଣିଗ୍ରାହୀ)

ବାଲିଗୁଡ଼ା ଏନ୍ଏସି ୭ନଂ.ୱାଡ ନୂଆସାହିର ହରିଜନ ବସ୍ତିର ମଳିକ ନାୟକଙ୍କ ପରିବାରର ୭ ଜଣ ଜଙ୍ଗଲି ଛତୁ ଖାଇ ଅସୁସ୍ଥ ହୋଇଛନ୍ତି। ସେମାନେ ହେଲେ ମଳିକ ନାୟକ, ପମି ନାୟକ, ଅଜିତ ନାୟକ, ମାନସ ନାୟକ, ମନ ନାୟକ, ଶ୍ରୀୟା ନାୟକ, ଓ ଯାକବ ନାୟକ। ସମସ୍ତଙ୍କୁ ବାଲିଗୁଡା ଉପଖଣ୍ଡ ଡାକ୍ତରଖାନାର ପରେ ଫୁଲବାଣୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଏହାକୁ ନେଇ ଅଞ୍ଚଳରେ ଛତୁ ଖାଇଥିବା ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି।

### କାର୍-ବାଇକ ମୁହାଁମୁହିଁ ଧକ୍କା : ୨ ମୃତ

ବାଲିଗୁଡା,୨୯।୭(ସଞ୍ଜୟ କୁମାର ପାଣିଗ୍ରାହୀ)

କନ୍ଧମାଳ ଜିଲା ବାଲିଗୁଡା ଥାନା ଅନ୍ତର୍ଗତ ତଗାକିଆ ନିକଟରେ କାର-ବାଇକ ମୁହାଁମୁହିଁ ଧକ୍କା ହେବାରୁ ୨ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଦୁଇ ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ କାରରେ ବସିଥିବା ଉମରକୋଟର ଉଦୟ ନାଥ ମହାପାତ୍ର (୮୦) ଓ ବାଇକ ଆରୋହି କଳାହାଣ୍ଡି ଜିଲାର ଲଣ୍ଡୁସୁଗା ଗ୍ରାମର ରକି ଦିଗାଲ (୪୦)। କାର (ନଂ. ଓଆର୦୨ ଏଏକ୍ସ ୦୯୫୧) ଉମରକୋଟରୁ ଭୁବନେଶ୍ୱର ଯାଉଥିବା ସମୟରେ ତଗାକିଆ ନିକଟରେ ବାଇକ୍ ସହ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ରକି, ଉଦୟନାଥଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଦୁଇଜଣ ଗୁରୁତରଙ୍କୁ ବାଲିଗୁଡ଼ା ପୋଲିସ ପହଞ୍ଚି ଉଦ୍ଧାର କରି ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଛି। ସେମାନଙ୍କ ପରିଚୟ ମିଳିପାରି ନାହିଁ। ଏ ନେଇ ବାଲିଗୁଡ଼ା ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ଜଳୁନି ଷ୍ଟ୍ରିଟ ଲାଇଟ୍, ୬ ମାସ ଅନ୍ଧାରରେ ନୂଆସାହିବାସୀ

ପୋଲସରା,୨୯।୭(ସୁବ୍ରତ ବେହେରା)

ପୋଲସରା ବ୍ଲକ ତୁଙ୍କାପଡ଼ା ଗ୍ରାମର ନୂଆ ସାହି ବାସୀ ଦୀର୍ଘ ୬ ମାସ ହେବ ଅନ୍ଧାରରେ ଯାତାୟାତ କରୁଛନ୍ତି। ଉକ୍ତ ସାହିରେ ଷ୍ଟ୍ରିଟ ଲାଇଟ୍ ଦୀର୍ଘ ୬ ମାସ ହେବ ବନ୍ଦ ହୋଇଯିବାରୁ ସାହି ବାସିନ୍ଦା ରାତିରେ ଯାତାୟାତ ବେଳେ ଭୟଭିତ ହେଉଛନ୍ତି। ଏ ନେଇ ସ୍ଥାନୀୟ ସରପଞ୍ଚଙ୍କୁ ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି ସୁଫଳ ମିଳିଲା ନାହିଁ। ଉକ୍ତ ସମସ୍ୟାକୁ ନେଇ ଅଭିଯୋଗ ଆସିଛି। ଦୁଇ ଦିନ ମଧ୍ୟରେ ଲାଇଟ୍ ଲଗାଯିବ ବୋଲି ସରପଞ୍ଚ ସୀମାଞ୍ଚଳ ସେଠୀ କହିଛନ୍ତି। ଯଥାଶୀଘ୍ର ସାହିରେ ଷ୍ଟ୍ରିଟ ଲାଇଟ୍‌ର ବ୍ୟବସ୍ଥା କରିବାକୁ ସାହିବାସୀ ଦାବି କରିଛନ୍ତି।

### ଯାତ୍ରୀ ବିଶ୍ରାମଗୃହ ପୁନରୁଦ୍ଧାର

ରାମଗିରି,୨୯।୭(ବୃନ୍ଦାବନ ଗୌଡ଼)

ଆର.ଉଦୟଗିରି ବ୍ଲକ ରାମଗିରି ଗ୍ରାମପଞ୍ଚାୟତ ସ୍ଥିତ ଗାନ୍ଧୀଛକଠାରେ ଥିବା ଯାତ୍ରୀ ବିଶ୍ରାମଗୃହକୁ ଶନିବାର ସ୍ଥାନୀୟ ଜନ ପ୍ରତିନିଧି ଓ ପୋଲିସ ଅଧିକାରୀଙ୍କ ଉପସ୍ଥିତିରେ ସଫେଇ କରି ପୁନରୁଦ୍ଧାର କରାଯାଇଛି। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ସସ୍ମିତା କାର୍ଜି, ନାଏବ ସରପଞ୍ଚ ରାଜେନ୍ଦ୍ର କୁମାର ମାଝୀ, ସ୍ଥାନୀୟ ବଣିକ ସଂଘର କିଛି ସଦସ୍ୟ ଏବଂ ଥାନା ଅଧିକାରୀ ଲୋକନାଥ ବେହେରାଙ୍କ ନିର୍ଦ୍ଦେଶ କ୍ରମେ ଏସଆଇ ପ୍ରଶନ୍ନ କୁମାର ତରଣୀ, ହାବାଲଦାର ସତ୍ୟନାରାୟଣ ଉପସ୍ଥିତ ଥିଲେ।

### ପ୍ରଧାନଶିକ୍ଷକଙ୍କୁ ଅବସର ସମ୍ବର୍ଦ୍ଧନା

ରାଇକିଆ ୨୯।୭(ପ୍ରଦୀପ ବେହେରା)- କନ୍ଧମାଳ ଜିଲା ରାଇକିଆ ବ୍ଲକ ଲେଙ୍ଗୁମାହା କ୍ଲଷ୍ଟର ଲଡେଡି ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଉର୍ବାନ ପ୍ରଧାନଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ରାଇକିଆ ବ୍ଲକ ଶିକ୍ଷକ ସଂଘ ଉପସଭାପତି ପ୍ରମିଳା ଦାସଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମକୁ ସଂଘ ସଂଯୋଜକ ସମୀର ଦିଗାଳ ପରିଚାଳନା କରିଥିଲେ । ମୁଖ୍ୟ ଅତିଥି ଭାବେ ବିଇଓ ହାଡିବନ୍ଧୁ ବେହେରା, ସମ୍ମାନିତ ଅତିଥି ଭାବେ ଏବିଇଓ ସୀମାଦ୍ରି କହଁର, ଏବିଇଓ ସାରଥି କହଁର ଯୋଗଦେଇ ପ୍ରଧାନଶିକ୍ଷକଙ୍କୁ ସମ୍ମାନିତ କରିଥିଲେ । ତାଙ୍କର ଶିକ୍ଷକତା ଜୀବନୀ ମଧ୍ୟରେ ଛାତ୍ର ବତ୍ସଳତା, କର୍ମ ତତ୍ପର, ସମୟାନୁବର୍ତ୍ତିତାକୁ ନେଇ ଛାତ୍ରୀଛାତ୍ରମାନେ ସ୍ତୁତିଚାରଣ କରିଥିଲେ। ଶେଷରେ ଶିକ୍ଷକ ବସନ୍ତ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।

# ଟାଙ୍ଗିଆରେ ହାଣି ଭାଇଙ୍କୁ ହତ୍ୟା, ୩ ଜେଲ ଗଲେ

## ସାମାନ୍ୟ ବଚସାରୁ ୨ ପରିବାରରେ ରକ୍ତାକ୍ତ ସଂଘର୍ଷ

ଦିଗପହଣ୍ଡି/ପାଟପୁର,୨୯।୭
(ଅଶେଷ ନାଥ ମିଶ୍ର/ସିମାଞ୍ଚଳ ସାହୁ)


ଗିରଫ ୩ ଅଭିଯୁକ୍ତ।

ଗଞ୍ଜାମ ଜିଲା ପାଟପୁର ଥାନା ବାସୁଦେବପୁର ଗ୍ରାମରେ ସାମାନ୍ୟ ବଚସାକୁ ନେଇ ୨ ପରିବାର ମଧ୍ୟରେ ସଂଘର୍ଷ ହୋଇ ଟାଙ୍ଗିଆ ଚୋଟରେ କୁଲୁ ପ୍ରଧାନଙ୍କ ମୃତ୍ୟୁ ଘଟିଛି। ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ କୁଲୁଙ୍କ ବଡବାପା ପୁଅ ୩ ଭାଇଙ୍କୁ ପୋଲିସ ଶନିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସନ୍ତୋଷ ପ୍ରଧାନ, ବୁଦ୍ଧୁ ପ୍ରଧାନ, ମିଥୁନ ପ୍ରଧାନ। ମାମଲା ନଂ.୪୭୩/୨୩ ଅନୁଯାୟୀ ଜାମିନ ଆବେଦନ ଖାରଜ ହେବାରୁ ଅଭିଯୁକ୍ତମାନଙ୍କୁ ଦିଗପହଣ୍ଡି ସବ ଜେଲକୁ ପଠାଯାଇଛି।

ପୋଲିସ ସୂଚନାନୁସାରେ, ଗ୍ରାମର ଉଭୟ ପରିବାର ମଧ୍ୟରେ ବିଭିନ୍ନ ସମୟରେ ପାରିବାରିକ ବିବାଦ ଲାଗି ରହୁଥିଲା। ଶୁକ୍ରବାର ସନ୍ଧ୍ୟାରେ କଂସ ପ୍ରଧାନଙ୍କ ଘରକାମ ନିମନ୍ତେ ଆସିଥିବା ଇଟା ଗାଡ଼ିରୁ ଓହ୍ଲାଇବା ସମୟରେ କିଛି ଇଟା କୁଲୁଙ୍କ ଘର ବାରଣ୍ଡାରେ ପଡ଼ିବା ସହ ଗଛରେ ମାଡ଼ ହୋଇଥିଲା। ଏ ନେଇ ସନ୍ତୋଷ, ବୁଦ୍ଧୁ ଓ ମିଥୁନ କୁଲୁଙ୍କୁ ଗାଳିଗୁଲଜ କରିଥିଲେ। କୁଲୁ ପ୍ରତିବାଦ କରିବାରୁ ଉଭୟ ପରିବାର ସଦସ୍ୟଙ୍କ ମଧ୍ୟରେ ବଚସା ହୋଇଥିଲା। ଗ୍ରାମବାସୀ ବୁଝାସୁଝା କରିବା ପରେ ସମସ୍ତେ ଘରକୁ ଫେରିଥିଲେ। ରାତି ପ୍ରାୟ ସାଢ଼େ ୧୦ ଟାରେ ପୁଣି ଥରେ ଉଭୟ ପରିବାର ମଧ୍ୟରେ ପାଟିତୁଣ୍ଡ ହେବା ସହ ସନ୍ତୋଷଙ୍କ ଟାଙ୍ଗିଆ ଚୋଟରେ ଗୁରୁତର ହୋଇଥିଲେ କୁଲୁ। ପରେ ଅନ୍ୟ ଦୁଇଭାଇ ବୁଦ୍ଧୁ ଓ ମିଥୁନ ମିଶି କାଠଫାଳିଆ, ଶାବଳରେ କୁଲୁଙ୍କୁ ଆକ୍ରମଣ କରିଥିଲେ। ପରିବାର ଲୋକେ କୁଲୁଙ୍କୁ ଉଦ୍ଧାର କରି ନିକଟସ୍ଥ ଆଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ ମଧ୍ୟ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପାଟପୁର ଆଇଆଇସି ସବ୍ୟସାଚୀ ମଲ୍ଲ ସଦଳବଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରିଥିଲେ। ଶନିବାର ସକାଳୁ ପାଟପୁର ପୋଲିସ ଓ ସାଇଣ୍ଟିଫିକ ଟିମ୍ ଗ୍ରାମରେ ପହଞ୍ଚି ଘଟଣାସ୍ଥଳ ନିରୀକ୍ଷଣ କରି ଅଭିଯୁକ୍ତମାନଙ୍କ ଘରୁ ମାରଣାସ୍ତ୍ର ଜବତ କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ମୃତକ କୁଲୁ ଜଣେ ପରିବା ବ୍ୟବସାୟୀ ହୋଇଥିବାରୁ ଶନିବାର ସକାଳୁ ସନ୍ଧ୍ୟା ଯାଏ ଖଳିଙ୍ଗି ଗ୍ରାମ ବ୍ୟବସାୟୀ ସଂଘ ପକ୍ଷରୁ ଦୋକାନ ବଜାର ବନ୍ଦ କରାଯାଇଥିଲା।

# ହତ୍ୟା ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ

ଆସିକା,୨୯।୭ (ସୁରେନ୍ଦ୍ର ନାଥ ସାହୁ)

ଗାଙ୍ଗପୁର ଥାନା ଲଣ୍ଡାଜୁଆଳି ଗ୍ରାମରେ ଦିଲ୍ଲୀପ ନାୟକ ହତ୍ୟା ମାମଲାର ଶନିବାର ରାୟ ପ୍ରକାଶ ପାଇଛି । ଆସିକାର ଅତିରିକ୍ତ ଜିଲା ଦୌରା ଜଜ୍ ପ୍ରବୀର କୁମାର ଚୌଧୁରୀ ମାମଲାର ଅଭିଯୁକ୍ତ ବଳରାମ ବେହେରାଙ୍କୁ ଆଜୀବନ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମନା ଅର୍ଥ ଅନାଦେୟ ୪ମାସ ଅତିରିକ୍ତ ସଶ୍ରମ କାରାଦଣ୍ଡ ଲାଗି ଅଦାଲତ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି। ସୂଚନାଯୋଗ୍ୟ, ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଦିଲ୍ଲୀପଙ୍କୁ ୨୦୧୪ ମାର୍ଚ୍ଚ ୫ ତାରିଖ ରାତିରେ ନିଜ ଗ୍ରାମ ଉପକଣ୍ଠରେ ହତ୍ୟା କରାଯାଇଥିଲା। ୬ ତାରିଖ ପରିବାର ପକ୍ଷରୁ ଦିଲ୍ଲୀପଙ୍କ କ୍ଷତବିକ୍ଷତ ମୃତ ଦେହ ଠାବ ପରେ ମୃତକଙ୍କ ଝିଅ ଶୁଭଶ୍ରୀ ନାୟକ ଗାଙ୍ଗପୁର ଥାନାରେ ଅଭିଯୋଗ କରିଥିଲେ । ଘଟଣାର ସପ୍ତାହେ ପୂର୍ବରୁ ଦିଲ୍ଲୀପ ଓ ବଳରାମଙ୍କ ମଧ୍ୟରେ ଗ୍ରାମରେ ଉଚ୍ଚବାଚ ହୋଇଥିବା ଓ ବଳରାମ ହତ୍ୟା ଧମକ ଦେଇଥିଲା ବେଳେ ବଳରାମ ଓ ତାଙ୍କ ସହଯୋଗୀମାନେ ଏହି ହତ୍ୟାକାଣ୍ଡ ଘଟାଇଥିବା ଅଭିଯୋଗରେ ଦର୍ଶାଯାଇଥିଲା। ଗାଙ୍ଗପୁର ପୋଲିସ ନଂ.୨୪/୧୪ରେ ଏକ ମକଦ୍ଦମା ରୁଜୁ କରିଥିଲା । ଗାଙ୍ଗପୁର ଥାନାର ତତ୍କାଳୀନ ଥାନା ଅଧିକାରୀ ଦିବ୍ୟଲୋଚନ ବେହେରା ଅଭିଯୁକ୍ତଙ୍କ ବିରୋଧରେ ଅଭିଯୋଗ ଫର୍ଦ୍ଦ ପ୍ରସ୍ତୁତ ପୂର୍ବକ ବିଚାର ଲାଗି ଅଦାଲତରେ ଦାଖଲ କରିଥିଲେ। ଏହି ମାମଲାରେ ସମୁଦାୟ ୧୪ଜଣ ସାକ୍ଷୀ ସେମାନଙ୍କ ସାକ୍ଷ୍ୟ ପ୍ରଦାନ କରିଥିଲେ । ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ସୁଧାଂଶୁ କୁମାର ପଣ୍ଡା ଓ ସହଯୋଗୀ ସୂର୍ଯ୍ୟପ୍ରକାଶ ରାଓ ମାମଲା ପରିଚାଳନା କରୁଥିଲେ।

# ଆହତ ହରିଣକୁ ଚିକିତ୍ସା କରାଇଲା ପୋଲିସ



କବିସୂର୍ଯ୍ୟନଗର, ୨୯।୭(କୃପାସିନ୍ଧୁ ସ୍ୱାଇଁ):

ରାସ୍ତାରେ ଆହତ ହୋଇ ଶୋଇଥିବା ଏକ ହରିଣକୁ ଉଦ୍ଧାର କରି କବିସୂର୍ଯ୍ୟନଗର ପୋଲିସ ପ୍ରାଣୀ ଚିକିତ୍ସାଳୟକୁ ନେଇ ଚିକିତ୍ସା କରିଥିବା ଜଣାପଡ଼ିଛି। ଥାନା ଏଏସଆଇ ହେମାରାଣୀ ଶର୍ମା, କନଷ୍ଟେବଳ ଅଶୋକ କୁମାର ମଲ୍ଲିକ ଓ କର୍ମଚାରୀମାନେ ପାଟ୍ରୋଲିଂ କରୁଥିବା ବେଳେ ଜରଡ-ମହନାପଲ୍ଲି ରାସ୍ତାରେ ଏକ ଆହତ ହୋଇ ହରିଣ ପଡିଥିବା ଦେଖିଥିଲେ। ଗାଡି ଧକ୍କାରେ ହରିଣର ଦୁଇ ଗୋଡ଼ ଭାଙ୍ଗିଯାଇଥିଲା। ପୋଲସରା ବନ ବିଭାଗକୁ ସୂଚନା ପରେ ମଧ୍ୟ କୌଣସି କର୍ମଚାରୀ ଆସିନଥିଲେ। ତେଣୁ ଆହାତ ହରିଣକୁ ପୋଲିସ ନିଜ ଗାଡିରେ ପ୍ରାଣୀ ଚିକିତ୍ସାଳୟ ନେଇଥିଲା।

# ରସାୟନ ବିଜ୍ଞାନ ବର୍ତ୍ତମାନ ଓ ଭବିଷ୍ୟତ ଶୀର୍ଷକ କର୍ମଶାଳା

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

ବ୍ରହ୍ମପୁର,୨୯।୭ (ତନୁଶ୍ରୀ ନାହାକ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ରସାୟନ ବିଜ୍ଞାନ ବିଭାଗ ଓ ମାନବ ସମ୍ବଳ ବିକାଶ କେନ୍ଦ୍ର ମିଳିତ ଆନୁକୂଲ୍ୟରେ ଗତ ୨୪ ରୁ ଆରମ୍ଭ ହୋଇଥିବା ସପ୍ତାବ୍ୟାପୀ ଚାଲିଥିବା ଅଧ୍ୟାପକଙ୍କ ଦକ୍ଷତା ବିକାଶ କାର୍ଯ୍ୟକ୍ରମରେ ଶନିବାର କେନ୍ଦ୍ରୀୟ ଯନ୍ତ୍ରାଂଶ କେନ୍ଦ୍ର ପରିସରରେ 'ରସାୟନ ବିଜ୍ଞାନର ବର୍ତ୍ତମାନ ଓ ଭବିଷ୍ୟତ' ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଗୀତାଞ୍ଜଳି ଦାସ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ମାଡ୍ରାସ ଆଇଆଇଟିର ପ୍ରଫେସର ଦିଲ୍ଲୀପ କୁମାର ଚାନ୍ଦ ଯୋଗ ଦେଇଥିଲେ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ମାନବ ସମ୍ବଳ ବିକାଶ କେନ୍ଦ୍ର ନିର୍ଦ୍ଦେଶକ ପ୍ରଫେସର ଯୋଗେଶ୍ୱର ପାଣିଗ୍ରାହୀ, ଯୁଗ୍ମ ନିର୍ଦ୍ଦେଶକ ପ୍ରଫେସର ଡ଼.ଅଞ୍ଜନ କୁମାର ପୃଷ୍ଟି, ଅଧ୍ୟାପକ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ପରିଚାଳକ ଡ଼. ସତ୍ୟନାରାୟଣ ସାହୁ, ସଂଯୋଜକ ଡ଼.ଗଙ୍ଗମ ଫୋମେଇ ପ୍ରମୁଖ ମଞ୍ଚାସୀନ ଥିଲେ। ଆଲୋଚନାରେ ରସାୟନ ବିଜ୍ଞାନର ମୌଳିକ ଦିଗରୁ ଆରମ୍ଭ କରି ବର୍ତ୍ତମାନ ସମୟରେ ବିଭିନ୍ନ କ୍ଷେତ୍ରରେ ବିକାଶିତ ହୋଇଥିବା ଗବେଷଣା ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସମେତ ଦେଶର ବିଭିନ୍ନ ପ୍ରାନ୍ତରୁ ୩୬ ଜଣ ଅଧ୍ୟାପିକା ଅଧ୍ୟାପକ ଯୋଗଦେଇଥିଲେ।

# ଆକ୍ରମଣ ମାମଲା ପ୍ରମାଣ ଅଭାବରୁ ୬ ମହିଳା ନିର୍ଦ୍ଦୋଷ

ବ୍ରହ୍ମପୁର,୨୯।୭(ସୁବାସ ଚନ୍ଦ୍ର ପାଢ଼ୀ)

ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଭିଏନା ନାୟକ ଏକ ଆକ୍ରମଣ ମାମଲାର ରାୟ ପ୍ରକାଶ କରିଛନ୍ତି। ପ୍ରମାଣ ଅଭାବରୁ ସେ ଅଭିଯୁକ୍ତ ୬ ଜଣ ମହିଳାଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସେମାନେ ହେଲେ ଆଙ୍କୁଲିର କସ୍ତୁରୀ ଦାସ, ବିରା ଦାସ, ମନସା ଦାସ, ସଙ୍ଗିନୀ ଦାସ, ଭାଗ୍ୟ ଦାସ ଓ ସୀମା ଦାସ। ପ୍ରକାଶ ଯେ, ୨୦୨୧ ମାର୍ଚ୍ଚ ୨୩ରେ ଗାଁ ଦାଣ୍ଡରେ କୁଳ ବୈଠକ ହୋଇଥିଲା। ଏକ ଅସଦାଚାରଣ ଘଟଣାକୁ ନେଇ ଉକ୍ତ ବୈଠକରେ ଆଲୋଚନା ହେଉଥିଲା। ଏହି ସମୟରେ ଆଦିକନ୍ଦ ଦାସ ନିଶାଶକ୍ତ ଅବସ୍ଥାରେ ସେଠାରେ ଉପସ୍ଥିତ ଥିବା କେତେକ ମହିଳାଙ୍କୁ ଗାଳିଗୁଲଜ କରିଥିଲେ। ଏହାକୁ କେନ୍ଦ୍ରକରି ଉପରୋକ୍ତ ମହିଳାମାନେ ଆଦିକନ୍ଦଙ୍କୁ ସଂଘବଦ୍ଧ ଆକ୍ରମଣ କରିଥିଲେ। ପରେ ଆଦିକନ୍ଦ ବୈଦ୍ୟନାଥପୁର ଥାନାରେ ଏନେଇ ଅଭିଯୋଗ କରିଥିଲେ। ପୋଲିସ ଏ ସଂକ୍ରାନ୍ତରେ ୮୩/୨୧ ରେ ଏକ ମାମଲା ରୁଜୁ କରିଥିଲା। ଅଭିଯୁକ୍ତମାନଙ୍କୁ ପୋଲିସ ଥାନରୁ ଜାମିନରେ ଛାଡ଼ିଥିଲା। ଉକ୍ତ ମାମଲାର ବିଚାର ବେଳେ କୋର୍ଟରେ ୫ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ରାୟ ପ୍ରକାଶ ବେଳେ ଉପରୋକ୍ତ ୬ ଅଭିଯୁକ୍ତଙ୍କୁ କୋର୍ଟରେ ହାଜର କରାଯାଇଥିଲା। ସାକ୍ଷୀମାନଙ୍କ ବୟାନକୁ ଆଧାର କରି ଉପଯୁକ୍ତ ପ୍ରମାଣ ମିଳିନଥିବାରୁ ସେ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ମୁଦୁଲାଙ୍କ ପକ୍ଷରୁ ଆଇନଜୀବୀ ପ୍ରଦୀପ କୁମାର ଶତପଥୀ ମକଦ୍ଦମା ପରିଚାଳନା କରୁଥିଲେ।

# ୧୭୨ କେଜି ଗଞ୍ଜେଇ ଜବତ, ୪ ଗିରଫ

ବୁଗୁଡ଼ା,୨୯।୭(କାଳି ଚରଣ ଦାଶ)


ଗିରଫ ଅଭିଯୁକ୍ତଙ୍କ ସହ ଜବତ ଗଞ୍ଜେଇ ଓ କାର

ଗଜପତିରୁ କଟକ ଜିଲା ଆଠଗଡ଼ ଅଞ୍ଚଳକୁ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ବେଳେ ବ୍ରହ୍ମପୁର ଅବକାରୀ ଗୋଇନ୍ଦା ଫ୍ଲାଇଙ୍ଗ ସ୍କ୍ୱାର୍ଡ ଚଢ଼ାଉ କରି କାର (ନଂ ଓଡି ୫ ବିଏ ୭୫୬୧)ରୁ ଦେଢ଼ କ୍ୱିଣ୍ଟାଲ ଗଞ୍ଜେଇ ଜବତ କରିଛି। ଗାଡି ଡ୍ରାଇଭର କଟକ ଜିଲା ବାଙ୍କି ଥାନା ଅନ୍ତର୍ଗତ ବିନ୍ଧାଣିମା ଗ୍ରାମର ରଣଧିର ପ୍ରତାପ ସିଂଙ୍କୁ ଗିରଫ କରିଛି। କନ୍ଧମାଳ ଜିଲାରୁ କବିସୂର୍ଯ୍ୟନଗରକୁ ଆସୁଥିବା ଅନ୍ୟ ଏକ ଇଣ୍ଡିଗୋ କାର (ନଂ ଓ ଡ଼ି ୨ ଏ ଜେଡ ୩୯୭) କୁ ପିଛା କରି ଭଞ୍ଜନଗର ନିକଟ ଦୁର୍ଗାପ୍ରସାଦରେ ଧରିଥିଲେ। ଏଥିରୁ ୨୨ କିଲୋ ଗଞ୍ଜେଇ ଜବତ ହୋଇଥିବା ବେଳେ ଗାଡ଼ିରେ ବସିଥିବା କୋଦଳାର ପବିତ୍ର ବିଷୋୟୀ, କବିସୂର୍ଯ୍ୟନଗରର ଦୁଃଖିଶ୍ୟାମ ବିଷୋଇ ଓ ବବରୁ ପ୍ରଧାନଙ୍କୁ ଗିରଫ କରାଯାଇଛି। ତେବେ କରସିଂ ନିକଟରେ ଏକ ଗଞ୍ଜେଇ ଭର୍ତ୍ତି ସ୍କର୍ପିଓ ଅବକାରୀ ଟିମକୁ ଚକମା ଦେଇ ଖସି ପଳାଇ ଥିବାବେଳେ ନରସିଂହପୁରରେ ଅନ୍ୟ ଏକ ଟିମ୍ ଦ୍ୱାରା ଧରାପଡିଛି। ଚଢ଼ାଉରେ ବ୍ରହ୍ମପୁର ଦକ୍ଷିଣାଞ୍ଚଳ ଅବକାରୀ ଗୋଇନ୍ଦା ବିଭାଗର ଡେପୁଟି କମିଶନର ଡମ୍ବୁରୁଧର ଖଣ୍ଡାଙ୍କ ନିର୍ଦ୍ଦେଶ କ୍ରମେ ଅବକାରୀ ଉପଅଧିକ୍ଷକ କୁବେର ସେଠି, ନିରୀକ୍ଷକ ହୃଦୟ ଚାନ୍ଦ ସାମନ୍ତ, ଉପ ନିରୀକ୍ଷକ ଅଜିତ କୁମାର ନାୟକ, ଏଏସଆଇ ବ୍ରଜବିହାରୀ ନାୟକ, ରାମେଶ୍ୱର ବେହେରା ଓ ଅବକାରୀ କନଷ୍ଟେବଳଙ୍କ ସମେତ ବୁଗୁଡା ଥାନା ଏସ୍ଆଇ ସମିର କୁମାର ସେଠୀ ସାମିଲ ଥିଲେ। ଏ ନେଇ ଅବକାରୀ ଗୋଇନ୍ଦା ବିଭାଗ କାର୍ଯ୍ୟାଳୟ କେଶ୍ ନଂ ୨୩୭ ଓ ୨୩୮/୨୩ ପ୍ରକାରେ ୨ ଟି ମାମଲା ରୁଜୁ ହୋଇଥିବା ଜଣାପଡିଛି।

# ଓଷ୍ଟା ଗଜପତି ଜିଲା ଶାଖାର ସମ୍ମିଳନୀ

ଚାନ୍ଦିପୁଟ,୨୯।୭(କେ ପ୍ରମୋଦ କୁମାର ଦୋରା)

ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ର ଜିଲାସ୍ତରୀୟ ସମ୍ମିଳନୀ ସଭାପତି ତିରୁମାଲା ରାଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ପ୍ରଭାରୀ ମନୋଜ ପାଢ଼ୀ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଉପସଭାନେତ୍ରୀ ରାଜଲକ୍ଷ୍ମୀ ବେହେରା, ଜିଲା ଉପସଭାପତି ପ୍ରଶାନ୍ତ ବିଷୋୟୀ, ଜିଲା ସଂପାଦକ ପ୍ରଫୁଲ୍ଲ ମହାନ୍ତି, କାର୍ଯ୍ୟକାରିଣୀ ସଭାପତି ନିରଞ୍ଜନ ପଣ୍ଡା ଓ ରାଜ୍ୟ ଇସି ସଭ୍ୟ ଲୋକନାଥ ନାହାକ ପ୍ରମୁଖ ଯୋଗଦେଇଥିଲେ। ଏହି ସମ୍ମିଳନୀରେ କର୍ମଚାରୀ ମାନଙ୍କର ବିଭିନ୍ନ ସମସ୍ୟାଉପରେ ଆଲୋକପାତ କରିଥିଲେ। ଅନୁଦାନରୁ ବଞ୍ଚିତ ଯୋଗ୍ୟ ବିବେଚିତ ସମସ୍ତ ଉଚ୍ଚ ବିଦ୍ୟାଳୟକୁ ଅନୁଦାନ ପ୍ରଦାନ, ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ, ଶିକ୍ଷା କର୍ମଚାରୀଙ୍କ ଚାକିରି ସର୍ତ୍ତାବଳୀ ସହ ପେନସନ ପ୍ରଦାନ, ସପ୍ତମବେତନ କମିଶନ ହାରରେ ଦରମା ପ୍ରମୁଖ ୧୪ ଦଫା ଦାବି ପୂରଣ କରିବା ପାଇଁ ଆଲୋଚନା କରାଯାଇଥିଲା। ସରକାର ଦାବି ପୂରଣ ନକଲେ ଅଗଷ୍ଟ ୯ତାରିଖ କ୍ରାନ୍ତି ଦିବସରେ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ପ୍ରତିବାଦ ସଭା ଏବଂ ଅଗଷ୍ଟ ୧୬,୧୭,୧୮ରେ ମହାସମାବେଶ ସହିତ ବିକ୍ଷୋଭ ଓ ଧାରଣା କରାଯାଇ ମୁଖ୍ୟମନ୍ତ୍ରୀ, ଅର୍ଥମନ୍ତ୍ରୀ, ଶିକ୍ଷାମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଅର୍ଥ ସଚିବ, ଶିକ୍ଷା ସଚିବଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ମୋହନା ବ୍ଲକ ସମ୍ପାଦକ ସୌମ୍ୟ ରଞ୍ଜନ ଦାଶ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗଜପତି ଜିଲାର ସମସ୍ତ ବ୍ଲକର ସଭାପତି ସମ୍ପାଦକ ଯୋଗଦେଇଥିଲେ ଏବଂ ସମସ୍ତ ବର୍ଗର ଶିକ୍ଷୟତ୍ରୀ ଶିକ୍ଷକ ଯୋଗ ଦେଇଥିଲେ।

# ବ୍ଲକ ଅଧ୍ୟକ୍ଷ, ବିଜେଡି ନେତା କ୍ଷମା ମାଗନ୍ତୁ: କଂଗ୍ରେସ

## ଆନ୍ଧ୍ରମନ୍ତ୍ରୀଙ୍କୁ ସ୍ୱାଗତ ଘଟଣା

ପାରଳାଖେମୁଣ୍ଡି,୨୯।୭(ଗିରିଧାରୀ ପରିଛା): ବିବାଦୀୟ ଆନ୍ଧ୍ରମନ୍ତ୍ରୀଙ୍କୁ ଶାସକ ଦଳର ସ୍ୱାଗତ ଘଟଣା ଘଟଣାର ଖୋଳତାଡ଼ କରି ଜିଲା କଂଗ୍ରେସ ତଥ୍ୟ ଉପସ୍ଥାପନ କରିଛି। ଆନ୍ଧ୍ରପ୍ରଦେଶର ମତ୍ସ୍ୟ ଓ ପଶୁସମ୍ପଦ ମନ୍ତ୍ରୀ ଏସ.ଆପଲରାଜୁଙ୍କୁ ଗୋଷାଣୀ ବ୍ଲକ ଅଧ୍ୟକ୍ଷ ଏନ. ଭୀରରାଜୁ ଏବଂ ବିଜେଡିର ନେତାମାନେ ସମ୍ବର୍ଦ୍ଧନା ଦେଇଥିଲେ। ଏହାକୁ କଂଗ୍ରେସ ଓ ଭାଜପା ପକ୍ଷରୁ ସମାଲୋଚନା କରାଯାଇଥିଲା। ପରେ ବ୍ଲକ ଅଧ୍ୟକ୍ଷ ଯେଉଁ ପ୍ରତିକ୍ରିୟା ଦେଇଛନ୍ତି ତାହା ହାସ୍ୟାସ୍ପଦ ଏବଂ ଲୋକଙ୍କୁ ଭୁଆଁ ବୁଲେଇବା ନିମନ୍ତେ ଏକ ଅପଚେଷ୍ଟା କରୁଛନ୍ତି ବୋଲି କଂଗ୍ରେସ କହିଛି। ଏଠାରେ ସୂଚନାଯୋଗ୍ୟ ଯେ, ଯେଉଁ ଗ୍ରାମ ପଞ୍ଚାୟତ ତଥା ବାଘସଲା, ସରଦାପୁରୁ ଭିନ୍ନଳା ଇତ୍ୟାଦି ରାସ୍ତାର ସମସ୍ୟା ବିଷୟରେ ଉଠାଇଛନ୍ତି ତାହା ସତ୍ୟ ଉପରେ ଆଧାରିତ ନୁହେଁ। କାରଣ ଏହି ସମସ୍ତ ଗ୍ରାମ ପଞ୍ଚାୟତ ପକ୍କା ରାସ୍ତା ଦ୍ୱାରା ଓଡ଼ିଶା ଭିତରେ ସଂଯୋଗୀକରଣ ହୋଇସାରିଛି ଏବଂ ସଂଖ୍ୟାଧିକ ଲୋକେ ଏହି ରାସ୍ତା ଦେଇ ଦୈନନ୍ଦିନ ଯିବାଆସିବା କରୁଛନ୍ତି। ଦ୍ୱିତୀୟତଃ ସେ ଯେଉଁ ଆନ୍ଧ୍ର ପ୍ରଦେଶ ଦେଇ ଆସୁଥିବା ରାସ୍ତାର ବିଷୟ ଉଠାଇଛନ୍ତି ତାହା ଆନ୍ଧ୍ର ପ୍ରଦେଶର ପାତପାଟନାମ ବିଧାନସଭା ମଣ୍ଡଳୀ ଭିତରେ ଅନ୍ତର୍ଭୁକ୍ତ ଏବଂ ସଂପୃକ୍ତ ମନ୍ତ୍ରୀ ହେଉଛନ୍ତି ପଲାସା ବିଧାନସଭା ନିର୍ବାଚନ ମଣ୍ଡଳୀର ବିଧାୟକ ଏବଂ ମତ୍ସ୍ୟ ଓ ପଶୁସମ୍ପଦ ବିଭାଗର ମନ୍ତ୍ରୀ। ତେଣୁ ତାଙ୍କ ସହିତ ଏବଂ ଏହି ଗ୍ରାମ ପଞ୍ଚାୟତର ରାସ୍ତା ସମସ୍ୟା ଆଲୋଚନାର କୌଣସି ଯଥାର୍ଥତା ନାହିଁ। ଏହା ଛଡ଼ା ମନ୍ତ୍ରୀ ଆପଲରାଜୁ ୨୦୨୧ ସେପ୍ଟେମ୍ବର ମାସରେ ଗଜପତି ଜିଲା ରାୟଗଡା ବ୍ଲକ ଅନ୍ତର୍ଗତ ଗଙ୍ଗାବାଡ ପଞ୍ଚାୟତ ମାଣିକପାଟଣା ଗ୍ରାମକୁ ଯାଇ ଜୋରଜବରଦସ୍ତ ଆନ୍ଧ୍ର ପ୍ରଦେଶରେ ମିଶ୍ରଣ କରିବା ପାଇଁ ଚେଷ୍ଟା କରିଥିଲେ। ତେଣୁ ବ୍ଲକ ଅଧ୍ୟକ୍ଷ ବିବାଦୀୟ ମନ୍ତ୍ରୀଙ୍କୁ ସ୍ୱାଗତ କରିବା ଅଞ୍ଚଳ ତଥା ରାଜ୍ୟବାସୀଙ୍କ ପାଇଁ ଘୋର ଅପମାନର ବିଷୟ ବୋଲି କଂଗ୍ରେସ ଅଭିଯୋଗ କରିଛି। ତେଣୁ ବ୍ଲକ ଅଧ୍ୟକ୍ଷ ଓ ବିଜୁ ଜନତା ଦଳର ନେତାମାନେ ନିଜର ଭୁଲକୁ ଘୋଡାଇବା ପରିବର୍ତ୍ତେ ଓଡ଼ିଶା ତଥା ଗଜପତି ଜିଲାବାସୀଙ୍କୁ ନିଃସ୍ୱାର୍ଥପର ଭାବେ କ୍ଷମା ମାଗନ୍ତୁ । ନଚେତ୍ ଆଗାମୀ ଦିନରେ ଉଚିତ ଜବାବ ଦିଆଯିବ ବୋଲି ଜିଲା କଂଗ୍ରେସ କମିଟି ଉପ ସଭାପତି ବସନ୍ତ କୁମାର ପଣ୍ଡା ପ୍ରେସ ବିବୃତି ମାଧ୍ୟମରେ ସୂଚନା ଦେଇଛନ୍ତି।

# ବିକାଶ କାର୍ଯ୍ୟ ବୁଲି ଦେଖିଲେ ବିଡିଓ

ଗୋଷାଣି, ୨୯।୭ (ପ୍ରଶାନ୍ତ ରାଉତ)

ଗଜପତି ଜିଲା ଗୋଷାଣି ବ୍ଲକର ନୂତନ ବିଡିଓ ଭାବେ ଅଜୟ କୁମାର ପ୍ରଧାନ ଯୋଗଦାନ କରିଛନ୍ତି । ଦାୟିତ୍ୱ ଗ୍ରହଣ ପରେ ବିଭିନ୍ନ ସରକାରୀ ଯୋଜନାଗୁଡିକୁ ଲୋକଙ୍କ ନିକଟରେ ପହଞ୍ଚାଇବା ଏବଂ ବ୍ଲକର ସମସ୍ତ ଜନସାଧାରଣଙ୍କ ବିକାଶ ଦିଗରେ ପ୍ରାଥମିକତା ରହିବ ବୋଲି କହିଛନ୍ତି। ଏହା ସହ ସେ ବ୍ଲକର ବିଭିନ୍ନ ଅଞ୍ଚଳରେ ଚାଲୁ ରହିଥିବା ବିକାଶମୂଳକ କାର୍ଯ୍ୟର ନିରୀକ୍ଷଣ କରିଥିବାର ଜଣାପଡିଛି ।


ବିକାଶ କାର୍ଯ୍ୟ ଦେଖୁଛନ୍ତି ବିଡିଓ।

# ଦାମୋଦର ବିହାର ରାସ୍ତା ଅବସ୍ଥା ଶୋଚନୀୟ

ପାରଳାଖେମୁଣ୍ଡି,୨୯।୭ (ଗିରିଧାରୀ ପରିଛା):


ରାସ୍ତା ଅବସ୍ଥା ଶୋଚନୀୟ ।

ଗଜପତି ଜିଲା ପାରଳାଖେମୁଣ୍ଡି ସହର ଉପକଣ୍ଠରେ ଗଢି ଉଠିଥିବା ଦାମୋଦର ବିହାର ଅଞ୍ଚଳବାସୀ ବର୍ଷା ଋତୁରେ ପ୍ରତ୍ୟେକ ଦିନ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ବିଶେଷ କରି ଯେଉଁଦିନ ବର୍ଷା ହୁଏ ସେହି ସମୟରେ ଏହି ଅଞ୍ଚଳବାସୀ ରାସ୍ତାରେ ଯାତାୟତ କରିବାରେ ନାନାଦି ଅସୁବିଧାର ସମ୍ମୁଖୀନ ହୁଅନ୍ତି ବୋଲି କହିଛନ୍ତି। ଏମିତିକି ଅସରାଏ ବର୍ଷା ହେଲେ ରାସ୍ତାଘାଟର ଅବସ୍ଥା ଅତି ଶୋଚନୀୟ ହୋଇପଡୁଛି । ଏହି ରାସ୍ତା ଦେଇ ବାଇକ କିମ୍ବା ସାଇକେଲରେ ଯିବା ଆସିବା କରିବା ଦୂରର କଥା, ଚାଲି ଚାଲି ଯିବା ମଧ୍ୟ ସମ୍ଭବ ହୋଇ ନ ଥାଏ । କର୍ଦ୍ଦମାକ୍ତ ଅବସ୍ଥା ସାଙ୍ଗକୁ ଆଣ୍ଠୁଏ ପାଣି ଜମି ରହୁଛି। ସହରର ଅନ୍ୟାନ୍ୟ ଅଞ୍ଚଳର ନାଳ ନର୍ଦ୍ଦମା ଅପରିଷ୍କାର ପାଣି ସହ ବର୍ଷା ପାଣି ମିଶାଇ ଆଣ୍ଠୁ ଉପରକୁ ଜମି ରହୁଛି । ଏହି ଅପରିଷ୍କାର ପାଣି ତଥା କାଦୁଅ ଜମାଟ ବାନ୍ଧି ଥାଏ ବୋଲି ପ୍ରକାଶ କରିଛନ୍ତି। ବିଭିନ୍ନ କାର୍ଯ୍ୟରେ ନିଜେ କି ନିଜର ପିଲାମାନଙ୍କୁ ବିଦ୍ୟାଳୟକୁ ନେବା ଆଣିବାରେ ସକ୍ଷମ ହୋଇପାରୁନାହାନ୍ତି ବୋଲି ଦାମୋଦର ବିହାର ଅଞ୍ଚଳବାସୀଙ୍କ ପକ୍ଷରୁ ଲିଖିତ ଅଭିଯୋଗ କରାଯାଇଛି। ସହରକୁ ଲାଗି ରହିଥିବା ଏହି ଦାମୋଦର ବିହାର ଅଞ୍ଚଳ ପ୍ରଶାସନିକ ଉଦାସୀନତା ମନୋଭାବ ଯୋଗୁଁ ଘୋର ଅବହେଳାର ଶିକାର ହୋଇଛି। ପୌର ପରିଷଦ କି ପଞ୍ଚାୟତ କେହି ଏହାର ଉନ୍ନତି ନିମନ୍ତେ ଚେଷ୍ଟା କରୁନାହାନ୍ତି । କିଛିଦିନ ପୂର୍ବେ କେରାଣ୍ଡି ପଞ୍ଚାୟତ ପକ୍ଷରୁ ରାସ୍ତାରେ କିଛି ମୋରମ ପକାଇ ନିଜର କର୍ତ୍ତବ୍ୟ ସାରି ଦେଇଛନ୍ତି । ତାହା ମଧ୍ୟ ଟିକିଏ ବର୍ଷା ପଡିଲେ ସମଗ୍ର ଅଞ୍ଚଳ କାଦୁଅଭରା ପରିବେଶ ହେଉଛି । ଏନେଇ ବାରମ୍ବାର ପ୍ରଶାସନକୁ ଲିଖତ ଅଭିଯୋଗ କରାଗଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏ ନେଇ ଆଗାମୀ ଦିନରେ ଆନ୍ଦୋଳାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ଚେତାବନୀ ଦେଇଛନ୍ତି ।

## ସଂକ୍ଷେପରେ

### ୨ ଖବରଦାତାଙ୍କୁ ଆକ୍ରମଣକୁ ନିନ୍ଦା

**ବିଞ୍ଝାରପୁର,୨୯।୭(ରାମକୃଷ୍ଣ ଦାସ):**

ଦଶରଥପୁର ବ୍ଲକ ମଙ୍ଗଳପୁର ଥାନା ଅଞ୍ଚଳର ଦୁଇ ଖବରଦାତା ଚନ୍ଦ୍ରଶେଖର ସାହୁ ଓ ଜ୍ୟୋତି ପ୍ରକାଶ ମିଶ୍ରଙ୍କ ଉପରେ ମରଣାନ୍ତକ ଆକ୍ରମଣ ଘଟଣାକୁ ବିଞ୍ଝାରପୁର ସାମ୍ବାଦିକ ୟୁନିୟନ ଦୃଢ ନିନ୍ଦା କରିବା ସହିତ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଦାବି କରିଛି। ଦିନକୁ ଦିନ ଖବରଦାତାଙ୍କ ଉପରେ ବଢ଼ିଚାଲିଥିବା ଆକ୍ରମଣ ଓ ନିର୍ଯାତନା ଘଟଣାକୁ ସରକାର ଗୁରୁତ୍ୱର ସହିତ ଗ୍ରହଣ କରି ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ନେବା ସହିତ ରାଜ୍ୟରେ ତୁରନ୍ତ ସାମ୍ବାଦିକ ସୁରକ୍ଷା ଆଇନ କାର୍ଯ୍ୟାକାରୀ କରିବାକୁ ମଧ୍ୟ ୟୁନିୟନ ଦାବି କରିଛି। ୟୁନିୟନ ପକ୍ଷରୁ ଦେବପ୍ରସାଦ ସାହୁ, ରାମକୃଷ୍ଣ ଦାସ, ଏସ୍‌କେ ସନୱାର, ସତ୍ୟ ରଞ୍ଜନ ମଲ୍ଲିକ, ସୀତାକାନ୍ତ ସାମଲ, ଅନଙ୍ଗ ଉଦୟ ବେଉରିଆ, ବିଶ୍ୱଜିତ୍ ନାୟକ, ଗୁଲସାନ ନୱାଜ ଅଲ୍ଲି ଖାଁ, ଏମ୍‌ଡି ମମତାଜ, ଶଙ୍କର୍ଷଣ ସାମଲ, ନିମାଇଁ ଚରଣ ଘଡ଼ାଇ, ଗୋପାଳ ସୂତାର, ସରୋଜ ସାହୁ ଓ ଅନିଲ ସାହୁ ପ୍ରମୁଖ ଘଟଣାର ନିନ୍ଦା କରିବା ସହିତ ଆହତ ଖବରଦାତାଦ୍ୱୟଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।

# ଡୋଲିପୁର ସମବାୟ ସମିତି କାର୍ଯ୍ୟାଳୟରେ ତାଲା

- ସରୀସୃପଙ୍କ ବାସସ୍ଥଳୀ ପାଲଟିଛି
- ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ଦାବି

**ଯାଜପୁରରୋଡ୍,୨୯।୭ (ପବିତ୍ର ରଞ୍ଜନ ମହାନ୍ତି):**

ରାଜ୍ୟ ଓ କେନ୍ଦ୍ର ସରକାର ଚାଷୀମାନଙ୍କ ପାଇଁ ବିଭିନ୍ନ ଯୋଜନା କରୁଛନ୍ତି। କୃଷି ସମ୍ବନ୍ଧୀୟ ସରକାରୀ ଯୋଜନାଗୁଡ଼ିକ ଚାଷୀମାନଙ୍କ ପାଖରେ ପହଞ୍ଚାଇବା ପାଇଁ ସେବା ସମବାୟ ସମିତିଗୁଡ଼ିକ ମାଧ୍ୟମ ହୋଇଥାନ୍ତି। ହେଲେ କେତେକ ସ୍ଥାନରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଯାଜପୁର ଜିଲା କୋରେଇ ବ୍ଲକ ଅନ୍ତର୍ଗତ ଡୋଲିପୁର ସେବା ସମବାୟ ସମିତି ଏହା ମଧ୍ୟରେ ଗୋଟିଏ। କୋରେଇ ବ୍ଲକ ଅଧୀନରେ ୧୮ଟି ସମବାୟ ସମିତି ରହିଛି। ସେଥିମଧ୍ୟରୁ ବ୍ୟାସନଗର ପୌର ପରିଷଦ ଅଧୀନ ୧୫ନଂ. ୱାର୍ଡ ଚୋରଦାଠାରେ ଥିବା ଡୋଲିପୁର ସେବା ସମବାୟ ସମିତି ଅନ୍ୟତମ।

୧୯୬୯ରେ ପ୍ରତିଷ୍ଠିତ ଏହି ସମବାୟ ସମିତି ବର୍ତ୍ତମାନ ବିଭିନ୍ନ ସମସ୍ୟା ଦେଇ


ପରିତ୍ୟକ୍ତ ଅବସ୍ଥାରେ ସେବା ସମବାୟ ସମିତି କାର୍ଯ୍ୟାଳୟ।

ଗତି କରୁଛି। ଏହି ସମବାୟ ସମିତି ଚାଷୀମାନଙ୍କ କୌଣସି କାର୍ଯ୍ୟରେ ଲାଗୁନାହିଁ। ସମିତି ଅଧୀନରେ ଚୋରଦା, ଚାନ୍ଦମା, ନହକା, ଭଟିଆ, ଦାଣ୍ଡିକିରି, ଉମାପଦା, ଝଟିଆ ସାହି, ନଟପଡ଼ା, କୋପଣ୍ଡ, ଦଳା, ମୁଣ୍ଡମାଳ, ଖଣ୍ଡାହତା ଓ ବୀରମଣିପୁର ଆଦି ଅଞ୍ଚଳର ଚାଷୀମାନେ ପଞ୍ଜୀକୃତ ଅଛନ୍ତି। ବର୍ତ୍ତମାନ ମଧ୍ୟ ଉପରୋକ୍ତ ଅଞ୍ଚଳର ଚାଷୀମାନେ ଧାନ, ରବି ଫସଲ ଓ ପନ ପରିବା ଚାଷ କରି ପରିବାର ପ୍ରତିପୋଷଣ କରୁଛନ୍ତି। କିନ୍ତୁ ଦେଖାଯାଉଛି ଡୋଲିପୁର ସମବାୟ ସମିତି କେବଳ ସଭ୍ୟ ପଞ୍ଜୀକୃତ କରି କାଁ ଭାଁ ଚାଷୀଙ୍କୁ ଋଣ ପ୍ରଦାନ କରିବାରେ ସୀମିତ ରହିଛି। ଚାଷୀମାନେ ଋଣ ପାଇଁ ଗଲାବେଳକୁ କାର୍ଯ୍ୟାଳୟରେ ତାଲା ଝୁଲୁଛି।

ଫଳରେ ଚାଷୀମାନେ ବିଭିନ୍ନ ଜାତୀୟକରଣ ବ୍ୟାଙ୍କ ଓ ଘରୋଇ ସଂସ୍ଥାରୁ ଅଧିକ ସୁଧ ହାରରେ ଋଣ ନେବାକୁ ବାଧ୍ୟ ହେଉଛନ୍ତି। ସମବାୟ ସମିତିର ସୁଧହାର ଶତକଡା ୧% ଥିବାବେଳେ ବ୍ୟାଙ୍କଗୁଡ଼ିକ ତାଙ୍କ ନିୟମ ଅନୁସାରେ ଅଧିକ ସୁଧ ନେଇଥାନ୍ତି। ଏଥିଯୋଗୁ ଚାଷୀମାନେ କ୍ଷତି ସହୁଛନ୍ତି। ଅନ୍ୟପକ୍ଷରେ ପ୍ରତି ୩ ବର୍ଷରେ ଥରେ ନିୟମ ଅନୁଯାୟୀ ନିର୍ବାଚନ ହେଉଥିଲେ ମଧ ଏହି ନିର୍ବାଚନ ସମ୍ପର୍କରେ ବହୁ ଚାଷୀ ଅଜ୍ଞ ରହୁଛନ୍ତି। ଫଳରେ ସମିତିର ସଭାପତି ଚଞ୍ଚକତା କରି ୩୦ ବର୍ଷ ଧରି ପଦବୀ ମାଡ଼ି ବସିଛନ୍ତି।

ସମିତିରେ ୧୩୦୦ରୁ ଊର୍ଦ୍ଧ୍ୱ ସଭ୍ୟ ଥିଲେ। ବର୍ତ୍ତମାନ ମାତ୍ର ୧୫୦ଜଣ ଅଛନ୍ତି। ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ କାରଣରୁ ଅନେକ ଚାଷୀ ଆର୍ଥିକ କ୍ଷତିଗ୍ରସ୍ତ ହୋଇ ଚାଷରୁ ମୁହଁ ଫେରାଉଛନ୍ତି। ସରକାରଙ୍କ ପକ୍ଷରୁ ବିଭିନ୍ନ ସମୟରେ ଋଣ ଛାଡ଼ ଘୋଷଣା ହେଉଥିବାବେଳେ ଚାଷୀମାନେ ଏହି ସୁବିଧା ସୁଯୋଗରୁ ବଞ୍ଚିତ ହେଉଛନ୍ତି। ବହୁ ବର୍ଷ ପୁରୁଣା ଏହି କାର୍ଯ୍ୟାଳୟଟି ଗୁଳ୍ମଲତାରେ ପରିପୂର୍ଣ୍ଣ ହୋଇରହିଛି। ବର୍ଷାଦିନେ କାର୍ଯ୍ୟାଳୟଟି ପାଣିଘେରରେ ରହିବା ସହ ସରୀସୃପଙ୍କ ବାସସ୍ଥଳୀ ପାଲଟିଛି। ଏହି ସେବା ସମବାୟ ସମିତି କେବଳ ନାମଫଳକରେ ସୀମିତ ହୋଇ ରହିଛି। ଏଥିପ୍ରତି ରାଜ୍ୟ ସମବାୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବା ନିମନ୍ତେ କୋପଣ୍ଡ, ଦଳା, ବୀରମଣିପୁର, ମୁଣ୍ଡମାଳ ଓ ଖଣ୍ଡାହତା ଅଞ୍ଚଳର ଚାଷୀମାନଙ୍କ ପକ୍ଷରୁ ଦାବି ହେଉଛି। ଏ ସମ୍ପର୍କରେ ସମବାୟ ସମିତି ସଭାପତିଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

# ମଣିପୁରରେ ମାନବତାମେଧ ଯଜ୍ଞ ବନ୍ଦକର: ମାୟାଧର

**ଯାଜପୁରରୋଡ୍,୨୯।୭(ପବିତ୍ର ମହାନ୍ତି):**



ମାୟାଧର ନାୟକ

ମଣିପୁରଠାରେ ୩ ମାସ ଧରି ଚାଲିଥିବା ଜାତିଆଣ ହିଂସାକୁ ପ୍ରତିବାଦ କରି ବ୍ୟାସନଗରସ୍ଥିତ ମହାନାୟକ ଭବନଠାରେ ବରିଷ୍ଠ ଶ୍ରମିକ ନେତା ମାୟାଧର ନାୟକ ଶନିବାର ଏକ ଖବରଦାତା ସମ୍ମିଳନୀ କରିଛନ୍ତି। ଏଥିରେ ସେ ଭାରତର ଆଦିବାସୀ ଅଧ୍ୟୁଷିତ ମଣିପୁର ରାଜ୍ୟରେ ଦୁଇ ସମ୍ପ୍ରଦାୟ ମଧ୍ୟରେ ସୃଷ୍ଟି ହୋଇଥିବା ଜାତିଆଣ ହିଂସା, ମାନବିକ ବର୍ବରତା, ନାରୀ ନିର୍ଯାତନା, ଗଣସଂହାର ପାଇଁ ଉଭୟ ରାଜ୍ୟ ଓ କେନ୍ଦ୍ର ଭାଜପା ସରକାରଙ୍କୁ ଦାୟୀ କରିଛନ୍ତି।

ଉକ୍ତ ଘଟଣା ପାଇଁ ଭାରତ ବିଶ୍ୱରେ ନିନ୍ଦିତ ହେବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଗୃହମନ୍ତ୍ରୀ ଅମିତ ଶାହା ଘୃଣାର ପାତ୍ର ହୋଇଛନ୍ତି। ମାନବିକ, ଆଧାତ୍ମିକ ଅବବୋଧର ନିତ୍ୟ ନାଗରା ଶୁଣାଇ ଆସୁଥିବା ଭାରତ ଏବେ ରାଜନୈତିକ ପଶାପାଲିରେ ରକ୍ତରଞ୍ଜିତ ହୋଇ ଅଶାନ୍ତିର ବହ୍ନିରେ ଜଳୁଛି। ଏହି ଘଟଣା କେବଳ ଭାରତ, ନୁହେଁବିଶ୍ୱର ୮୦୦ କୋଟି ନରନାରୀଙ୍କ ମୁହଁର ରଙ୍ଗକୁ ଲଜ୍ଜାରଣ କରି କୁହୁଳା ନିଆଁର ପାଉଁଶ ଗଦାରେ ପୋତି ପକାଇଛି ବୋଲି ନାୟକ କହିଛନ୍ତି।

ଏବେ ସୁପ୍ରିମକୋର୍ଟ ଏହି ଘଟଣାକୁ ନେଇ ମୁହଁ ଖୋଲିବା ପରେ କେନ୍ଦ୍ର ସରକାର ସିବିଆଇ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଯେଉଁ ମହିଳାମାନଙ୍କୁ ଦିବାଲୋକରେ ସମସ୍ତଙ୍କ ସମ୍ମୁଖରେ ନିର୍ଯାତନା ଦେବାସହ ଗଣବଳାତ୍କାର କରାଯାଉଛି ଆମେ ଭାବିବା ଉଚିତ ସେମାନେ କେବଳ ମଣିପୁରର ମେଇତି କିମ୍ବା କୁକି ମହିଳା ନୁହନ୍ତି, ସେମାନେ କେବଳ ନାରୀ, ଆମ ମା' ଭଉଣୀ ଓ ଝିଅ। ମନେରଖିବାକୁ ହେବ ନାରୀପ୍ରତି ଅତ୍ୟାଚାର, ଶୋଷଣ, ଦମନ, ଅପମାନ ସମୁଦାୟ ମାନବ ଜାତି ପାଇଁ କଳଙ୍କ। ଆଜି ମଣିପୁର ଦୁଃଖ ଦେଶର ସବୁ ଦୁଃଖ ଠାରୁ ବଳି ଯାଇଛି। ଭାରତର ଗଣତନ୍ତ୍ର ଫମ୍ପା ଆବାଜରେ ପରିଣତ ହୋଇଛି। ଦେଶରେ ରାଜନୈତିକ ଫାର୍ସ ଚାଲିଛି। ମାନବିକତା ଓ ନୈତିକତାର ଅଧପତନ ଘଟିଛି। ମଣିପୁରରେ ଏ ମାନବତାମେଧ ଯଜ୍ଞ ବନ୍ଦ କରିବା ପାଇଁ ନାୟକ ଚେତାବନୀ ଦେଇଛନ୍ତି। ଯଦି ଏ ଅବସ୍ଥା ଭୟଙ୍କର ଆଡକୁ ଗଲା, ତେବେ ପ୍ରଧାନମନ୍ତ୍ରୀ ଅଘୋଷିତ ଜରୁରୀକାଳୀନ ପରିସ୍ଥିତିକୁ ଘୋଷିତ ଜରୁରୀକାଳୀନ ପରିସ୍ଥିତିରେ ପରିଣତ କରିଦେଇ ପାରନ୍ତି ବୋଲି ନାୟକ ଆଶଙ୍କା ପ୍ରକାଶ କରିଛନ୍ତି। ଏହି ଘଟଣାକୁ ସମସ୍ତେ ହୃଦୟଙ୍ଗମ କରିବା ସହ ଏହାର ପ୍ରତିବାଦ କରିବା ଉଚିତ। ଆମେ ନିରବ ରହିଲେ ସେହି ଘାତକମାନଙ୍କ ସହ ସମାନ ହୋଇଯିବା। ଇତିହାସ ଆମକୁ କେବେ କ୍ଷମା ଦେବନାହିଁ ବୋଲି ଉକ୍ତ ଖବରଦାତା ସମ୍ମିଳନୀରେ ନାୟକ କହିବା ସହ କ୍ଷୋଭ ପ୍ରକାଶ କରିଛନ୍ତି।

### ପରିବେଶ ସଚେତନତା କାର୍ଯ୍ୟକ୍ରମ

**ଚଣ୍ଡିଖୋଲ,୨୮।୭ (ପ୍ରଦୀପ୍ତ କୁମାର ପୃଷ୍ଟି):**

ବାଲିଚନ୍ଦ୍ରପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଓ ଉଦିୟମାନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମିଳିତ ଆନୁକୂଲ୍ୟରେ ବିଦ୍ୟାଳୟ ପରିସରରେ ବ୍ୟାପକ ଚାରାରୋପଣ ସହ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ସଭାପତି ବସନ୍ତ କିଶୋର ସାହୁଙ୍କ ସଭାପତିତ୍ୱରେ ଅତିଥିଭାବେ ପ୍ରାକ୍ତନ ପ୍ରଧାନ ଶିକ୍ଷକ କାହ୍ନୁଚରଣ ସାହୁ, ବିଦ୍ୟାଳୟ ସମ୍ପାଦକ ନାରାୟଣ ଚନ୍ଦ୍ର ପଣ୍ଡା, କୋଷାଧ୍ୟକ୍ଷ ଉତ୍କଳ କୁମାର ବଳସାମନ୍ତ, ଶରତଚନ୍ଦ୍ର ପୃଷ୍ଟି, ବିପିନ ବିହାରୀ ବଳ, ନିରଞ୍ଜନ ମହାନ୍ତି ଓ ହିମାଂଶୁ ବଳ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ବୃକ୍ଷରାଜି ସମ୍ପର୍କରେ ସୂଚନା ଦେଇଥିଲେ। ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ସତ୍ୟାନନ୍ଦ ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ସୁଜିତ କୁମାର ସିଂହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଭିରାମ ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ସଚେତନତା କାର୍ଯ୍ୟକ୍ରମକୁ ଶିକ୍ଷକ କ୍ଷେତ୍ରବାସୀ ଜେନା, ମାନସୀ ଦାସ, ବବିତା ସାମଲ ଓ ସୋନାଲି ଦାସ ପରିଚାଳନା କରିଥିଲେ। ପ୍ରାରମ୍ଭରେ ବିଦ୍ୟାଳୟର ସବୁଜ ବାହିନୀ ଓ ସ୍କାଉଟ୍ ଛାତ୍ରୀଛାତ୍ରମାନେ ସଚେତନତା ଶୋଭାଯାତ୍ରାରେ ବାହାରି ପ୍ଲାକାର୍ଡ୍, ବ୍ୟାନର ମାଧ୍ୟମରେ ବିଭିନ୍ନ ସଚେତନତା ନାରାଦେଇ ବଜାର ପରିକ୍ରମା କରିଥିଲେ।

# ଦାରିଦ୍ର୍ୟ ମୁକ୍ତ ପ୍ରଶିକ୍ଷଣ ଶିବିର


ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା ପଞ୍ଚାୟତ ଜନପ୍ରତିନିଧିମାନେ।

**ରସୁଲପୁର,୨୯।୭(ରଞ୍ଜିତ ରାଉତ):**

### କୁଇଜ୍ ପ୍ରତିଯୋଗିତାରେ ଭୋଟକା ସରପଞ୍ଚ ପ୍ରଥମ

ରସୁଲପୁର ବ୍ଲକ ସମ୍ମିଳନୀ କକ୍ଷରେ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ ପ୍ରାୟୋଜିତ ଯାଜପୁର ଜିଲା ପରିଷଦ ସଂସ୍ଥା ପକ୍ଷରୁ ପଞ୍ଚାୟତର ଜନପ୍ରତିନିଧି, ବିଭିନ୍ନ ଲାଇନ୍ ଡିପାର୍ଟମେଣ୍ଟର ପ୍ରତିନିଧିମାନଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟର ସ୍ଥାନୀୟକରଣ, ଦାରିଦ୍ର୍ୟ ମୁକ୍ତ ତଥା ଉନ୍ନତ ଜୀବିକା ଯୁକ୍ତ ପଞ୍ଚାୟତ ଗଠନ ସମ୍ପର୍କିତ ପ୍ରଶିକ୍ଷଣ ଶିବିରର ଶେଷ ପର୍ଯ୍ୟାୟରେ ଅନୁଷ୍ଠିତ କୁଇଜ୍ ପ୍ରତିଯୋଗିତାରେ ଭୋଟକା ସରପଞ୍ଚ ସ୍ମୃତିରେଖା ରାଉତ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ନିର୍ବାହୀ ଅଧିକାରୀମାନଙ୍କ ମଧ୍ୟରେ ଅନୁଷ୍ଠିତ ପ୍ରତିଯୋଗିତାରେ ନିରଞ୍ଜନ ବଳ ପ୍ରଥମ ହୋଇଛନ୍ତି।

ପଞ୍ଚାୟତିରାଜ ବିଭାଗ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା, ପଞ୍ଚାୟତର ଦୈନନ୍ଦିନ କାର୍ଯ୍ୟ ଖସଡ଼ା ସମ୍ପର୍କିତ ପ୍ରଶ୍ନକୁ ନେଇ କୁଇଜ୍ ପ୍ରତିଯୋଗିତା ହୋଇଥିଲା। ଏଥିରେ ଭୋଟକା, ବ୍ରହ୍ମବରଦା, ବନ୍ଧଡ଼ିହ ଓ ବାରବାଟୀ ଆଦି ପଞ୍ଚାୟତରୁ ୬୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପ୍ରଶିକ୍ଷଣ ଶିବିର ପ୍ରଥମ ଅଧିବେଶନରେ ଏବିଡିଓ ଦିବ୍ୟକାନ୍ତି ମିଶ୍ର ମୁଖ୍ୟ ସମ୍ବଳ ଅଧିକାରୀ ଭାବେ ଯୋଗଦେଇ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଶିବିରରେ ବ୍ଲକ ଭାରପ୍ରାପ୍ତ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ପ୍ରଫୁଲ୍ଲ କୁମାର ଜେନା, ବିପିଏମ୍ ସୁପ୍ରଭା ଜେନା, ବିଏସ୍ଏସ୍‌ଓ ମିନତି ରାଉତ ପ୍ରମୁଖ ଯୋଗଦେଇ ଦାରିଦ୍ର୍ୟ ମୁକ୍ତ ଓ ଉନ୍ନତ ଜୀବିକା ଯୁକ୍ତ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ବାରବାଟୀ ସରପଞ୍ଚ ଆୟୁଷମତି ଦାସ, ବ୍ରହ୍ମବରଦା ସରପଞ୍ଚ ମମତା ଶୁଭଦର୍ଶନୀ ଦେଓ ପ୍ରମୁଖ ଯୋଗଦେଇ ସେମାନଙ୍କ ମତ ରଖିଥିବାବେଳେ ନିର୍ବାହୀ ଅଧିକାରୀ ସୁଧୀର କୁମାର ମହାନ୍ତି ଧନ୍ୟବାଦ ଦେଇଥିଲେ।

### ଖବରଦାତାଙ୍କୁ ଆକ୍ରମଣକୁ ଜେୟୁଜେ ପକ୍ଷରୁ ନିନ୍ଦା

**ଯାଜପୁର ଟାଉନ,୨୯।୭ (ପ୍ରଜ୍ଞା ପ୍ରିୟଦର୍ଶନୀ ମହାନ୍ତି):**

ଯାଜପୁର ଜିଲା ସାମ୍ବାଦିକ ୟୁନିୟନର ଉପସଭାପତି ତଥା ଦଶରଥପୁର ବ୍ଲକ୍ ଖବରଦାତା ଚନ୍ଦ୍ରଶେଖର ସାହୁଙ୍କୁ ଶୁକ୍ରବାର ରାତିରେ ମରଣାନ୍ତକ ଆକ୍ରମଣ ଘଟଣାକୁ ଜେୟୁଜେ ପକ୍ଷରୁ ନିନ୍ଦା କରାଯାଇଛି। ଜଣେ କର୍ତ୍ତବ୍ୟରତ ଖବରଦାତାଙ୍କୁ ଦୁର୍ବୃତ୍ତ ମଙ୍ଗଳପୁର ବଜାର ନିକଟରେ ମରଣାନ୍ତକ ଆକ୍ରମଣ କରିବା ନିନ୍ଦନୀୟ ଘଟଣା। ଲୋକଙ୍କ ସମସ୍ୟା ସରକାରଙ୍କ ପାଖରେ ଉପସ୍ଥାପନ କରୁଥିବାବେଳେ ତାଙ୍କୁ ଆକ୍ରମଣ କରିବା ସୁସ୍ଥ ସମାଜ ପାଇଁ ଶୁଭଙ୍କର ନୁହେଁ ବୋଲି ଜେୟୁଜେ ଜିଲା ସଭାପତି ଆଦିତ୍ୟ ମେକାପ, ସାଧାରଣ ସମ୍ପାଦକ ପ୍ରବୋଧ ମିଶ୍ର, ରାଜ୍ୟ ସମ୍ପାଦକ ସମରଜିତ ମହାନ୍ତି, ରାଜ୍ୟ କଲ୍ୟାଣ ବୋର୍ଡ ଅଧ୍ୟକ୍ଷ ରାଜୀବ ମହାନ୍ତି ମତବ୍ୟକ୍ତ କରିଛନ୍ତି। ଏଥିସହିତ ଜିଲା ଆରକ୍ଷୀ ଅଧୀକ୍ଷକ ଏଥିପ୍ରତି ଦୃଷ୍ଟି ଦେବା ସହ ସମ୍ପୃକ୍ତ ବ୍ୟକ୍ତି ବିଶେଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି କରିଛନ୍ତି। ଜିଲା ଉପସଭାପତି ଦିଲୀପ ଦାସ, ଜାତୀୟ ପରିଷଦ ସଦସ୍ୟ ବିଜୟ ମହାନ୍ତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅରୁଣ ରାଉତରାୟ, ରଞ୍ଜିତ ରାଉତ, ଜିଲା କଲ୍ୟାଣ ବୋର୍ଡ ସଦସ୍ୟ ପ୍ରଶାନ୍ତ ଜେନା, ଉପସଭାପତି ଏକାଦଶୀ ସେଠୀ, ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ଅଭୟ ପତି, ଜିଲା କାର୍ଯ୍ୟକାରୀ ସଭାପତି ବିଶ୍ୱଜିତ ପତି, କୌଶିକ ଦାସ, କୋଷାଧ୍ୟକ୍ଷ ମହେଶ୍ୱର ସାହୁ, ସୁରେନ୍ଦ୍ର ସାମଲ, ସଂଗଠନ ସମ୍ପାଦକ ତପନ ମହାନ୍ତି, ସମର ବିଜୟ ଶରଣ ଓ ବିଶ୍ୱଭୂଷଣ ଜେନାଙ୍କ ସମେତ ଜେୟୁଜେର ସମସ୍ତ ସଦସ୍ୟ ଘଟଣାକୁ ନିନ୍ଦା କରିବା ସହ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

# ଜେଆରଡ଼ି ଟାଟାଙ୍କ ୧୧୯ତମ ଜୟନ୍ତୀ



ଜେଆରଡ଼ି ଟାଟାଙ୍କ ଜୟନ୍ତୀ ଉତ୍ସବରେ ସାମିଲ ହୋଇଥିବା ଅଧିକାରୀ ଓ କର୍ମଚାରୀ।

**କାଳିଆପାଣି,୨୯।୭(ଅସିତ ମହାନ୍ତ):**

ଟାଟାଷ୍ଟିଲ୍ ମାଇନିଂ ଲିମିଟେଡ୍ (ଟିଏସ୍ଏମ୍ଏଲ୍) ପକ୍ଷରୁ ଟାଟାଷ୍ଟିଲର ପୂର୍ବତନ ଅଧ୍ୟକ୍ଷ ତଥା ଭାରତରତ୍ନ ଜେଆରଡ଼ି ଟାଟାଙ୍କ ୧୧୯ତମ ଜୟନ୍ତୀ ଶନିବାର ପାଳିତ ହୋଇଯାଇଛି। ଟିଏସ୍ଏମ୍ଏଲ୍ ପକ୍ଷରୁ ଏହାର ଯାଜପୁର, ଗଞ୍ଜାମ ଓ କଟକ ଜିଲାସ୍ଥିତ ଫେରୋ ଆଲଏଜ କାରଖାନା, ପଶ୍ଚିମବଙ୍ଗର ବିଷ୍ଣୁପୁରସ୍ଥିତ ଷ୍ଟେନ୍‌ଲେସ ଷ୍ଟିଲ କାରଖାନା ଏବଂ ଯାଜପୁର ଜିଲାର କାଳିଆପାଣି, ସାରୁଆବିଲ ଓ କମର୍ଦ୍ଦା କ୍ରୋମାଇଟ ଖଣିରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

ଏହି ଅବସରରେ ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟଠାରେ ମଧ୍ୟ ଜେଆରଡ଼ି ଟାଟାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଟିଏସ୍ଏମ୍ଏଲର ପ୍ରଶାସନିକ ଅଧିକାରୀ ଗୌତମ ଚକ୍ରବର୍ତ୍ତୀଙ୍କ ନେତୃତ୍ୱରେ କର୍ମଚାରୀମାନେ ଜେଆରଡ଼ି ଟାଟାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ 'ଡିଜିଟାଲ ଫିଉଚର'ବିଷୟ ବସ୍ତୁକୁ ନେଇ ଏକ କର୍ମଶାଳା ଆୟୋଜନ କରାଯାଇଥିଲା। ସେହିପରି ମୁଖ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କର୍ପୋରେଟ କମ୍ୟୁନିକେଶନର ପରିଚାଳକ ଜ୍ୟୋତିରଞ୍ଜନ ନାୟକ ନେତୃତ୍ୱ ନେଇଥିଲେ। ଏଥିରେ ପଶ୍ଚିମବଙ୍ଗରେ ଥିବା କମ୍ପାନୀର ବିଭିନ୍ନ ୟୁନିଟର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଏହି ଦୂରଦୃଷ୍ଟି ସମ୍ପନ୍ନ ମହାନ ବ୍ୟକ୍ତିଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ କାୟାକଳ୍ପ ପୁରସ୍କାର

**ବରୀ,୨୯।୭(ମହେନ୍ଦ୍ର ସ୍ୱାଇଁ):**

ସ୍ୱଚ୍ଛତା, ପରିମଳ ଓ ଉତ୍ତମ ସ୍ୱାସ୍ଥ୍ୟ ସେବା ନିମନ୍ତେ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ କାୟାକଳ୍ପ ପୁରସ୍କାର ମିଳିଛି। ଯାଜପୁର ଜିଲାପଳ ଚକ୍ରବର୍ତ୍ତୀ ସିଂ ରାଠୋର, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଶିବାଶିଷ ମହାରଣାଙ୍କ ସମେତ ଜିଲାସ୍ତରୀୟ ସ୍ୱାସ୍ଥ୍ୟ ଓ ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସବ୍ୟସାଚୀ ଦାସ, ରତ୍ନଗିରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଫାର୍ମାସିଷ୍ଟ ସୁରେଶ ଦାସ, ପରୀକ୍ଷାକେନ୍ଦ୍ର ସହାୟକ ପ୍ରିୟରଞ୍ଜନ ବାରିକ, କଳାମାଟିଆ ସ୍ୱାସ୍ଥ୍ୟକେନ୍ଦ୍ର ଆୟୁଷ ଡାକ୍ତର କୈଳାସ ପତି, ଫାର୍ମାସିଷ୍ଟ ରାଜେଶ ଦାଶ, ବାଲିଆ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଫାର୍ମାସିଷ୍ଟ ପରେଶ ମଲିକ, ସେବିକା ମେନେକା ମହାରଣା, କୃଷ୍ଣନଗର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଆୟୁଷ ଡାକ୍ତର କୈବଲ୍ୟ ମଲିକ ଓ କର୍ମଚାରୀ ଗଣେଶ୍ୱର ସାହୁ ପ୍ରମୁଖ ଯୋଗଦେଇ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ପ୍ରକାଶଯୋଗ୍ୟ, ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ବାଲିଆ, କଳାମାଟିଆ, ରତ୍ନଗିରି, କୃଷ୍ଣନଗର ଓ ଅଙ୍ଗାଲୋ ପ୍ରାଥମିକ ଚିକିତ୍ସା କେନ୍ଦ୍ର ରହିଛି।



ଜିଲାପାଳଙ୍କଠାରୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ଓ ଅନ୍ୟମାନେ ପୁରସ୍କାର ଗ୍ରହଣ କରୁଛନ୍ତି।

# ମାହାଣାସାହିକୁ ପକ୍କାରାସ୍ତା ନାହିଁ

### ଦୀର୍ଘଦିନର ଦାବିପରେ ବି ହେଉନି ସମାଧାନ

**କାଏମା,୨୯।୭(ଶିବପ୍ରସାଦ ମହାନ୍ତି)**

ଧର୍ମଶାଳା ବ୍ଲକ୍ ଅଧୀନ ଉତ୍ତରପ୍ରତାପ ପଞ୍ଚାୟତର ମାହାଣାସାହି ଗ୍ରାମକୁ ପକ୍କା ରାସ୍ତା ନାହିଁ। ରାସ୍ତା ପାଇଁ ଗ୍ରାମବାସୀ ଅନେକ ଥର ଦାବି କରିଥିଲେ ମଧ ତାହା ପୂରଣ ହୋଇପାରିନାହିଁ। ଭୋଟ୍ ପୂର୍ବରୁ ଏଠାରେ ନେତାଙ୍କ ଦେଖା ମିଳେ ଓ ମିଛ ପ୍ରତିଶ୍ରୁତି ମିଳେ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ବର୍ଷବର୍ଷ ଧରି ପ୍ରଶାସନ ଓ ରାଜନେତାଙ୍କ ଦୃଷ୍ଟି ଆଢୁଆଳରେ ରହି ଆସିଛି ଏହି ଗାଁ। ଗ୍ରାମରେ ୪୦ରୁ ଅଧିକ ଲୋକ ବସବାସ କରନ୍ତି। ଆଜିଯାଏ ପାନୀୟ ଜଳ ବ୍ୟବସ୍ଥା ନାହିଁ। ପକ୍କା ରାସ୍ତା ଗ୍ରାମବାସୀଙ୍କ ପାଇଁ ସାତସପନ ପାଲଟିଛି। ରାସ୍ତା ପାଇଁ ସରପଞ୍ଚଙ୍କଠୁ ଆରମ୍ଭ କରି ନେତା ଓ ପ୍ରଶାସନିକ ଅଧିକାରୀଙ୍କୁ ଜଣାଇଥିଲେ ବି କିଛି ଫରକ ପଡୁ ନ ଥିବା ଗ୍ରାମର ଗଙ୍ଗାଧର ମାହାଣା


ମାହାଣାସାହିକୁ ଯାଇଥିବା କଚ୍ଚା ରାସ୍ତା।

ଅଭିଯୋଗ କରିଛନ୍ତି। ସରପଞ୍ଚ କହୁଛନ୍ତି, ପଞ୍ଚାୟତକୁ କାମ ଆସିଲେ ହୋଇଯିବ। ହେଲେ ବର୍ଷବର୍ଷ ହେବ କେବଳ ଏହି କଥା ଶୁଣିବାକୁ ମିଳୁଛି। ରାସ୍ତା ନ ଥିବାରୁ ବର୍ଷା ହେଲେ ଗାଁକୁ ଆମ୍ବୁଲାନ୍ସ ଆସି ପାରୁନାହିଁ। କାଦୁଅ ରାସ୍ତାରେ ପିଲା ସ୍କୁଲ ଯିବା ଆସିବାରେ ଅନେକ ଅସୁବିଧାରେ ପଡୁଛନ୍ତି। ଏଭଳି ପରିସ୍ଥିତି ନେଇ ଗ୍ରାମର ଲୋକେ ଅସନ୍ତୋଷ ପ୍ରକାଶ କରିବା ସହ ତୁରନ୍ତ ରାସ୍ତା ନିର୍ମାଣ ପାଇଁ ସରକାରଙ୍କ ନିକଟରେ ନିବେଦନ କରିଛନ୍ତି। ଏ ସମ୍ପର୍କରେ ଉତ୍ତରପ୍ରତାପ ସରପଞ୍ଚ ନିମାଇଁ ମଳିକଙ୍କୁ ପଚାରିବାରେ ସେ କହିଛନ୍ତି, ପଞ୍ଚାୟତକୁ କାମ ଆସିଲେ ଧୀରେ ଧୀରେ ହେବ। ସବୁ ଗାଁକୁ ଦେଖିକି ଟଙ୍କା ଦିଆଯିବ। ଅନ୍ୟପକ୍ଷରେ ସରପଞ୍ଚଙ୍କ ଏଭଳି ମନ୍ତବ୍ୟକୁ ଅନେକ ଗ୍ରାମବାସୀ ନାପସନ୍ଦ କରିଛନ୍ତି।

# ବର୍ଷା ଋତୁରେ ଉପାନ୍ତ ଅଞ୍ଚଳବାସୀଙ୍କ ବଢ଼ିଛି ଚିନ୍ତା

**କେନ୍ଦ୍ରାପଡ଼ା,୨୯।୭(ଜଗନ୍ନାଥ ଧଳ):** ବର୍ଷାଋତୁ ଆରମ୍ଭ ପରେ କେନ୍ଦ୍ରାପଡ଼ା ଜିଲାର ଉପାନ୍ତ ଅଞ୍ଚଳବାସୀଙ୍କ ଚିନ୍ତା ବଢ଼ିଛି । ପ୍ରାକୃତିକ ବିପର୍ଯ୍ୟୟ ଭୟ ସଦାସର୍ବଦା ଲାଗି ରହୁଛି । ତଟକ୍ଷୟ ଯୋଗୁ ସମୁଦ୍ର ପାଣି ଗ୍ରାମ ମଧ୍ୟକୁ ପଶିଆସିବା ଭୟ ରହୁଛି । ରାଜନଗର ବ୍ଲକର ପେଣ୍ଠସ୍ଥିତ ଜିଓ ଟ୍ୟୁବୱାଲ ସୁରକ୍ଷିତ ନ ଥିବା ବେଳେ ଲୁଣା ତଟବନ୍ଧର ଆବଶ୍ୟକ ମରାମତି ହୋଇନାହିଁ । ଗତ ୪୫ ଦିନ ମଧ୍ୟରେ କୁମ୍ଭୀର ଆକ୍ରମଣରେ ୪ ଜଣଙ୍କର ମୃତ୍ୟୁ ହୋଇଛି । ପ୍ରତ୍ୟେକ ନଦୀ ଗାଧୁଆତୁଠରେ ସୁରକ୍ଷିତ ବାଡ ନିର୍ମାଣ ପାଇଁ ସ୍ଥାନୀୟ ଅଞ୍ଚଳରେ ଦାବି ହୋଇଛି । ସମୁଦ୍ର ତଟଠାରୁ ୧୦ କିଲୋମିଟର ପରିଧି ମଧ୍ୟରେ ହେନ୍ତାଳବଣ ସୃଷ୍ଟି କରାଗଲେ ବନ୍ୟା, ବାତ୍ୟା ଓ ସୁନାମୀ ପରି ପ୍ରାକୃତିକ ବିପର୍ଯ୍ୟୟ ସମୟରେ କେନ୍ଦ୍ରାପଡ଼ା ଜିଲାକୁ ସୁରକ୍ଷିତ ରଖାଯାଇ ପାରିବ ବୋଲି ମତ ମିଳିଛି ।


ହେନ୍ତାଳ ବଣ

## ଜିଓ ଟ୍ୟୁବ୍‌ୱାଲ ଅସୁରକ୍ଷିତ



ପ୍ରତିବର୍ଷ ବନ୍ୟାରେ କେନ୍ଦ୍ରାପଡ଼ା ଜିଲାର ୫୫ ଗ୍ରାମ ପ୍ରଭାବିତ ହେଉଛି । ନଦୀବନ୍ଧ ନ ଥିବାରୁ ଏହି ଅଞ୍ଚଳ ବନ୍ୟା ଜଳ ଘେରରେ ରହୁଛି । ବନ୍ୟା ପରି ସାମୁଦ୍ରିକ ଝଡ଼ ଓ ସୁନାମୀର ଆଶଙ୍କା ଅଛି । ତେବେ ତଟବନ୍ଧ ମରାମତି ଅଦ୍ୟାବଧି ସରିନାହିଁ । ଓଡ଼ିଶାର ପ୍ରଥମ ଜିଓ ସିନ୍ଥେଟିକ ପ୍ରକଳ୍ପ ୩୪ କୋଟି ଟଙ୍କା ବ୍ୟୟରେ ରାଜନଗର ବ୍ଲକ ପେଣ୍ଠଠାରେ ନିର୍ମାଣ ହୋଇଥିଲା । ଏହି ଟ୍ୟୁବୱାଲ ଏବେ ସୁରକ୍ଷିତ ନାହିଁ । ଗାବିୟନ ବକ୍ସରୁ ପଥରଗୁଡ଼ିକ ସମୁଦ୍ରକୁ ଭାସିଯାଇ ଏକ ଆତଙ୍କିତ ସ୍ଥିତି ସୃଷ୍ଟି କରିଛି । ଜିଲାରେ ୪୮ କିମି ସମୁଦ୍ର ତଟ ଅଛି । ଏହି ତଟାଞ୍ଚଳର ୫୬ ପ୍ରତିଶତ ଅଞ୍ଚଳରେ ଦ୍ରୁତ ତଟକ୍ଷୟ ହେଉଥିବା ସର୍ଭେ ରିପୋର୍ଟ ଦର୍ଶାଉଛି । ଏହାର ନିରାକରଣ ହେଉ ନ ଥିବାରୁ ବର୍ଷାଋତୁ ଉପାନ୍ତ ଅଞ୍ଚଳବାସୀଙ୍କ ପାଇଁ ଆତଙ୍କର କାରଣ ସାଜିଛି ।

**– ସୁନୀଲ କୁମାର ଗନ୍ତାୟତ, ସାମାଜିକ କର୍ମୀ, ମହାକାଳପଡ଼ା**

## କୁମ୍ଭୀର ନେଲାଣି ୪ ଜୀବନ



ଉପାନ୍ତ ଅଞ୍ଚଳବାସୀଙ୍କ ପାଇଁ କୁମ୍ଭୀର ଏବେ ଆତଙ୍କ ବାତାବରଣ ସୃଷ୍ଟି କରିଛି । ଗତ ୪୫ ଦିନ ମଧ୍ୟରେ ୪ ଘଟଣାରେ ୪ ଜଣଙ୍କ ମୃତ୍ୟୁ ହୋଇଛି । ଗତ ଗୁରୁବାର ପଟ୍ଟାମୁଣ୍ଡାଇ ବ୍ଲକ କୁଳସାହିର ଅମୂଲ୍ୟ ଦାସ ଶୌଚ ପାଇଁ ବ୍ରାହ୍ମଣୀ ନଦୀକୁ ଯାଇଥିଲେ । ସେଠାରେ ତାଙ୍କୁ କୁମ୍ଭୀର ଟାଣିନେଲା । ଅମୂଲ୍ୟଙ୍କ ମୁଣ୍ଡ ନଦୀରୁ ଶୁକ୍ରବାର ମିଳିଛି । ଏହାପୂର୍ବରୁ ଏହି ବ୍ରାହ୍ମଣୀ ନଦୀକୁ ଗାଧୋଇବା ପାଇଁ ଗତ ପହିଲି ରଜ ଅର୍ଥାତ୍ ଜୁନ ୧୪ରେ ନିମପୁର ଗ୍ରାମର ୫ ବର୍ଷୀୟ ଆଶୁତୋଷ ଆଚାର୍ଯ୍ୟଙ୍କୁ କୁମ୍ଭୀର ନେଇଥିଲା । ସେହିପରି ବ୍ରାହ୍ମଣୀ ନଦୀରୁ ବାହାରିଥିବା ଏକ ନାଳ ନିକଟରେ ଥିବା ପୋଖରୀରେ ବାସନ ମାଜିବାକୁ ଯାଇଥିବା ହାତିଆଗଡି ଗ୍ରାମର ସୀତାରାଣୀ ଦାସଙ୍କୁ କୁମ୍ଭୀର ଟାଣି ନେଇଛି । ଗତ ଜୁନ ୨୯ ତାରିଖରେ ଘାଘରାଡିଆ ଗ୍ରାମର ଗଙ୍ଗାଧର ତରାଇଙ୍କ ଜୀବନ କୁମ୍ଭୀର ଟାଣି ନେବାରୁ ଯାଇଛି । ଗତ ଦେଢ଼ ମାସ ମଧ୍ୟରେ ବ୍ରାହ୍ମଣୀ ନଦୀରୁ ଗୋଟିଏ ୧୩ ଫୁଟର କୁମ୍ଭୀର ବନ ବିଭାଗ ଉଦ୍ଧାର କରିଥିବା ବେଳେ ରାଜନଗର ବ୍ଲକ ଭେକ୍ଟା ଗ୍ରାମର ଏକ ପୋଖରୀରୁ ୬ ଫୁଟର ଆଉ ଗୋଟିଏ କୁମ୍ଭୀର ଉଦ୍ଧାର ହୋଇଛି । କୁମ୍ଭୀର ସହ ସାପ ଆତଙ୍କ ଆରମ୍ଭ ହୋଇଛି । ନାଳ ବା ନଦୀର ଗାଧୁଆ ତୁଠରେ ତାରବାଡ ଦେବା, ଏହି ଅଞ୍ଚଳକୁ ପାନୀୟ ଜଳ ଯୋଗାଣ କରିବା ଦାବିରେ ମହିଳା ମହାସଂଘ ପକ୍ଷରୁ ରାଜନଗର ବନଖଣ୍ଡ ଅଧିକାରୀଙ୍କୁ ଦାବିପତ୍ର ଶୁକ୍ରବାର ପ୍ରଦାନ କରାଯାଇଛି ।

**– ପ୍ରତାପ କୁମାର ପାଢ଼ୀ, ସାମାଜିକ କର୍ମୀ, ପଟ୍ଟାମୁଣ୍ଡାଇ**

■ କୁମ୍ଭୀର ଆକ୍ରମଣରେ ୪୫ ଦିନରେ ୪ ଜଣଙ୍କ ମୃତ୍ୟୁ
■ ଫେଲ୍ ମାରିଛି ଜିଓ ଟ୍ୟୁବ୍‌ୱାଲ ପ୍ରକଳ୍ପ
■ ୧୦ କି.ମି. ପରିଧିରେ ହେନ୍ତାଳବଣ ଦାବି

## ଜବରଦଖଲରେ ହେନ୍ତାଳବଣ



ହେନ୍ତାଳର ନମନୀୟ ଗୁଣ ଗଛକୁ ଜୁଆର ମାଡ଼ରୁ ରକ୍ଷା କରୁଥିବା ବେଳେ ଏହା ତଟକ୍ଷୟକୁ ରୋକିଥାଏ । ଗତ ୧୯୯୯ ମହାବାତ୍ୟା ସମୟରେ ଏହାର ପ୍ରମାଣ ଦେଖିବାକୁ ମିଳିଥିଲା । ଜୁଆର ଉତ୍ତାଳ ହୋଇଥିଲେ ମଧ୍ୟ ଜିଲା ମଧ୍ୟକୁ ପ୍ରବେଶ କରୁଥିବା ସମୁଦ୍ର ପାଣିକୁ ରୋକୁଥିଲା । ଫଳରେ ଜଗତସିଂହପୁର ଜିଲା ପରି କେନ୍ଦ୍ରାପଡ଼ା ଜିଲାରେ ଏତେ ସଂଖ୍ୟକ ଧନଜୀବନ ନଷ୍ଟ ହୋଇ ନ ଥିଲା । ତେବେ ୧୯୬୦ରୁ ତଟବର୍ତ୍ତୀ ଅଞ୍ଚଳରେ ବସତି ସ୍ଥାପନ ଫଳରେ ଭିତରକନିକାର ବହୁ ହେନ୍ତାଳବଣ ଜବରଦଖଲକୁ ଚାଲିଯାଇଛି । ଏଠାରେ ଥିବା ହେନ୍ତାଳ ବଣକୁ କାଟି ଚିଙ୍ଗୁଡିଘେରି ଆଦି ନିର୍ମାଣ ଫଳରେ ତଟକ୍ଷୟ ଦ୍ରୁତ ବେଗରେ ବଢ଼ିଚାଲିଛି । ଏପରି କି ଏହାଯୋଗୁ ସାତଭାୟା ପଞ୍ଚାୟତର ୫ଟି ଗ୍ରାମ ରାଜସ୍ୱ ମାନଚିତ୍ରରୁ ହଜି ଯାଇଛି । ସମୁଦ୍ର ତଟଠାରୁ ୧୦ କିମି ପରିଧି ମଧ୍ୟରେ ହେନ୍ତାଳବଣ ସୃଷ୍ଟି ହୋଇ ପାରିଲେ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଜିଲାବାସୀଙ୍କ ଧନ ଜୀବନ ରକ୍ଷା ହେବ ।

**– କ୍ଷିତୀଶ କୁମାର ସିଂହ, ଅଧ୍ୟାପକ, କେନ୍ଦ୍ରାପଡ଼ା**

# ପରିଚାଳନା କମିଟି ସଭାପତି ନିଯୁକ୍ତିକୁ ନେଇ ବିବାଦ

**କେନ୍ଦ୍ରାପଡ଼ା,୨୯।୭(ଜଗନ୍ନାଥ ଧଳ)**

ରାଜ୍ୟସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ପଟ୍ଟାମୁଣ୍ଡାଇ କଲେଜ ପରିଚାଳନା କମିଟିର ନୂତନ ସଭାପତି ଭାବେ ପ୍ରଫେସର ଅଧିକାରୀ ଲକ୍ଷ୍ମୀନାରାୟଣ ଦାଶଙ୍କୁ ନିଯୁକ୍ତି ଦେଇଛନ୍ତି । ତେବେ ଦାଶଙ୍କ ନିଯୁକ୍ତିକୁ ନେଇ ପଟ୍ଟାମୁଣ୍ଡାଇ ବୁଦ୍ଧିଜୀବି ମହଲରେ ପ୍ରତିକ୍ରୀୟା ପ୍ରକାଶ ପାଇଛି । ଏକ ପ୍ରେସ ବିବୃତିରେ ପଟ୍ଟାମୁଣ୍ଡାଇ ବିକାଶ ପରିଷଦର ସଭାପତି ଗୋପୀବଲ୍ଲଭ ନାୟକ , ସମ୍ପାଦକ ଆଡଭୋକେଟ ଗୋପୀନାଥ ତ୍ରିପାଠୀ , ବରିଷ୍ଠ ନାଗରିକ ମଞ୍ଚ ସଭାପତି ପ୍ରଫେସର ଅନିରୁଦ୍ଧ ରାଉଳ ,ସମ୍ପାଦକ ପ୍ରଫେସର ଭରତ ଚନ୍ଦ୍ର ପାତ୍ର , ବରିଷ୍ଠ ସଦସ୍ୟ ପ୍ରଫେସର ଦୁର୍ଯ୍ୟୋଧନ ପରିଡା , ଶିକ୍ଷାବିତ୍ ବିଜୟ କୁମାର ସାହୁ , ପୂର୍ବତନ ସରପଞ୍ଚ ସଂଘ ସଭାପତି ବୀରକିଶୋର ଦାସ , ବରିଷ୍ଠ ନାଗରିକ ପ୍ରମୋଦ କୁମାର ଜେନା , ନୃସିଂହ ପ୍ରସାଦ ଚୌଧୁରୀ ପ୍ରମୁଖ ବହୁ ବରିଷ୍ଠ ନାଗରିକ ବୁଦ୍ଧିଜୀବି , ଶିକ୍ଷାବିତ୍ ପଟ୍ଟାମୁଣ୍ଡାଇ କଲେଜ ପରିଚାଳନା କମିଟି ସଭାପତି ଭାବେ ଦାଶଙ୍କ ନିଯୁକ୍ତିକୁ ବିରୋଧ କରିବା ସହିତ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ସେମାନେ କହିଛନ୍ତି ପ୍ରଫେସର ଅଧିକାରୀ ଲକ୍ଷ୍ମୀ ନାରାୟଣ ଦାଶ ପଟ୍ଟାମୁଣ୍ଡାଇ କଲେଜ ଅଧ୍ୟକ୍ଷ ଥିବାବେଳେ ଓ ଅବସର ପରେ ନାକ୍ ଟିମ୍ ପରିଦର୍ଶନ ସମୟରେ ଦାୟିତ୍ୱରେ ଥାଇ ବିବାଦୀୟ ହୋଇପଡିଥିଲେ । ପୁନଶ୍ଚ ମହାକାଳପଡ଼ାରେ ଅଧ୍ୟାପକ ଥିବା ସମୟରେ କାର୍ଯ୍ୟରେ ବ୍ୟତିକ୍ରମ ପାଇଁ ତାଙ୍କୁ ନିଲମ୍ବନ କରାଯାଇଥିଲା । ଏଣୁ ଏଭଳି ବ୍ୟକ୍ତିଙ୍କୁ କେନ୍ଦ୍ରାପଡ଼ା ଜିଲାର ଦ୍ୱିତୀୟ ବୃହତମ ପଟ୍ଟାମୁଣ୍ଡାଇ କଲେଜର ପରିଚାଳନା କମିଟି ସଭାପତି ଭାବେ ନିଯୁକ୍ତି ଦିଆଯିବା ଦ୍ୱାରା କଲେଜର ଗାରିମା କ୍ଷୁର୍ଣ୍ଣ ହୋଇଛି । ପୁନଶ୍ଚ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ବହୁବରିଷ୍ଠ ଶିକ୍ଷାବିତ୍ ଓ ବୁଦ୍ଧିଜୀବି ଥିବା ବେଳେ ପଟ୍ଟାମୁଣ୍ଡାଇ ବାହାର ଅଞ୍ଚଳର ଜଣେ ଅବସରପ୍ରାପ୍ତ ବ୍ୟକ୍ତିଙ୍କୁ କଲେଜ ପରିଚାଳନା କମିଟି ସଭାପତି ଭାବେ ନିଯୁକ୍ତି ଦିଆଯିବା ଘଟଣାର ପୁନର୍ବିଚାର କରିବାକୁ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ନିକଟରେ ଉପରୋକ୍ତ ସଦସ୍ୟ ମାନେ ଦାବି କରିଛନ୍ତି ।

# ଚୋରି ବାଇକ୍ ଫେରିପାଇଲେ ଗାଡ଼ି ମାଲିକ

**କେନ୍ଦ୍ରାପଡ଼ା,୨୯।୭(ଜଗନ୍ନାଥ ଧଳ)**

**ବ୍ରାହ୍ମଣ ନାଳରୁ ଉଦ୍ଧାର କରିଥିଲା ପୋଲିସ**

୨ମାସ ତଳେ ଚୋରି ହୋଇଥିବା ବାଇକ୍‌କୁ ବ୍ରାହ୍ମଣ ନାଳରୁ ଉଦ୍ଧାର କରାଯାଇଥିଲା । ସେହି ବାଇକ୍‌କୁ ଗାଡ଼ି ମାଲିକଙ୍କୁ ରାଜକନିକା ପୋଲିସ ହସ୍ତାନ୍ତର କରିଛି । କେନ୍ଦ୍ରାପଡ଼ା ଜିଲା ରାଜକନିକା ଥାନା ପେଗରପଡ଼ା-ଗୁଣ୍ଠଳ-ଆଖଣ୍ଡଳମଣି ରାସ୍ତାର ବ୍ରାହ୍ମଣ ନାଳରେ ଗୁଣ୍ଠଳ ଗାଁର ଜଣେ ବ୍ୟକ୍ତି ମାଛ ଧରିବାକୁ ଯାଇଥିଲେ । ସେ ନାଳରେ ଜାଲ ପକାଇଥିବା ସମୟରେ କିଛି ଓଜନିଆ ଜିନିଷ ଲାଗିଥିଲା । ଜାଲ ଛିଡିଯିବା ଭୟରେ ସେ ନାଳରେ ପ୍ରବେଶ କରି ଜାଲ ଲାଖିଥିବା ସ୍ଥାନରେ ହାତମାରି ଉକ୍ତ ବାଇକ୍‌ର ସନ୍ଧାନ ପାଇଥିଲେ । ଏ ସଂକ୍ରାନ୍ତରେ ଖବର ପାଇ ରାଜକନିକା ପୋଲିସ ପହଞ୍ଚି ସ୍ଥାନୀୟ ଲୋକଙ୍କ ଦ୍ୱାରା ଉକ୍ତ ବାଇକ୍(ନଂ.ଓଡି୦୪ସି୮୫୨୮)କୁ ନାଳରୁ ଉଦ୍ଧାର କରିଥିଲା । ନମ୍ବର ଯାଞ୍ଚ ପରେ ବାଇକ୍‌ର ମାଲିକ ଯାଜପୁର କପସୀ ଅଞ୍ଚଳର ଅଭୟ ସାମଲ ବୋଲି ଜଣାପଡ଼ିଥିଲା । ପରେ ରାଜକନିକା ପୋଲିସ ଗାଡ଼ି ମାଲିକଙ୍କୁ ଏ ସଂକ୍ରାନ୍ତରେ ଖବର କରିଥିଲା । ଅଭୟ ରାଜକନିକା ଥାନାରେ ପହଞ୍ଚି ଉପଯୁକ୍ତ ପ୍ରମାଣପତ୍ର ସହ ୨ମାସ ତଳେ ଚୋରି ଯାଇଥିବା ବାଇକ୍‌ର ଏତଲା ଦେଖାଇବା ପରେ ପୋଲିସ ତାଙ୍କୁ ବାଇକ୍‌କୁ ହସ୍ତାନ୍ତର କରିଥିବା ଏସ୍‌ଆଇ ଚିନ୍ମୟ ମହାନ୍ତି ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ, ଗତ ୨ ମାସ ତଳେ ଅଭୟଙ୍କ ଏହି ବାଇକ୍ ଯାଜପୁର ମୁଖ୍ୟ ଚିକିତ୍ସାଳୟରୁ ଚୋରି ହୋଇଥିବା ନେଇ ସେ ଥାନାରେ ଅଭିଯୋଗ କରିଥିଲେ ।

# ଭାଜପା କୃଷକମୋର୍ଚ୍ଚା ପକ୍ଷରୁ ରାଜକନିକା ଉଠା ଜଳସେଚନ କ୍ଷେତ୍ର ପରିଦର୍ଶନ

**କେନ୍ଦ୍ରାପଡ଼ା,୨୯।୭(ଜଗନ୍ନାଥ ଧଳ)**


ଭାଜପା କୃଷକମୋର୍ଚ୍ଚା କର୍ମକର୍ତ୍ତାମାନେ ଉଠା ଜଳସେଚନ କ୍ଷେତ୍ର ପରିଦର୍ଶନ କରୁଛନ୍ତି ।

ଭାଜପା ରାଜ୍ୟ କୃଷକ ମୋର୍ଚ୍ଚାର ଏକ ପ୍ରତିନିଧି ଦଳ ରାଜକନିକା ବ୍ଲକ ଗସ୍ତ କରି ବିଭିନ୍ନ ସ୍ଥାନରେ ଥିବା ଉଠା ଜଳସେଚନ କ୍ଷେତ୍ର ପରିଦର୍ଶନ କରିଛନ୍ତି । ବରିଷ୍ଠ ଭାଜପା ନେତା ପ୍ରାଧ୍ୟାପକ ବୈକୁଣ୍ଠ ନାଥ ପରିଡ଼ାଙ୍କ ନେତୃତ୍ୱରେ ଏହି ପ୍ରତିନିଧି ଦଳ ବରୁଣାଡିହା, ମକୁନ୍ଦପୁର, ଓଳାଭର, ଭାମଣ୍ଡା, ସିହୋପଡା, ଦେଉଳତରା ଓ କଣ୍ଡିଆ ଆଦି ଅଞ୍ଚଳ ବୁଲି ଉଠା ଜଳସେଚନ ପ୍ରକଳ୍ପ ବୁଲି ଦେଖିଥିଲେ । ଖରସ୍ରୋତା ନଦୀ ଉପରେ ନିର୍ଭର କରି ଚାଷୀକୂଳ ଆଜି ବେସାହାରା ହୋଇ ଦାଦନ ଖଟିବାକୁ ବିଦେଶ ଯାଉଛନ୍ତି ବୋଲି ଏହି ପ୍ରତିନିଧି ଦଳ ମତ ରଖିଥିଲେ । ଚାଷ କରି ଦେଶ ଓ ରାଜ୍ୟକୁ ଅନ୍ନ ଯୋଗାଉ ଥିବା କୃଷକ ଆଜି ବେସାହାରା ହୋଇପଡିଛି । ଚାଷ ଉଜୁଡି ଯିବା ଫଳରେ ଚାଷୀ ଆଜି ମୁଣ୍ଡରେ ହାତଦେଇ ବସିଛି । ଖୋଦ ମନ୍ତ୍ରୀ ପ୍ରତାପ ଦେବଙ୍କ ନଅର ତଳେ ଥିବା ଉଠା ଜଳସେଚନ ପ୍ରକଳ୍ପ ଯଦି ଅଚଳ ତେବେ ବ୍ଲକର ଅନ୍ୟ ୧୩୬ଟି ପ୍ରକଳ୍ପର ଅବସ୍ଥା ନ କହିବା ଭଲ ବୋଲି କହିଛନ୍ତି ପ୍ରତିନିଧି ଦଳ । ଏହି ଦଳରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭୁବନ ମୋହନ ଜେନା, ରାଜ୍ୟ କୃଷକ ମୋର୍ଚ୍ଚା ଉପ-ସଭାପତି ଦୁର୍ଯ୍ୟୋଧନ ସାହୁ, ଜିଲା କୃଷକ ମୋର୍ଚ୍ଚା ସଭାପତି ରଞ୍ଜିତ ଆଚାର୍ଯ୍ୟ, ରାଜକନିକା ବରିଷ୍ଠ ଭାଜପା ନେତା ବୈକୁଣ୍ଠ ନାଥ ପରିଡା, କରୁଣା କର ତ୍ରିପାଠୀ, ମଣ୍ଡି ଚାଲ ଅଭିଯାନର ରାଜ୍ୟ ସଂଯୋଜକ ପବିତ୍ର ପରିଡା, ଭାଜପା ଜିଲା ଉପ-ସଭାପତି ଗଗନ ବିହାରୀ ସାହୁ, ଜିଲା ଯୁବ ମୋର୍ଚ୍ଚା ସାଧାରଣ ସମ୍ପାଦକ ନିହାର ରଞ୍ଜନ ସ୍ୱାଇଁଙ୍କ ସହ ଏକାଧିକ ଭାଜପା କର୍ମୀ ଉପସ୍ଥିତ ଥିଲେ ।

# ଜିଲାସ୍ତରୀୟ ହେପାଟାଇଟସ୍ ଦିବସ ପାଳିତ

**କେନ୍ଦ୍ରାପଡ଼ା,୨୯।୭(ଜଗନ୍ନାଥ ଧଳ)**



ଅତିଥିମାନେ ହେପାଟାଇଟସ୍ ଉପରେ ସଚେତନତା ସୃଷ୍ଟି କରୁଛନ୍ତି ।

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ସବଡିଭିଜନ ହସ୍ପିଟାଲରେ ଜିଲାସ୍ତରୀୟ ବିଶ୍ୱ ହେପାଟାଇଟସ ଦିବସ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅନିତା ପଟ୍ଟନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ପଟ୍ଟାମୁଣ୍ଡାଇ ଉପଖଣ୍ଡ ଚିକିତ୍ସାଳୟ ସଭାଗୃହରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସିଡିଏମ୍‌ଓ ଡା. ପଟ୍ଟନାୟକ ହେପାଟାଇଟିସ ରୋଗର ଭୟଭୟତା, ନିଦାନ ଓ ତାର ନିରାକାରଣ ଉପରେ ଆଲୋଚନା କରିଥିଲେ । ସଭାରେ ଡା. ସଚ୍ଚିଦାନନ୍ଦ ମିଶ୍ର, ଶାନ୍ତିଲତା ଚାନ୍ଦ, କୃଷ୍ଣ ଚନ୍ଦ୍ର ଲୁହା ଓ ସତ୍ୟ ନାରାୟଣ ସିଂ ପ୍ରମୁଖ ଯୋଗଦେଇ ହେପାଟାଇଟସ କିପରି ନିରାକରଣ ହେବ ସେ ବିଷୟରେ ଆଶା ଓ ଛାତ୍ରୀଛାତ୍ରମାନଙ୍କୁ ବୁଝାଇଥିଲେ । ପଟ୍ଟାମୁଣ୍ଡାଇ ସବ୍‌ଡିଭିଜନ ହସ୍ପିଟାଲ ମୁଖ୍ୟଅଧିକାରୀ ଡା.ନିରାକାର ପରିଡ଼ା ସ୍ୱାଗତ ଭାଷଣ ଦେଇ ଜିଲା ଓ ବ୍ଲକର ସମସ୍ତ କର୍ମଚାରୀ, ଆଶା ଓ ଛାତ୍ରୀଛାତ୍ରମାନଙ୍କୁ ସ୍ୱାଗତ କରିଥିଲେ । ପୂର୍ବରୁ ବାଳିକା ଉଚ୍ଚବିଦ୍ୟାଳୟ ହୋଇଥିବା କୁଇଜରେ କୃତ ୯ ଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି ସଭାରେ ନୃସିଂହ ଚରଣ ଦାସ, ପ୍ରଶାନ୍ତ ଜେନା, ଚିତ୍ତ ରଞ୍ଜନ ଚାନ୍ଦ, ସଞ୍ଜୟ ଦାସ, ଶୁଭରତ୍ନ ଖୁଣ୍ଟିଆ ଓ ଦୀପକ ମହାରଣା ଯୋଗ ଦେଇଥିଲେ ।

# ଆଧ୍ୟାତ୍ମିକ ଚେତନା, ଭ୍ରାତୃତ୍ୱ ଭାବ ସାମାଜିକ ବ୍ୟବସ୍ଥାକୁ ସୁଦୃଢ଼ କରେ

**ଡେରାବିଶ,୨୯।୭ (ବେବର୍ତ୍ତା ଅଜୟ ଦାସ)**

■ ସନ୍ନ୍ୟାସୀ ନିରାକାର ଦାସଙ୍କ ସମାଧି ପ୍ରତିଷ୍ଠା ଉତ୍ସବ
■ ଠାକୁର ଅଭିରାମ ପରମହଂସଙ୍କ ଭକ୍ତ ସମାବେଶ

ଡେରାବିଶ ବ୍ଲକ ପଲେଇ ପଞ୍ଚାୟତ ପଲେଇ କାର୍ଯ୍ୟାଳୟ ନିକଟରେ ସନ୍ନ୍ୟାସୀ ନିରାକାର ଦାସଙ୍କ ସମାଧି ପ୍ରତିଷ୍ଠା ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଅଭୟ କୁମାର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏକ ଧର୍ମସଭାରେ ପୁରୀ ଜିଲା କରମଳାସ୍ଥିତ ଶାନ୍ତି ଆନନ୍ଦାଶ୍ରମର ସାଧୁ ସଦାନନ୍ଦ ଦାସ ମହାରାଜ ଯୋଗଦେଇ ଠାକୁର ଅଭିରାମ ପରମହଂସଙ୍କ ଲିଖିତ ସନାତନ ଧର୍ମାର୍ଥ ଗୀତା, କୋଇଲି ଶିକ୍ଷା ଓ କଳି ଭାଗବତକୁ ବାଖ୍ୟା କରି ମାନବ ସମାଜ ମଧ୍ୟରେ ଆଧ୍ୟାତ୍ମିକ ଚେତନା ଓ ଭାତୃତ୍ୱ ଭାବନା ରହିପାରିଲେ ସାମାଜିକ ବ୍ୟବସ୍ଥା ସୁଦୃଢ଼ ହୋଇପାରିବ ବୋଲି ନିଜ ଆଶ୍ରିବଚନ ମାଧ୍ୟମରେ ଉଲ୍ଲେଖ କରିଥିଲେ । ଠାକୁରଙ୍କ ମୁଖନିସୃତ ବାଣୀ, ପାନୀ, ପାଣି ଓ ଜଳକୁ ବାଖ୍ୟା କରି ଏହା ମଧ୍ୟରେ କୌଣସି ପ୍ରଭେଦ ନଥିବା ବେଳେ ମାନବ ସମାଜରେ କାହିଁକି ଭେଦଭାବ ରହିଛି ବୋଲି ଉଲ୍ଲେଖ କରି ମାନବବାଦ ପ୍ରତିଷ୍ଠା ହୋଇପାରିଲେ ସାମାଜିକ ଶୃଙ୍ଖଳା ବଳବତର ରହିପାରିବ ବୋଲି ସଦାନନ୍ଦ ମହାରଜଜୀ ନିଜ ଆଶ୍ରିବଚନରେ କହିଥିଲେ । ଏହି ଧର୍ମ ସଭାରେ ଶାନ୍ତି ଆନନ୍ଦାଶ୍ରମର ସନ୍ନ୍ୟାସୀ ଭୀମସେନ ଦାସ, ବିଷ୍ଣୁ ପ୍ରସାଦ ଦାସ, ଶ୍ରୀନିବାସ ଦାସ, ଭରତ ଦାସ, ସତ୍ୟବ୍ରତ ଦାସ, ମୁକୁନ୍ଦାନନ୍ଦ ଦାସ ଓ ଆତ୍ମାରାମ ଦାସ ପ୍ରମୁଖ ଯୋଗଦେଇ ଆଶ୍ରିବଚନ ରଖିଥିଲେ । ଏଥିସହିତ ଓଳାଶୁଣୀ ଗୁମ୍ଫା ମହାପୁରୁଷ ଅରକ୍ଷିତ ଦାସଙ୍କ ପୀଠରୁ ସନ୍ନ୍ୟାସୀ ଅଜୟ ଦାସଙ୍କ ସମେତ ବିଭିନ୍ନ ସମ୍ପ୍ରଦାୟର ସାଧୁମାନେ ଏହି ଧର୍ମସଭାରେ ଯୋଗ ଦେଇଥିଲେ ।

ଏହି ଅବସରରେ ଅଭିରାମ ପରମହଂସଙ୍କ ଭକ୍ତ ସମାବେଶ ଅନୁଷ୍ଠିତ ହୋଇଥିଲ । ପ୍ରାତଃରେ ଠାକୁରଙ୍କ ନିକଟରେ ମଙ୍ଗଳଆରତୀ ଓ ବାଲ୍ୟଧୂପ ଅନୁଷ୍ଠିତ ହେବା ପରେ ଉଦଣ୍ଡ କୀର୍ତ୍ତନ ଅନୁଷ୍ଠିତ ହୋଇଥିଲା । ପରେ ସନ୍ନ୍ୟାସୀ ନିରାକାରଙ୍କ ସମାଧି ପ୍ରତିଷ୍ଠା ଉତ୍ସବ ସହ ନିରାକାରଙ୍କ ଉଦ୍ଦେଶ୍ୟରେ ଠାକୁରଙ୍କ ପାଦପଦ୍ମରେ ତାଙ୍କ ଆତ୍ମା ଲୀନ ପାଇଁ ଏକ ପ୍ରାର୍ଥନା କରାଯାଇଥିଲ । ବିଳମ୍ବିତ ରାତିରେ ଶେଷ ହୋଇଥିବା ଏହି କାର୍ଯ୍ୟକ୍ରମକୁ ସାରଦା ପ୍ରସାଦ ଶର୍ମା, ଧିରେନ୍ଦ୍ର କୁମାର ଶର୍ମା, ଶିବ ପ୍ରସାଦ ଶର୍ମା, ଭାବଗ୍ରାହୀ ଶର୍ମା, ପଲେଇ ସରପଞ୍ଚ ଅକ୍ଷୟ କୁମାର ସାହୁ, ରମାକାନ୍ତ ପରିଡ଼ାଙ୍କ ସମେତ ପଲେଇ, ଚାନ୍ଦୋଳ, ଯଅଁରାବାରିମୂଳ ପଞ୍ଚାୟତ ଅର୍ତ୍ତାମୂଳ ସମେତ ସ୍ଥାନୀୟ ଅଞ୍ଚଳର ଭକ୍ତଗୋଷ୍ଠୀ ପରିଚାଳନା କରିଥିଲେ ।


ଠାକୁର ଅଭିରାମ ପରମହଂସଙ୍କ ଭକ୍ତ ସମାବେଶ ।

# ପରିବେଶ ପତ୍ରିକା ‘ଭିତରକନିକା’ ଉନ୍ମୋଚିତ

**ରାଜନଗର,୨୯।୭(ଭାସ୍କର ରାଉତରାୟ)**



ଅତିଥିମାନେ ପରିବେଶ ସୁରକ୍ଷା ଓ ସଚେତନ ଧର୍ମୀ ପତ୍ରିକା ‘ଭିତରକନିକା’ ଉନ୍ମୋଚନ କରୁଛନ୍ତି ।

ଭିତରକନିକା ରାଜନଗର ମାଟିର ପରିଚୟ । କେବଳ ରାଜନଗର ନୁହେଁ, ଓଡ଼ିଶା ଓ ଭାରତର ମଧ୍ୟ ପରିଚୟ ପାଲଟିଛି ଭିତରକନିକା । ଭିତରକନିକାର ଜୈବ ବିବିଧତା ଓ ଲୁଣା ଜଙ୍ଗଲ ବିରଳ । ଭିତରକନିକାର ଲୁଣା ଜଙ୍ଗଲ ଓ ବନ୍ୟଜନ୍ତୁଙ୍କର ସୁରକ୍ଷା ଏବଂ ସଂରକ୍ଷଣ ପାଇଁ ବ୍ୟାପକ ସଚେତନତାର ଆବଶ୍ୟକତା ରହିଛି । ଭିତରକନିକାକୁ ସୁରକ୍ଷା ଦେବା ଓ ଲୋକଙ୍କୁ ସଚେତନ କରିବା ପାଇଁ ରାଜନଗର ମାଟିରୁ ପ୍ରକାଶ ପାଇଛି ପରିବେଶ ସୁରକ୍ଷା ଓ ସଚେତନ ଧର୍ମୀ ପତ୍ରିକା ‘ଭିତରକନିକା’ । ରାଜନଗରସ୍ଥିତ ତ୍ରିନାଥବଜାର ପୂର୍ତ୍ତ ବିଭାଗ ଡାକବଙ୍ଗଳା ପରିସରରେ ‘ଭିତରକନିକା’ର ପ୍ରଥମ ସଂଖ୍ୟା ଶନିବାର ଉନ୍ମୋଚିତ ହୋଇଛି । ବିଶିଷ୍ଟ କବି ଅଭିରାମ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ସତ୍ୟବାଦୀ ଜେନା, ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ସୂର୍ଯ୍ୟ ନାରାୟଣ ଲେଙ୍କା, ନାଗାନାରାୟଣ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ମାନସ ରଞ୍ଜନ ମିଶ୍ର, ବନପାଳ ମହନ୍ତ କୁମାର ମଳିକ, ବିଶିଷ୍ଟ ପରିବେଶବିତ୍ ତଥା ପତ୍ରିକାର ଉପଦେଷ୍ଟା ଗାଳ୍ପିକ ପ୍ରଦୀପ ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପତ୍ରିକା ଉନ୍ମୋଚନ କରିଥିଲେ । ଭିତରକନିକାରେ କିପରି ଲୁଣା ଜଙ୍ଗଲର ସୁରକ୍ଷା ଓ ଅଭିବୃଦ୍ଧି ପାଇଁ ସ୍ଥାନୀୟ ଲୋକେ ମ୍ୟାନଗ୍ରୁଭ ମିତ୍ର କାର୍ଯ୍ୟକ୍ରମରେ ସାମିଲ ହୋଇ ଜମି ଦାନ କରୁଛନ୍ତି ଓ ୨୦୧୭ ପରଠୁ କ୍ରମାଗତ ଭାବେ ଭିତରକନିକାରେ ଲୁଣା ଜଙ୍ଗଲ ବୃଦ୍ଧି ପାଉଥିବାରୁ ଏହା ପରିବେଶ ପ୍ରତି ଭଲ ସମ୍ଭାବନା ବୋଲି କହିଥିଲେ । ଏଥିସହ ଜଳବାୟୁ ପରିବର୍ତ୍ତନ ଭଳି ସ୍ଥିତିରୁ ମୁକାବିଲା କରିବାକୁ ହେଲେ ବ୍ୟାପକ ଚାରାରୋପଣ ସହିତ ଲୁଣା ଜଙ୍ଗଲର ସୁରକ୍ଷା ଓ ଅଭିବୃଦ୍ଧିର ଆବଶ୍ୟକତା ରହିଛି ବୋଲି ଅତିଥି ମାନେ ମତ ପ୍ରକାଶ କରିଥିଲେ । ଏଥିପାଇଁ ବ୍ୟାପକ ସଚେତନତାର ଆବଶ୍ୟକତା ରହିଛି ଓ ‘ଭିତରକନିକା’ ପତ୍ରିକା ସଚେତନତାର ବାର୍ତ୍ତାବହ ହେବ ବୋଲି କହିଥିଲେ । ଯୁବ ସମ୍ପାଦକ ତଥା କବି ପବିତ୍ର ବ୍ରହ୍ମପୁତ୍ର ନାୟକ ଏହି ପତ୍ରିକାର ଆବଶ୍ୟକତା ସଂପର୍କରେ କହିବା ସହ ଭିତରକନିକା ଯେପରି ସମସ୍ତଙ୍କର ଏହି ପତ୍ରିକା ସମସ୍ତଙ୍କର ବୋଲି କହିଥିଲେ । ଉପଦେଷ୍ଟା ଗାଳ୍ପିକ ପ୍ରଦୀପ ନାୟକ ଅତିଥି ପରିଚୟ ପ୍ରଦାନ କରିବା ସହ ଭିତରକନିକା ପତ୍ରିକା ଭିତରକନିକାର ସୁରକ୍ଷା ଓ ସଂରକ୍ଷଣ ଦିଗରେ କାର୍ଯ୍ୟ କରିବ ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ କବି ସୁଶାନ୍ତ କୁମାର ଦାଶ, ହେମନ୍ତ କୁମାର ବାରିକ, ଶରତ ଚନ୍ଦ୍ର ନାୟକ, ବରଦାକାନ୍ତ ଜେନା, ଖବରଦାତା ବସନ୍ତ କୁମାର ହାତି, ସାମାଜିକ କର୍ମୀ କୃପାସିନ୍ଧୁ ସାମଲ, ଖବରଦାତା ଭାସ୍କର ରାଉତରାୟ, ଗାଳ୍ପିକ ତଥା ଅଧ୍ୟାପକ ରତ୍ନାକର ନାୟକ, ଶିକ୍ଷାବିତ୍ ସୀତାକାନ୍ତ ରାଉଳ, ବ୍ରହ୍ମାନନ୍ଦ ରାଉତ ପ୍ରମୁଖ ଭିତରକନିକାର ସୁରକ୍ଷା ସମ୍ପର୍କରେ କହିବା ସହ ପତ୍ରିକାର ଉନ୍ନତି କାମନା କରିଥିଲେ । କବିୟିତ୍ରୀ ବିମଳା ସେନ୍ ଭିତରକନିକା ସମ୍ପର୍କିତ କବିତା ପାଠ କରିଥିଲେ । କବି ସୁଶାନ୍ତ କୁମାର ଦାଶ ଧନ୍ୟବାଦ ଦେଇଥିଲେ ।

## ସଂକ୍ଷେପରେ

### କବାଟ ଭାଙ୍ଗି ଯୁବକଙ୍କ ମୃତଦେହ ଜବତ

ଓଡ଼ଗାଁ,୨୯।୭ (ଆଦର୍ଶ କୁମାର ପଟ୍ଟନାୟକ)

ଓଡ଼ଗାଁ ଆଦର୍ଶ ଥାନା ତଥା ଏନଏସିର ବିଜୟ ମଣ୍ଡପ ସାହିର ଏକ ଭଡାଘରୁ ଜଣେ ଯୁବକଙ୍କ ମୃତଦେହ ଜବତ କରାଯାଇଛି। ମୃତ ଯୁବକ ଗଞ୍ଜାମ ଜିଲା ବୁଗୁଡା ଥାନା ବାଲିପଦର ନିକଟ କାଦପଡା ଗାଁର ଉଗ୍ରସେନ ସ୍ୱାଇଁ(୩୧)। ସେ ଏକ ଅର୍ଥ ଲଗାଣକାରୀ ସଂସ୍ଥାରେ କାମ କରୁଥିଲେ। ଶୁକ୍ରବାର ରାତିରେ ସେ ଅସୁସ୍ଥ ଥିବା ଫୋନ କରି ଘରକୁ ଜଣାଇଥିଲେ । କିନ୍ତୁ ଶନିବାର ସକାଳେ ଘର ଲୋକେ ତାଙ୍କୁ ଫୋନ କରିଥିଲେ । ହେଲେ ସେ ଫୋନ ଉଠାଇ ନ ଥିଲେ । ଏନେଇ ସନ୍ଦେହ ପ୍ରକାଶ ପାଇବା ପରେ ଉଗ୍ରସେନଙ୍କ ଭିଣୋଇ ଓ ତାଙ୍କ ସାଙ୍ଗ ଭଡ଼ାଘରେ ପହଞ୍ଚି କବାଟ ବାଡେଇଥିଲେ। କେହି କବାଟ ନ ଖୋଲିବାରୁ ପୋଲିସ ଉପସ୍ଥିତିରେ କବାଟ ଭାଙ୍ଗି ତାଙ୍କ ମୃତଦେହ ଜବତ କରାଯାଇଥିଲା । ଭିଣୋଇଙ୍କ ଅଭିଯୋଗ ଅନୁସାରେ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୧୦/୨୩) ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ।

# ଅଧାପନ୍ତରିଆ ଭାବେ ପଡ଼ିଛି ନୂଆଗାଁ କଲ୍ୟାଣ ମଣ୍ଡପ

- ଅନୁଦାନ ଅଛି, କରାଯାଉନି କାମ
- ଅଚଳ ହାଟ ପରିସରରେ ଚାଲିଛି ବିବାହ, ବ୍ରତଘର

ନୂଆଗାଁ,୨୯।୭ (ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ନୂଆଗାଁ ଶୈବପୀଠ ନିକଟରେ ଆରମ୍ଭ ହୋଇଥିବା କଲ୍ୟାଣ ମଣ୍ଡପ ନିର୍ମାଣ କାମ ଅଢେଇ ବର୍ଷ ହେଲା ଅଧାପନ୍ତରିଆ ଭାବେ ପଡି ରହିଛି । ନିର୍ମାଣ କାର୍ଯ୍ୟ ପାଇଁ ଅନୁଦାନ ଥିଲେ ମଧ୍ୟ ପଞ୍ଚାୟତ ନିର୍ବାଚନ ପରେ ସେହି କାର୍ଯ୍ୟକୁ ସ୍ଥଗିତ ରଖାଯିବା ଘଟଣା ଅଞ୍ଚଳବାସୀଙ୍କ ମନରେ ଅଶାନ୍ତି ସୃଷ୍ଟି କରିଛି । ଏ ସଂକ୍ରାନ୍ତରେ ତୁରନ୍ତ ପଦକ୍ଷେପ ନେବାକୁ ଦାବି ହୋଇଛି ।

ସୂଚନା ଅନୁଯାୟୀ, ନୂଆଗାଁରେ ଦିନକୁ ଦିନ ଲୋକସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ଲୋକମାନଙ୍କ ଆବଶ୍ୟକତା ମଧ୍ୟ ବଢୁଛି । ସେହି ଅନୁସାରେ ବିବାହ, ବ୍ରତଘର , ଭୋଜିଭାତ, ସଭାସମିତି ଘରେ କରିବା ଅପେକ୍ଷା କଲ୍ୟାଣ ମଣ୍ଡପରେ କରିବାକୁ ଲୋକମାନେ ଚାହୁଁଛନ୍ତି । ତେଣୁ ନୂଆଗାଁରେ ଏକ କଲ୍ୟାଣ ମଣ୍ଡପ ନିର୍ମାଣ କରିବା ପାଇଁ ସରକାର ୩୫ ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ । ୨୦୨୦ ଡିସେମ୍ବର ୬ରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ବ୍ଲକ ଚେୟାମ୍ୟାନ ଅନ୍ତର୍ଯ୍ୟାମୀ ସ୍ୱାଇଁ , ଜିଲା ପରିଷଦ ସଭ୍ୟ ସୁଦୀପ୍ତ ଚନ୍ଦ୍ର ରାୟ ଆଦି ଅତିଥିମାନଙ୍କ ଦ୍ୱାରା ନୂଆଗାଁ ଶୈବପୀଠରେ କଲ୍ୟାଣ ମଣ୍ଡପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। କାର୍ଯ୍ୟାରମ୍ଭ ହେବାର ଅଢେଇ ବର୍ଷ ବିତି ଯାଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ଫାଉଣ୍ଡେଶନ ପଡି ଅଳ୍ପ କିଛି କାମରେ ଅଟକିଛି କଲ୍ୟାଣ ମଣ୍ଡପ ନିର୍ମାଣ । ସେଥିରେ ବ୍ୟବହାର ହୋଇଥିବା ଛଡରେ କଳଙ୍କି ଲାଗି ଦୁର୍ବଳ ହେବାକୁ ବସିଲାଣି । ହେଲେ ନିର୍ମାଣ କାମକୁ ସମ୍ପୂର୍ଣ୍ଣ କରିବା ପାଇଁ କୌଣସି ନେତା କିମ୍ବା ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟି ପଡୁନି । ତେବେ କଲ୍ୟାଣ ମଣ୍ଡପର କାର୍ଯ୍ୟାରମ୍ଭ କରିଥିବା ଠିକାଦାରଙ୍କୁ କାର୍ଯ୍ୟ ବାବଦରେ ପଚାରିବାରେ ପଞ୍ଚାୟତ ନିର୍ବାଚନ ପୂର୍ବରୁ ମାତ୍ର ୧୦ ଲକ୍ଷ ଟଙ୍କାର ଫାଇଲ ପ୍ରସ୍ତୁତ କରାଯାଇଥିଲା। ସେହି ଅନୁସାରେ ମୁଁ ମୋର କାମ ସାରି ଦେଇଛି। କିନ୍ତୁ ପଞ୍ଚାୟତ ନିର୍ବାଚନ ପରେ ଆଉ ଫାଇଲ ପ୍ରସ୍ତୁତ କରାଯାଇ ନାହିଁ କିମ୍ବା ମୋତେ କାମ କରିବା ପାଇଁ ଅନୁମତି ଦିଆ ଯାଇ ନାହିଁ । ଏପରି କି ସେହି କାମରେ ମୁଁ ବ୍ୟବହାର କରିଥିବା ଛଡର ବିଲ୍ ମଧ୍ୟ ଏଯାବତ୍ ମୋତେ ପ୍ରଦାନ କରାଯାଇ ନାହିଁ ବୋଲି କହିଛନ୍ତି ଠିକାଦାର । ତେବେ ଏଥିରୁ ସ୍ପଷ୍ଟ ବାରି ହୋଇ ପଡୁଛି କି ରାଜନୀତି ପ୍ରଭାବରେ ବଳି ପଡିଛି ନୂଆଗାଁ କଲ୍ୟାଣ ମଣ୍ଡପ ନିର୍ମାଣ । ଯାହାଫଳରେ ସ୍ଥାନୀୟ ଲୋକେ ନିକଟସ୍ଥ ଅଚଳ ହାଟର ଖୋଲା ମଣ୍ଡପକୁ ଆଶ୍ରା କରି ସେଠାରେ ବିବାହ, ବ୍ରତଘର ଆଦି ଭୋଜିଭାତ କରୁଛନ୍ତି । କଲ୍ୟାଣ ମଣ୍ଡପ ନିର୍ମାଣ ବାବଦରେ ନୂଆଗାଁ ବିଡିଓ ସଚ୍ଚିଦାନନ୍ଦ ମିଶ୍ରଙ୍କୁ ପଚାରିବାରେ ମୁଁ ଏ ସଂକ୍ରାନ୍ତରେ ଯନ୍ତ୍ରୀଙ୍କ ସହ ଆଲୋଚନା କରିବି ବୋଲି କହିଛନ୍ତି।


ଅଧାପନ୍ତରିଆ ଭାବେ ରହିଥିବା କଲ୍ୟାଣ ମଣ୍ଡପ ।

### ରାଧାକାନ୍ତ ମନ୍ଦିରରେ ବିଷ୍ଣୁ ସହସ୍ରନାମ ପାଠ

ଓଡ଼ଗାଁ,୨୯।୭ (ଆଦର୍ଶ କୁମାର ପଟ୍ଟନାୟକ)

ଶ୍ରାବଣ ଶୁକ୍ଳ ଏକାଦଶୀ ଶନିବାର ଓଡ଼ଗାଁ ରାଧାକାନ୍ତ ଜୀଉଙ୍କ ମନ୍ଦିର ପ୍ରାଙ୍ଗଣରେ ସାମୁହିକ ବିଷ୍ଣୁ ସହସ୍ରନାମ ପାଠ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଓଡ଼ଗାଁ ବୈଦିକ ବ୍ରାହ୍ମଣ ସମାଜର ସମ୍ପାଦକ ଫକୀର ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଓଡ଼ଗାଁ ସମେତ କୁରାଳ, ପଣ୍ଡିଖାରୀ ଶାସନ, ରାବରା ଶାସନରୁ ଆସିଥିବା ବୈଦିକ ବ୍ରାହ୍ମଣମାନେ ବିଶ୍ୱ କଲ୍ୟାଣ ଉଦ୍ଦେଶ୍ୟରେ ନାମ ପାଠ ସହିତ ରୁଦ୍ର, ରାମ, କୃଷ୍ଣ, ଲକ୍ଷ୍ମୀଙ୍କ ନାମାବଳୀ ପାଠ କରିଥିଲେ । ସଭାପତି ଶରତ ଚନ୍ଦ୍ର ନନ୍ଦ ଉପରୋକ୍ତ କାର୍ଯ୍ୟ ପରିଚାଳନା କରିଥିଲେ।

# ଜାତୀୟ ଶିକ୍ଷାନୀତିର ପୂର୍ତ୍ତି ଉତ୍ସବ



କେନ୍ଦ୍ରୀୟ ବିଦ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀ ।

ନୟାଗଡ଼,୨୯।୭ (ଲୋକନାଥ ମିଶ୍ର)

ଜାତୀୟ ଶିକ୍ଷାନୀତି ୨୦୨୦ର ତୃତୀୟ ବାର୍ଷିକୀ ଅବସରରେ ନୟାଗଡ଼ କେନ୍ଦ୍ରୀୟ ବିଦ୍ୟାଳୟରେ ଏକ ଖବରଦାତା ସମ୍ମିଳନୀ କରାଯାଇ ଜାତୀୟ ଶିକ୍ଷାନୀତିର ଲକ୍ଷ୍ୟ ଉପରେ ବର୍ଣ୍ଣନା କରାଯାଇଥିଲା । ଏଥିରେ ଜବାହାର ନବୋଦୟ ବିଦ୍ୟାଳୟ ଅଧ୍ୟକ୍ଷ ଏସ.ଟି. ରହମନ, କେନ୍ଦ୍ରୀୟ ବିଦ୍ୟାଳୟର ଅଧ୍ୟକ୍ଷ ନବ କିଶୋର ସେଠୀ, ଜାତୀୟ ଶିକ୍ଷାନୀତିର ରିସୋର୍ସ ପର୍ସନ ଦେବାଟେସ ମିଶ୍ର, ଅକ୍ଷୟ କୁମାର ସାହୁ, ଶ୍ରଦ୍ଧାଞ୍ଜଳି ବିଶ୍ୱାଳ ଯୋଗ ଦେଇ ଜାତୀୟ ଶିକ୍ଷାନୀତି ଉପରେ ଟିପ୍ପଣୀ ଦେଇଥିଲେ । ଜାତୀୟ ଶିକ୍ଷାନୀତି ଅନୁସାରେ କେନ୍ଦ୍ରୀୟ ବିଦ୍ୟାଳୟର ପାଠପଢ଼ା ୫, ୩, ୩, ୪ ଭାବେ ବିଭକ୍ତ ହୋଇଛି । ପ୍ରଥମ ୫ ବାଳବାଟିକା, ୧, ୨ଓ ୩, ପ୍ରଥମ, ୨ୟ ଶ୍ରେଣୀ ପର୍ଯ୍ୟନ୍ତ, ୨ୟ ପର୍ଯ୍ୟାୟର ୩ୟ ବର୍ଷ ତୃତୀୟରୁ ପଞ୍ଚମ, ତୃତୀୟ ପର୍ଯ୍ୟାୟର ୩ ବର୍ଷ ଷଷ୍ଠରୁ ଅଷ୍ଟମ ଶ୍ରେଣୀ, ଶେଷ ୪ ବର୍ଷ ନବମରୁ ଦ୍ୱାଦଶ ଶ୍ରେଣୀ ରହିଛି । ଜାତୀୟ ଶିକ୍ଷାନୀତି ଅନୁସାରେ ପାରମ୍ପରିକ ଘୋଷା ପାଠପଢ଼ା ଭିତ୍ତକ ଆଭିମୁଖ୍ୟଠାରୁ ଦୂରେଇ ଦିଆଯାଇଛି । ଛାତ୍ରୀଛାତ୍ରଙ୍କ ପାଇଁ ଉନ୍ନତ ଶିକ୍ଷଣ ପରିବେଶ ସୃଷ୍ଟି କରାଯାଇଛି ବୋଲି ଉକ୍ତ ଖବରଦାତା ସମ୍ମିଳନୀରେ କୁହାଯାଇଥିଲା ।

### ପର୍ଯ୍ୟଟକଙ୍କୁ ହଇରାଣ କରୁଛନ୍ତି ଲୁଟେରା

ଖଜୁରିପଡ଼ା,୨୯।୭(ବିଦୁର ବେହେରା)

ଖଜୁରିପଡ଼ା ବ୍ଲକ ପିଲା ସାଲୁଙ୍କି ଡ୍ୟାମରେ ଶୁକ୍ରବାର ଲୁଟେରାମାନେ ପର୍ଯ୍ୟଟକଙ୍କୁ ଆକ୍ରମଣ କରିଛନ୍ତି। ବନ୍ଧଗଡ ଅଞ୍ଚଳର କିଛି ପର୍ଯ୍ୟଟକ ମାଁ ବରାଳ ଦେବୀ ମନ୍ଦିର ଦର୍ଶନ କରିବା ପରେ ପିଲା ସାଲୁଙ୍କି ଡ୍ୟାମ ବୁଲିବାକୁ ଯାଇଥିଲେ। ସେଠାରେ ବୁଲା ବୁଲି କରିବା ସମୟରେ ଲୁଟେରା ଗ୍ୟାଙ୍ଗ ସେମାନଙ୍କୁ ମୁଣ୍ଡ ଫଟେଇ ମାଡ଼ ମାରିବା ସହିତ ମୋବାଇଲ ଫୋନ୍ ଛଡ଼େଇ ନେଇଛନ୍ତି। ପର୍ଯ୍ୟଟକମାନେ ସେମାନଙ୍କୁ ଚିହ୍ନି ନାହାନ୍ତି। ଏହିଭଳି ଆଗରୁ ଅନେକ ଲୋକଙ୍କୁ ଲୁଟେରାମାନେ ଲୁଟ କରିବା ସହିତ ମାଡ଼ ମାରିଥିବା ସ୍ଥାନୀୟ ଲୋକଙ୍କଠାରୁ ଶୁଣିବାକୁ ମିଳୁଛି। ତେଣୁ ଏବେ ଏହି ପର୍ଯ୍ୟଟନ କ୍ଷେତ୍ରକୁ ପର୍ଯ୍ୟଟକମାନେ ଆସିବା ପାଇଁ ସୁରକ୍ଷିତ ମନେ କରୁନାହାନ୍ତି। ତେଣୁ ପୋଲିସ ବାହିନୀ ଏଥିପ୍ରତି ଦୃଷ୍ଟି ଦେବା ନିତାନ୍ତ ଆବଶ୍ୟକ ହୋଇପଡିଛି।

# ପୋଲିସ ପାଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି କରିବାକୁ ଦାବି

ଖଣ୍ଡପଡ଼ା,୨୯।୭(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ସହରର ଜନଗହଳି ପୂର୍ଣ୍ଣ ତ୍ରିନାଥ ଛକରୁ ଗୁରୁବାର ରାତିରେ ଦୁର୍ବୃତ୍ତମାନେ ଏକ କାର ଚୋରି କରି ନେଇଯିବା ପରେ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି । ଏହି ଘଟଣା ପଛରେ ସ୍ଥାନୀୟ ଅଞ୍ଚଳର କେତେଜଣ ଅସାମାଜିକ ବ୍ୟକ୍ତିଙ୍କ ହାତ ଥିବା ନେଇ ପୋଲିସର ସନ୍ଦେହ ପରିସରକୁ ଆସିଛି । ଏ ନେଇ ପୋଲିସ ପକ୍ଷରୁ ଅନୁସନ୍ଧାନ ଜାରି ରହିଥିବା ସୂଚନା ମିଳିଛି । ତେବେ ଏହି ଘଟଣା ପରଠାରୁ ଖଣ୍ଡପଡ଼ା ସହରବାସୀଙ୍କ ମନରେ ଛନକା ପଶିଯାଇଛି । ରାତିକାଳୀନ ପୋଲିସ ପାଟ୍ରୋଲିଂ ବ୍ୟବସ୍ଥା ଢିଲା ଯୋଗୁ ଲୁଟେରାମାନେ କାର ଚୋରି କରିବାକୁ ସାହସ କଲେ ବୋଲି ସାଧାରଣରେ ଆଲୋଚନା ହେଉଛି । ଖଣ୍ଡପଡା ସହରର ଅନେକ ବ୍ୟକ୍ତି ରାତିରେ ଘର ସାମନାରେ କାର ଓ ବାଇକ୍ ରଖି ଶୋଇଥାଆନ୍ତି। ୨ ଦିନ ତଳର ଘଟଣା ସମସ୍ତଙ୍କ ନିଦ ହଜାଇ ଦେଇଛି । ଖଣ୍ଡପଡ଼ା ସହରର ତ୍ରିନାଥ ଛକ, ବାଇପାସ୍ ରାସ୍ତା ଓ ଉମାଦେବୀ ଛକ ଉପରେ ପୋଲିସ ପାଟ୍ରୋଲିଂ ବ୍ୟବସ୍ଥା କଡାକଡି କରିବାକୁ ସହରବାସୀ ଦାବି କରିଛନ୍ତି। ଏଥିପ୍ରତି ଖଣ୍ଡପଡ଼ା ଥାନା କର୍ତ୍ତୃପକ୍ଷ, ଏସ୍‌ଡିପିଓ ଦୃଷ୍ଟି ଦେବାକୁ ଦାବି ହେଉଛି ।

### ନାବାଳିକାଙ୍କୁ ବିବାହ କରି ଜେଲ ଗଲେ ସ୍ୱାମୀ

**ଦେଢ଼ମାସ ତଳେ କରିଥିଲେ ବିବାହ**

ନୟାଗଡ଼,୨୯।୭ (ଲୋକନାଥ ମିଶ୍ର)

ନାବାଳିକାଙ୍କୁ ବିବାହ କରି ନୟାଗଡ଼ ସଦର ଥାନା ନୂଆଗାଁ ବ୍ଲକ ମାଳିସାହି ଗାଁର ଜଣେ ଯୁବକ ଜେଲ ଯାଇଛନ୍ତି। ଗତ ୨୭ ତାରିଖରେ ଶାଶୁ ଘର ମାଳିସାହିରୁ ଚାଇଲ୍ଡଲାଇନ ସ୍ଥାନୀୟ ପୋଲିସ ସହାୟତାରେ ନାବାଳିକା ବୋହୂଙ୍କୁ ଉଠାଇ ଆଣିଥିଲା। ଫତେଗଡ଼ ଅଞ୍ଚଳର ୧୬ ବର୍ଷ ବୟସର ନାବାଳିକା ମାଳିସାହିର ୩୦ବର୍ଷର ଯୁବକଙ୍କ ସହ ଦେଢ଼ ମାସ ତଳେ ବିବାହ କରିଥିଲେ । ସଂପୃକ୍ତ ନାବାଳିକା ବାଲୁଗାଁରେ ବିବାହ କରିବା ପାଇଁ ସ୍ଥିର ହୋଇଥିଲା । କୌଣସି କାରଣରୁ ବାଲୁଗାଁ ବିବାହ ଭାଙ୍ଗି ଯାଇ ମାଳିସାହିରେ ହୋଇଥିଲା । ଏହା ପରେ ବାରମ୍ବାର ନାବାଳିକା ବିବାହ ନେଇ ଅଭିଯୋଗ ହୋଇଥିଲା । ନୟାଗଡ଼ ସଦର ଥାନା ପୋଲିସ ଏକ ମାମଲା(ନଂ.୧୩୦/୨୩) ରୁଜୁ କରି ତଦନ୍ତ କରିଥିଲା।

# ପୋଲିସ ଜନସାଧାରଣଙ୍କ ବନ୍ଧୁ ହୋଇ ରହୁ

## ଆମ ପୋଲିସ ସମିତି କାର୍ଯ୍ୟକ୍ରମ

ନୂଆଗାଁ, ୨୯।୭ (ଧନେଶ୍ୱର ସାହୁ)



ଆମ ପୋଲିସ ସମିତି ବୈଠକରେ ବରିଷ୍ଠ ନାଗରିକଙ୍କ ସହ ଥାନା ଅଧିକାରୀ ।

ନୟାଗଡ଼ ଜିଲା ନୂଆଗାଁ ଥାନା ପରିସରରେ ଶନିବାର ଆମ ପୋଲିସ ସମିତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ପୋଲିସ ଜନସାଧାରଣଙ୍କ ସହ ସୁସମ୍ପର୍କ ରଖି ଚଳୁ । ପୋଲିସ ପ୍ରତି ଲୋକମାନଙ୍କ ମନରେ ଥିବା ଭୟକୁ ଦୂର କରିବା ପାଇଁ ବିଭାଗ ତରଫରୁ ଚେଷ୍ଟା କରାଯାଉଛି । ସେହିପରି କୌଣସି ଛୋଟ ଛୋଟ ଅଭିଯୋଗକୁ ନେଇ ମାମଲା ରୁଜୁ କରିବା ପୂର୍ବରୁ ତାହାକୁ ଦୁଇ ପକ୍ଷଙ୍କ ମଧ୍ୟରେ ଆମ ପୋଲିସ ସମିତି ମାଧ୍ୟମରେ ଆପୋସ ସମାଧାନ କରିବାକୁ ଉଦ୍ୟମ କରାଯାଉଛି। ସେଥିପାଇଁ ଆମ ପୋଲିସ ସମିତି ଗଠନ କରି ସେହି ସମିତିରେ ସମ୍ପୃକ୍ତ ଥାନା ଅଞ୍ଚଳର ବରିଷ୍ଠ ନାଗରିକ . ଜନ ପ୍ରତିନିଧି ଓ ବୁଦ୍ଧିଜୀବୀମାନଙ୍କୁ ସାମିଲ କରାଯାଉଛି। ତେବେ ପୂର୍ବରୁ ନୂଆଗାଁ ଥାନାରେ ଆମ ପୋଲିସ ସମିତି ମାଧ୍ୟମରେ ଅନେକ କାର୍ଯ୍ୟକ୍ରମ କରାଯାଇଥିବା ବେଳେ ଦୀର୍ଘ ଦୁଇ ବର୍ଷ ହେଲା ତାହା ବନ୍ଦ ରହିଥିଲା। ନାରାୟଣ ଚନ୍ଦ୍ର ଲେଙ୍କା ନୂଆଗାଁ ଥାନା ଅଧିକାରୀ ଭାବେ ଯୋଗ ଦେବା ପରେ ପୁନର୍ବାର ଆମ ପୋଲିସ ସମିତି କାର୍ଯ୍ୟକ୍ରମକୁ ସକ୍ରିୟ କରିଛନ୍ତି । ଏହି ଅବସରରେ ଅନୁଷ୍ଠିତ ସଭାରେ ପୋଲିସ ସର୍ବଦା ଜନସାଧାରଣଙ୍କ ବନ୍ଧୁ ହୋଇ ରହୁ ବୋଲି ଥାନାଧିକାରୀ ଲେଙ୍କା କହିଥିଲେ । ତେଣୁ ଆମେ ଲୋକଙ୍କ ନିକଟତର ହେବା ପାଇଁ ଚେଷ୍ଟା କରିବା ସହ କିଭଳି ପ୍ରତଟି ସଚେତନ ବାର୍ତ୍ତା ଲୋକଙ୍କ ନିକଟରେ ପହଞ୍ଚାଇବୁ ସେଥିପାଇଁ ଚେଷ୍ଟା ଜାରି ରଖିଛୁ ବୋଲି ଥାନାଧିକାରୀ ଲେଙ୍କା କହିଥିଲେ । ଉପସ୍ଥିତ ଥିବା ସଦସ୍ୟଙ୍କ ପରିଚୟ ପ୍ରଦାନ ପରେ ସଦସ୍ୟମାନଙ୍କ ସଚେତନତା ମୂଳକ ମତାମତ ଗ୍ରହଣ କରାଯାଇଥିଲା । ବିଶେଷ କରି ପୋଲିସ ପେଟ୍ରୋଲି ବ୍ୟବସ୍ଥା କଡାକଡି , ହେଲମେଟ ବ୍ୟବହାର , ଦ୍ରୁତ ବାଇକ୍ ଚାଳନା, ନିଶା କାରବାର ଓ ସ୍ୱଚ୍ଛତା ଆଦି ପ୍ରତି ଦୃଷ୍ଟି ଦେବା ପାଇଁ ସଦସ୍ୟମାନେ କହିଥିଲେ । ଥାନା ପରିସରକୁ ସଫାସୁତରା ରଖିବା ପାଇଁ ଗଣମାଧ୍ୟମ ପ୍ରତିନିଧି ବିଶ୍ୱଜିତ୍ ଖଣ୍ଡୁଆଳ ପ୍ରସ୍ତାବ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଥାନାଧିକାରୀ ଲେଙ୍କା, ଏଏସ୍‌ଆଇ ତାନ୍‌ସେନ୍ ବେହେରା, ଏଏସଆଇ ପୁରୁଷୋତ୍ତମ ପ୍ରଧାନଙ୍କ ସମେତ ଥାନାର ସମସ୍ତ କର୍ମଚାରୀ ଓ ନୂଆଗାଁ ଥାନା ଅଞ୍ଚଳର ବରିଷ୍ଠ ନାଗରି, ବୁଦ୍ଧିଜୀବିମାନେ ଯୋଗ ଦେଇଥିଲେ।

# ହାଇୱା ଧକ୍କାରେ ବାଛୁରୀ ମୃତକୁ ନେଇ ଉତ୍ତେଜନା, ରାସ୍ତାରୋକୋ

ଖଣ୍ଡପଡ଼ା,୨୯।୭ (ଅଜୟ କୁମାର ମହାରଣା)



ଶୁକ୍ରବାର ରାତିରେ ଖଣ୍ଡପଡ଼ା ବ୍ଲକ୍ ଅଧୀନ ଖଳିସାହି ଗ୍ରାମର ରତନପୁର ସାହିଠାରେ ଏକ ବାଲି ବୋଝେଇ ହାଇୱା ଗାଡ଼ି ଧକ୍କାରେ ଗୋଟିଏ ବାଛୁରୀର ମୃତ୍ୟୁ ହୋଇଥିଲା । ଦୁର୍ଘଟଣା ଘଟାଇ ହାଇୱା ଗାଡ଼ି ନେଇ ଚାଳକ ଚାଲିଯାଇଥିଲେ । ଶନିବାର ସକାଳୁ ଏହି ଘଟଣା ଜଣାପଡିବା ପରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା । ରାସ୍ତା ଉପରେ ବାଛୁରୀର ମୃତଦେହ ଦୀର୍ଘ ସମୟ ଧରି ପଡ଼ି ରହିଥିଲା । ବେପରୁଆ ଗାଡ଼ି ଚାଳନା ଯୋଗୁ ବାରମ୍ବାର ଏଭଳି ଦୁର୍ଘଟଣା ଘଟୁଥିବାରୁ ସ୍ଥାନୀୟ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିବା ସହ ରାସ୍ତାରୋକୋ କରିଥିଲେ । ଫଳରେ ମହାନଦୀ ଘାଟରୁ ଆସୁଥିବା ହାଇୱା ଗାଡ଼ିଗୁଡିକ ରାସ୍ତା ଉପରେ ଅଟକି ରହିବା ସହ ଖଣ୍ଡପଡ଼ା–କଣ୍ଟିଲୋ ଉଭୟ ପାର୍ଶ୍ୱରୁ ଯାତାୟତ କରୁଥିବା ବିଭିନ୍ନ ଯାନବାହନ ମଧ ଅଟକି ରହିଥିଲା । ଫଳରେ ୫ ଘଣ୍ଟା ଧରି ଖଣ୍ଡପଡ଼ା–କଣ୍ଟିଲୋ ରାସ୍ତା ଦେଇ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା । ଖବର ପାଇ ଖଣ୍ଡପଡ଼ା ପୋଲିସ ପହଞ୍ଚିବା ପରେ ରାସ୍ତାରୋକୋ ହଟିଥିଲା।

# ଚାରା ବାଣ୍ଟିଲେ, ପଦଯାତ୍ରାରେ ସଚେତନତା ସୃଷ୍ଟି କଲେ

ନୟାଗଡ,୨୯।୭(ଲୋକନାଥ ମିଶ୍ର)

ଇଟାମାଟିର ବଂଶୀଧର ଇଣ୍ଟରନ୍ୟାଶନାଲ ଫାଉଣ୍ଡେଶନ ଫର ପିସି ଆଣ୍ଡ ଡେଭଲପମେଣ୍ଟ ପକ୍ଷରୁ ଜିଲା ବ୍ୟାପୀ ଚାରା ବଣ୍ଟନ, ସବୁଜ ବିପ୍ଳବ ଓ ଜନସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଏହା ଅଗଷ୍ଟ ୭ ପର୍ଯ୍ୟନ୍ତ ଚାଲିବ । ଏ ଅବସରରେ ପଣ୍ଡୁସରର ଉଗ୍ରେଶ୍ୱର ଶିବ ମନ୍ଦିରରେ ଚାରା ରୋପଣ କରି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ପରେ ପଣ୍ଡୁସର ଗାଁରେ ଡାଳିମ୍ବ, ପିଜୁଳି, ଅଁଳା, ପେସ୍ତା, ବେଲ, ଶାଗୁଆନ ଆଦି ୨ ହଜାର ଚାରା ବଣ୍ଟନ କରାଯାଇଥିଲା । ଏହାକୁ ସମାଜିକ କର୍ମୀ ବିନୋଦିନୀ ମହାନ୍ତି, ଖବରଦାତା ରିତେନ୍ଦ୍ର ଛାଟୋଇ ଓ ଦୀପକ ଦାଶ ଉଦ୍‌ଘାଟନ କରିଥିଲେ । ଡାକ୍ତର ରଙ୍ଗନାଥ ବେହେରା, ସାମାଜିକ କର୍ମୀ ପ୍ରଦୀପ କୁମାର ସାହୁ, ଧିରେନ କୁମାର ଦାସ, ବସନ୍ତ କୁମାର କର, ବିମଳ କୁମାର ଦାସ, ପ୍ରଫୁଲ୍ଲ କୁମାର ନାୟକ, ଉମେଶ ନାୟକ, ପ୍ରମୋଦ ନାୟକ, ଅମିତା ପ୍ରଧାନ ଚାରା ବାଣ୍ଟିଥିଲେ। ଫାଉଣ୍ଡେଶନ ସଭାପତି ମନୋଜ କୁମାର ସାହୁ ଏହାକୁ ପରିଚାଳନା କରିଥିଲେ।



ଚାରା ବଣ୍ଟନ କରି ସଚେତନତା ସୃଷ୍ଟି କରାଯାଉଛି ।

### ବ୍ୟବସାୟିକ ଶତ୍ରୁତାରୁ କାର୍ ଲୁଟ, ୨ ଗିରଫ

ଭଞ୍ଜନଗର,୨୯।୭( ବାବୁଲା ପ୍ରଧାନ)

ଭଞ୍ଜନଗର ପୋଲିସ ଶନିବାର ଏକ କାର ଲୁଟ୍ ମାମଲାରେ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବେଲଗୁଣ୍ଠା ଥାନା ଅନ୍ତର୍ଗତ ନୂଆଗାଁର ଗଗନ ରଣା ଓ କଟକ ଜିଲା କୃଷ୍ଣପଲ୍ଲୀ ଗ୍ରାମର ରିଙ୍କୁ ବିଶ୍ୱାଳ। ଏଥିସହ ପୋଲିସ ସେମାନଙ୍କ ଠାରୁ ୨ଟି କାର ଓ ଗୋଟିଏ ମୋବାଇଲ ଫୋନ୍ ଜବତ କରିଛି। ପ୍ରକାଶ ଯେ, ଭୁବନେଶ୍ୱର ଲୁଇସ୍‌ରୋଡ଼ ବାସିନ୍ଦା ରାକେଶ କୁମାର ସ୍ୱାଇଁଙ୍କ ସହ ଅଭିଯୁକ୍ତମାନଙ୍କ ସହ କିଛି ବ୍ୟବସାୟିକ ଶତ୍ରୁତା ଥିଲା। ଗତ ୨୪ ତାରିଖ ଦିନ ରାକେଶ କନ୍ଧମାଳ ଜିଲା ଅଭିମୁଖେ କାର ଯୋଗେ ଯାଉଥିଲେ। ଏହି ସମୟରେ ଗଗନ ଏବଂ ରିଙ୍କୁ ସମେତ ୫ଜଣ ରାକେଶଙ୍କ ପିଛା କରି ନିକଟସ୍ଥ ନିଧିଆପଲ୍ଲୀ ଛକରେ ରାକେଶଙ୍କ ଗାଡ଼ିକୁ ଅଟକାଇ କାରକୁ ଅଭିଯୁକ୍ତମାନେ ନେଇଯାଇଥିଲେ। ଏହାପରେ ପୋଲିସ ସିସିଟିଭି ଫୁଟେଜ୍ ମାଧ୍ୟମରେ ତଦନ୍ତ କରି ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିଲା।

# ମିଳୁନି ସ୍ୱାସ୍ଥ୍ୟ ମିତ୍ରଙ୍କ ସହଯୋଗ

ନୟାଗଡ଼,୨୯।୭ (ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱାସ୍ଥ୍ୟ ମିତ୍ର ମାନେ ନିଜର ଡ୍ୟୁଟି ଛାଡି ଗପସପରେ ମାତି ଥିବା ଅଭିଯୋଗ ହୋଇଛି । ରୋଗୀଙ୍କୁ ସହଯୋଗ ଓ ସେବା ଯୋଗାଇଦେବା ସେମାନଙ୍କ କାମ ହୋଇଥିବାବେଳେ ସ୍ୱାସ୍ଥ୍ୟମିତ୍ରମାନେ ରୋଗୀଙ୍କ ପାଖ ମାଡୁ ନାହାନ୍ତି । ଶନିବାର ସନ୍ଧ୍ୟାରେ ଭାପୁର ବ୍ଲକ ବାଦିଲେ ଗାଁର ସପନିଶ୍ୱର ଜେନା(୭୧) ସ୍ତ୍ରୀ ସୁଲୋଚନା ଜେନା(୬୦)ଙ୍କୁ ଷ୍ଟ୍ରେଚରରେ ରଖି ମେଡିସନ ୱାର୍ଡକୁ ନେଉଥିଲେ । ମେଡିସିନ ୱାର୍ଡ କେଉଁଠା ବୋଲି ବିଭିନ୍ନ ଲୋକଙ୍କୁ ପଚାରୁଥିଲେ । ଅନ୍ୟପକ୍ଷେ ବୃଦ୍ଧ ସୁଲେଚନାଙ୍କୁ ଷ୍ଟ୍ରେଚରରେ ନେବା କଷ୍ଟ ସାଧ ହୋଇଥିଲେ ହେଁ ସୁବିଧା ନ ଥିବାରୁ ନେବାକୁ ବାଧ ହୋଇଥିଲେ । ସୁଲୋଚନାଙ୍କ କିଡ୍‌ନୀ ଖରାପ ହୋଇଛି। ତାଙ୍କୁ ସୁସ୍ଥ କରିବାକୁ ସପନିଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ।


ଜଣେ ବୃଦ୍ଧ ନିଜ ସ୍ତ୍ରୀଙ୍କୁ ଷ୍ଟ୍ରେଚରରେ ବୋହି ନେଉଛନ୍ତି ।

**ଗପସପରେ ଚାଲିଛି ସେବା**

**ବୃଦ୍ଧାଙ୍କୁ ବୃଦ୍ଧ ନେଉଛନ୍ତି ଷ୍ଟ୍ରେଚରରେ**

ସୁଲୋଚନାଙ୍କ ସେବା ଯୋଗାଇବାକୁ କେହି ସ୍ୱାସ୍ଥ୍ୟମିତ୍ରଙ୍କ ଦେଖିବାକୁ ମିଳି ନ ଥିଲା । ପ୍ରଶ୍ନ ଉଠୁଛି ସରକାର ଯେଉଁ ମହତ ଉଦ୍ଦେଶ୍ୟ ରଖି ସ୍ୱାସ୍ଥ୍ୟ ମିତ୍ର ନିଯୁକ୍ତି କରିଛନ୍ତି ଜିଲା ମୁଖ୍ୟ ଚିକିତ୍ସାଳୟରେ ତାର ସୁଫଳ ମିଳୁନି । ସ୍ୱାସ୍ଥ୍ୟମିତ୍ର ମାନେ କେବଳ ଗପସପ କରି ସମୟ ବିତାଉଥିବା ଅଭିଯୋଗ ହୋଇଛି।

# ଡାକ୍ତରଙ୍କ ଅବହେଳାରୁ ମହିଳାଙ୍କ ମୃତ୍ୟୁ

■ ଥାନାରେ ଅଭିଯୋଗ କଲେ ମୃତ ମହିଳାଙ୍କ ସ୍ୱାମୀ
■ ଆମେ କର୍ତ୍ତବ୍ୟ କରୁଛୁ, ବଦନାମ କରା ନ ଯାଉ: ଡାକ୍ତର


ଡାକ୍ତରଙ୍କ ବିରୋଧରେ ଥାନାରେ ଅଭିଯୋଗ କରାଯାଉଛି ।

ବିଞ୍ଝାରପୁର,୨୯।୭(ରାମକୃଷ୍ଣ ଦାସ):

ଚିକିତ୍ସାରେ ଡାକ୍ତରଙ୍କ ଅବହେଳାରୁ ବିଞ୍ଝାରପୁର ଥାନା ଅନ୍ତର୍ଗତ ସିଂହପୁର ଗ୍ରାମର ତ୍ରିପତି ବେଉରିଆଙ୍କ ସ୍ତ୍ରୀ ରଞ୍ଜିତା ବେଉରିଆଙ୍କ ମୃତ୍ୟୁ ହୋଇଥିବା ତ୍ରିପତୀ ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ଶୁକ୍ରବାର ସନ୍ଧ୍ୟାରେ ରଞ୍ଜିତା ଶୌଚାଳୟକୁ ଯାଇଥିବାବେଳେ ସେଠାରେ ପଡିଯାଇଥିଲେ। ତାଙ୍କୁ ତାଙ୍କ ଝିଅ ଓ ଭାଇ ଚିକିତ୍ସା ନିମନ୍ତେ ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ କାର୍ଯ୍ୟରତ ଡା. ସତ୍ୟନାରାୟଣ ସାମଲ ରଞ୍ଜିତାଙ୍କ ଚିକିତ୍ସା ଆରମ୍ଭ କରିଥିଲେ। ଡା. ସାମଲ ଚିକିତ୍ସା ସମୟରେ ରଞ୍ଜିତାଙ୍କ ଛାତିକୁ ପାହାର କରିବାରୁ ତାଙ୍କ ପ୍ରାଣବାୟୁ ଉଡିଯାଇଥିଲା।

ତ୍ରିପତି ଡାକ୍ତରଙ୍କୁ ଏଭଳି ଚିକିତ୍ସା ସମ୍ପର୍କରେ ପଚାରିବାରୁ ଡା. ସାମଲ ତାଙ୍କୁ ଦୁର୍ବ୍ୟବହାର କରିବା ସହିତ ଅଶ୍ରାବ୍ୟ ଭାଷାରେ ଗାଳି ଗୁଲଜ କରିଥିଲେ ବୋଲି ତ୍ରିପତି ନିଜ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ଘଟଣା ସମ୍ପର୍କରେ ଡା. ସାମଲଙ୍କୁ ପଚାରିବାରେ ସେ କହିଛନ୍ତି, ଡାକ୍ତରଖାନାରେ ପହଞ୍ଚିବା ପୂର୍ବରୁ ରଞ୍ଜିତାଙ୍କ ମୃତ୍ୟୁ ହୋଇ ସାରିଥିଲା। ଯାଞ୍ଚ ପରେ ଆମେ ପୋଲିସକୁ ଖବର କରିଥିଲୁ। ମାତ୍ର ତାଙ୍କ ସମ୍ପର୍କୀୟମାନେ ମୃତଦେହକୁ ନେଇଯିବାକୁ ଚାହୁଁଥିଲେ। ଆମର ଅଧିକ ସନ୍ଦେହ ହୋଇଥିଲା। ପୋଲିସ ପହଞ୍ଚିବା ପୂର୍ବରୁ ମୃତଦେହକୁ ଡାକ୍ତରଖାନାରୁ ନ ନେବା ପାଇଁ ଆମେ ଅନୁରୋଧ କରିଥିଲୁ। ଫଳରେ ସେମାନେ ଆମକୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ଡା. ସାମଲ ପ୍ରକାଶ କରିଛନ୍ତି। ଏହାସହିତ ଆମେ ଆମର କର୍ତ୍ତବ୍ୟ କରିଛୁ। ଏଭଳି ମିଥ୍ୟା ଅଭିଯୋଗ କରି ଆମକୁ ବଦନାମ କରା ନ ଯାଉ ବୋଲି ଡା. ସାମଲ ପ୍ରତିକ୍ରିୟା ରଖିଛନ୍ତି। ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ତଦନ୍ତ ଆରମ୍ଭ କରିଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ଶଙ୍କର୍ଷଣ ଦଳାଇ ସୂଚନା ଦେଇଛନ୍ତି।

## ଯୁବକ ନିଖୋଜ: ତନ୍ତିଘାଇ ପୋଲରୁ ସାଇକେଲ, ଜୋତା, ଶାର୍ଟ ଠାବ

ଯାଜପୁର ସଦର,୨୯।୭ (ସମର ବିଜୟ ଶରଣ):

ଯାଜପୁର ବ୍ଲକ ଅନ୍ତର୍ଗତ ସାହାସପୁର ପଞ୍ଚାୟତ ଗୋବିନ୍ଦପୁର ଗ୍ରାମର ନିରଞ୍ଜନ ଜେନାଙ୍କ ପୁତ୍ର ସୁଶାନ୍ତ ଜେନା(୨୬) ଗତ ୨୮ ତାରିଖ ରାତରୁ ନିଖୋଜ ହୋଇ ଯାଇଛନ୍ତି। ଏନେଇ ଯାଜପୁର ସଦର ଥାନାରେ ଅଭିଯୋଗ ହୋଇଛି। ଶନିବାର ଖୋଜାଖୋଜି ସମୟରେ ଛତିଶଦେବିଲ ଅନ୍ତର୍ଗତ ତାନ୍ତିଘାଇ ପୋଲ ଉପରେ ଏକ ସାଇକେଲ, ଜୋତା ଓ ଏକ ନୀଳ ରଙ୍ଗର ସାର୍ଟ ଥିବା ଜଣାପଡ଼ିବା ପରେ ସୁଶାନ୍ତଙ୍କ ବାପା ଘଟଣା ସ୍ଥଳରେ ପହଞ୍ଚି ଏହା ତାଙ୍କ ପୁଅଙ୍କର ବୋଲି ଚିହ୍ନଟ କରିଛନ୍ତି। ପୋଲିସ ଏକ ନିଖୋଜ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ତେବେ ସେ କାହିଁକି ଘରୁ ପଳାଇଛନ୍ତି ତାହା ଜଣା ପଡ଼ିନାହିଁ।

## ଚଣ୍ଡିଖୋଲ ଅଗ୍ନିଶମ ଅଧିକାରୀ, କର୍ମଚାରୀ ନିଲମ୍ବିତ

ଅଡିଓ ଭାଇରାଲ ମାମଲା

ଚଣ୍ଡିଖୋଲ,୨୯।୭ (ପ୍ରଦୀପ୍ତ କୁମାର ପୃଷ୍ଟି):

ଚଣ୍ଡିଖୋଲ ଦମକଳ କେନ୍ଦ୍ରର ଅଗ୍ନିଶମ ଅଧିକାରୀ ରମାକାନ୍ତ ମଲ୍ଲିକ ଓ ଫାୟର ମ୍ୟାନ୍ କେଦାର ସେଠୀଙ୍କୁ ଶୁକ୍ରବାର ନିଲମ୍ବିତ କରାଯାଇଛି। କଟକ ସେଣ୍ଟ୍ରାଲ ରେଞ୍ଜର ଫାୟାର ଅଫିସର ପତ୍ର ସଂଖ୍ୟା-୨୨୭୫ରେ ଅଗ୍ନିଶମ ବିଭାଗ ମହାନିର୍ଦ୍ଦେଶକଙ୍କ ଅନୁମୋଦନକ୍ରମେ ଉଭୟଙ୍କୁ ନିଲମ୍ବନ କରାଯାଇଥିବା ନେଇ ତା:୨୮।୭।୨୩ରେ ସୂଚନା ଦେଇଛନ୍ତି।

କିଛି ଦିନ ତଳେ ଜଣେ ମହିଳାଙ୍କୁ ପ୍ରେମ ନିବେଦନ କରୁଥିବା ଅଗ୍ନିଶମ ଅଧିକାରୀ ମଲ୍ଲିକଙ୍କ ଏକ ଅଡିଓ ଭାଇରାଲ ହୋଇଥିଲା। ଏନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ପରେ ଏହାକୁ ନେଇ ଚର୍ଚ୍ଚା ଜୋର ଧରିଥିଲା। ତେବେ ଏହି ଦମକଳ କେନ୍ଦ୍ରରେ ଥିବା କର୍ମଚାରୀ ସେଠୀ ଅଡିଓକୁ ଭାଇରାଲ କରିଥିବା ମଲ୍ଲିକ ସୂଚନା ଦେଇଥିଲେ। ବିଭାଗ ପକ୍ଷରୁ ଅଭିଯୋଗ ପାଇବା ପରେ ଏ ବିଷୟରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ନିଲମ୍ବନ ଅବଧି ସମୟରେ ମୁଖ୍ୟାଳୟରେ ରହିବାକୁ ସେମାନଙ୍କୁ ଚିଠିରେ ନିର୍ଦ୍ଦେଶ ରହିଛି। ବରୀ ବ୍ଲକ ଦମକଳ କେନ୍ଦ୍ରର ଅଗ୍ନିଶମ ଅଧିକାରୀଙ୍କୁ ଚଣ୍ଡିଖୋଲ ଦମକଳ କେନ୍ଦ୍ରର ଅତିରିକ୍ତ ଦାୟିତ୍ୱ ନିର୍ବାହ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

## ମାର୍ଶାଘାଇ ଲୁଣା ବ୍ରିଜ୍ ଉପରେ ଯୁବକଙ୍କୁ ଗୁଳିମାଡ଼


ଗୁଳିମାଡ଼ରେ ଆହତ ଯୁବକ ଶକ୍ତିଚନ୍ଦନ ମହାନ୍ତି ।

କେନ୍ଦ୍ରାପଡା, ୨୯।୭ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ଥାନା ମଙ୍ଗଳା ଛକ ନିକଟ ଲୁଣା ବ୍ରିଜ ଉପରେ ଜଣେ ଯୁବକଙ୍କୁ ଗୁଳିମାଡ଼ ହୋଇଛି। ଅବସ୍ଥା ଗୁରୁତର ଥିବାରୁ ପ୍ରଥମେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ଗୁରୁତର ଯୁବକ ହେଉଛନ୍ତି ଶକ୍ତିଚନ୍ଦନ ମହାନ୍ତି। ଶକ୍ତିଚନ୍ଦନଙ୍କ ଘର ଜଗତସିଂହପୁର ଜିଲା ମହିରା ଗ୍ରାମ ହୋଇଥିବା ବେଳେ ସେ ଗୁଡୁ ଠିକାଦାରଙ୍କ ନିକଟରେ କାମ କରୁଛନ୍ତି । ସେ ସନ୍ଧ୍ୟାରେ ଲୁଣାବ୍ରିଜ ଦେଇ ମାର୍ଶାଘାଇ ବଜାରକୁ ଯାଉଥିଲେ। ଏହି ସମୟରେ ଗୋଟିଏ ବୁଲେଟରେ ୨ ଜଣ ଯୁବକ ଆସି ତାଙ୍କୁ ଲକ୍ଷ୍ୟ କରି ଗୋଟିଏ ରାଉଣ୍ଡ ଗୁଳି କରିଥିଲେ । ଏହି ଗୁଳି ଶକ୍ତିଚନ୍ଦନଙ୍କ ପେଟରେ ବାଜିଛି । ଘଟଣା ସମ୍ପର୍କରେ ଥାନାଧିକାରୀ ପ୍ରଜ୍ଞା ପାରମିତା ଜେନା ପ୍ରାଥମିକ ତଦନ୍ତ ଆରମ୍ଭ କରିଥିବା ସୂଚନା ଦେଇଛନ୍ତି ।

## ୨ ଖବରଦାତାଙ୍କୁ ମରଣାନ୍ତକ ଆକ୍ରମଣ, ୩ ଗିରଫ

ଝୁମ୍ପୁରୀ,୨୯।୭(ସରୋଜ ନାୟକ):

ଦଶରଥପୁର ବ୍ଲକ୍‌ରେ କାର୍ଯ୍ୟରତ ୨ ଖବରଦାତାଙ୍କୁ ଶୁକ୍ରବାର ରାତିରେ ମରଣାନ୍ତକ ଆକ୍ରମଣ କରାଯାଇଛି। ଘଟଣାରେ ମଙ୍ଗଳପୁର ପୋଲିସ ପକ୍ଷରୁ ୩ ଜଣଙ୍କୁ ଗିରଫ କରାଯାଇ ଶନିବାର କୋର୍ଟଚାଲାଣ କରାଯାଇଛି। ଏଥିରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ନିମନ୍ତେ ଉଦ୍ୟମ କରାଯାଉଛି।

ଘଟଣା ଅନୁଯାୟୀ, ଖବରଦାତା ଚନ୍ଦ୍ରଶେଖର ସାହୁ ଓ ଜ୍ୟୋତିପ୍ରକାଶ ମିଶ୍ର ମଙ୍ଗଳପୁର ଥାନାରୁ ଘରକୁ ଫେରୁଥିବାବେଳେ ଥାନାଠାରୁ ମାତ୍ର ୧୦୦ମି. ଦୂର ମଙ୍ଗଳପୁର-ସୁସୁଆ ରାସ୍ତାରେ ୨୦ରୁ ଊର୍ଦ୍ଧ୍ୱ ଦୁର୍ବୃତ୍ତ ସଂଘବଦ୍ଧଭାବେ ସେମାନଙ୍କୁ ଆକ୍ରମଣ କରିଥିଲେ। ବିଭିନ୍ନ ମାରଣାସ୍ତ୍ରସହ ସେମାନେ ଅତର୍କିତ ଆକ୍ରମଣ କରିବାରୁ ସାହୁଙ୍କ ମୁଣ୍ଡ, ଛାତି, ପେଟ, ପିଠି ସମେତ ମିଶ୍ରଙ୍କ ହାତରେ ଗୁରୁତର ଆଘାତ ଲାଗିଛି। ଉଭୟ ଲହୁଲୁହାଣ ହୋଇ ରାସ୍ତାରେ ପଡ଼ିଥିବାବେଳେ ସ୍ଥାନୀୟ କିଛି ବ୍ୟବସାୟୀ ତାଙ୍କୁ ଉଦ୍ଧାର କରି ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବାରୁ ଡାକ୍ତର ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ।

ସାହୁଙ୍କ ମୁଣ୍ଡରେ ଆଘାତ ଲାଗିଥିବାରୁ ଅଧିକ ଚିକିତ୍ସା ନିମନ୍ତେ ତାଙ୍କୁ ଶନିବାର କଟକ ବଡ଼ ଡାକ୍ତରଖାନା ପଠାଯାଇଛି। ସାହୁଙ୍କ ଭାଇ ନିରଞ୍ଜନ ମଙ୍ଗଳପୁର ଥାନାରେ ଲିଖିତ ଅଭିଯୋଗ କରିବାପରେ ପୋଲିସ ନଂ.୨୨୬/୨୩ରେ ଏକ ମାମଲା ରୁଜୁ କରିବା ସହ ମହେନ୍ଦ୍ର ଜେନା ନାମକ ଜଣେ ଯୁବକଙ୍କୁ ଗିରଫ କରିଛି। ସେହିପରି ଅନ୍ୟ ଏକ ମାମଲା ନଂ.୨୨୭/୨୩ରେ ଅଭିମନ୍ୟୁ ମଲ୍ଲିକ ଓ ସୁରେଶ ମଲ୍ଲିକ ନାମକ ଦୁଇ ଯୁବକଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ପାଲଟପୁର ପଞ୍ଚାୟତର ବିଭିନ୍ନ ଦୁର୍ନୀତି ସମ୍ପର୍କରେ ସାହୁ ବାରମ୍ବାର ଖବର ପ୍ରକାଶ କରିଥିବାରୁ କେତେଜଣ ଯୁବକ ଏହି ଆକ୍ରମଣ କରିଛନ୍ତି ବୋଲି ଆକ୍ରମଣରେ ଶିକାର ହୋଇଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ଆକ୍ରମଣ ଘଟଣାକୁ ନେଇ ଦଶରଥପୁର ସାମ୍ବାଦିକ ସଂଘ ପକ୍ଷରୁ ଏକ ଜରୁରୀ ବୈଠକ କରାଯାଇ ନିନ୍ଦା କରାଯିବ ସହ ଆକ୍ରମଣରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯିବାକୁ ଦାବି କରାଯାଇଛି।

## ସ୍ତ୍ରୀଙ୍କୁ ଭରଣପୋଷଣ ନ ଦେବାରୁ ଗିରଫ

ଯାଜପୁର ଟାଉନ,୨୯।୭ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି):

ଯାଜପୁର ଜିଲା ସୁକିନ୍ଦା ଥାନା ଅଞ୍ଚଳର ଜଣେ ଯୁବକ ତାଙ୍କ ସ୍ତ୍ରୀଙ୍କୁ ମାସିକ ଭରଣପୋଷଣ ନ ଦେବା ମହଙ୍ଗା ପଡ଼ିଛି। ଏନେଇ କୋର୍ଟଙ୍କ ନିର୍ଦ୍ଦେଶ ପରେ ସୁକିନ୍ଦା ପୋଲିସ ତାଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି।

ସୂଚନା ମୁତାବକ, କୋରେଇ ଥାନା ଅନ୍ତର୍ଗତ ଜହ୍ନା ଗ୍ରାମର ସଂଘମିତ୍ରା ସାମଲ ୧୪ ବର୍ଷ ତଳେ ସୁକିନ୍ଦାର ନାରାୟଣ ନାୟକଙ୍କ ପୁଅ ରତ୍ନାକର ନାୟକଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବିବାହର ୬ବର୍ଷ ପରେ ରତ୍ନାକର ଅନ୍ୟ ଜଣେ ମହିଳାଙ୍କ ସହ ସମ୍ପର୍କ ରଖି ତାଙ୍କୁ ବିବାହ କରିବାକୁ ସ୍ଥିର କରିଥିଲେ। ଏଥିସହ ସଂଘମିତ୍ରାଙ୍କୁ ଅଧିକ ଯୌତୁକ ଦାବିକରି ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିଲେ। ସଂଘମିତ୍ରା ସୁକିନ୍ଦା ଥାନାର ଦ୍ୱାରସ୍ଥ ହେବାପରେ ଯାଜପୁର ପରିବାର ଅଦାଲତ କୋର୍ଟରେ ଏହାର ବିଚାର କରାଯାଇ ମାସିକ ୩ ହଜାର ଟଙ୍କା ଭରଣପୋଷଣ ଦେବାକୁ ରତ୍ନାକରଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଏହି ଭରଣପୋଷଣ ଅର୍ଥ ପ୍ରଦାନ ନ କରିବାରୁ କ୍ରିମିନାଲ୍ ପ୍ରୋସିଡିଂ ନଂ.୭୪/୨୦୧୮ରେ ପରିବାର ଅଦାଲତ ଏକ ୱାରେଣ୍ଟ ଜାରି କରି ରତ୍ନାକରଙ୍କୁ ଗିରଫ କରିବାକୁ ସୁକିନ୍ଦା ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ। ବକେୟା ବାବଦକୁ ମାସିକ ଭରଣପୋଷଣ ୧ ଲକ୍ଷ ୯୧ ହଜାର ଟଙ୍କା ରତ୍ନାକରଙ୍କୁ ଦେବାକୁ ଥିବାବେଳେ ସେ କୌଣସି ଅର୍ଥ ପ୍ରଦାନ କରି ନ ଥିଲେ।

ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ କରିଷ୍ମା


@ ବିକାଶ


@ ଚନ୍ଦନ


@ ତପନ


@ ବରଦାପ୍ରସାଦ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ରାଷ୍ଟ୍ରପତିଙ୍କୁ ଭେଟିଲେ ଓଳାଶୁଣୀ ଗୁମ୍ଫା ଉନ୍ନୟନ ଟ୍ରଷ୍ଟ ସଦସ୍ୟ



କଟକ,୨୯।୭ (କାର୍ତ୍ତିକ ସାହୁ)

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଓଡ଼ିଶା ଗସ୍ତ ଅବସରରେ ରାଜଭବନଠାରେ ଓଳାଶୁଣୀ ଗୁମ୍ଫା ଉନ୍ନୟନ ଟ୍ରଷ୍ଟର ସଦସ୍ୟମାନେ ତାଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ଓଳାଶୁଣୀ ଗୁମ୍ଫା ପୀଠର ସର୍ବାଙ୍ଗୀନ ବିକାଶ ସହିତ ଏହି କ୍ଷେତ୍ରକୁ ଆସିବା ପାଇଁ ସେମାନେ ରାଷ୍ଟ୍ରପତିଙ୍କୁ ନିମନ୍ତ୍ରଣ କରିଥିଲେ। ପ୍ରାକୃତିକ ପରିବେଶମଣ୍ଡିତ ଏହି କ୍ଷେତ୍ରର ଭିତ୍ତିଭୂମି ସହିତ ପାହାଡ଼ ପାଦଦେଶରେ ପ୍ରାଚୀନ ପ୍ରସ୍ତର ଗୁମ୍ଫାରେ ପୂଜା ପାଉଥିବା ମା' ଓଳାଶୁଣୀଙ୍କ କ୍ଷେତ୍ରର ବିକାଶ ପାଇଁ ଟ୍ରଷ୍ଟ ପକ୍ଷରୁ ଏକ ନିବେଦନ ପତ୍ର ରାଷ୍ଟ୍ରପତିଙ୍କୁ ପ୍ରଦାନ କରାଯାଇଥିଲା। ବିଶ୍ୱବିଖ୍ୟାତ ହୀରକ ତ୍ରିଭୁଜ ବୌଦ୍ଧସର୍କିଟ ଉଦୟଗିରି-ରତ୍ନଗିରି-ଲଳିତଗିରିର ବିକାଶ ସମ୍ପର୍କରେ ଟ୍ରଷ୍ଟର ସଦସ୍ୟମାନେ ରାଷ୍ଟ୍ରପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଯାଜପୁର ଜିଲାର ଏହିସବୁ କ୍ଷେତ୍ର କିଭଳି ଦେଶ ବିଦେଶର ପର୍ଯ୍ୟଟକ, ଗବେଷକ ଓ ଛାତ୍ରୀଛାତ୍ରଙ୍କ ପାଇଁ ଏକ ଆକର୍ଷଣୀୟ କ୍ଷେତ୍ର ହୋଇପାରିବ ସେ ସମ୍ପର୍କରେ ପ୍ରତିନିଧିମଣ୍ଡଳୀ ରାଷ୍ଟ୍ରପତିଙ୍କୁ ଅବଗତ କରାଇଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ପ୍ରକାଶିତ ସନ୍ଥସାଧକଙ୍କ ଆତ୍ମଜୀବନୀମୂଳକ ଅମୂଲ୍ୟ ଗ୍ରନ୍ଥ 'ମହୀମଣ୍ଡଳ ଗୀତା' ଓ ସନ୍ଥ ଅରକ୍ଷିତ ଦାସ ଫାଉଣ୍ଡେଶନ ପକ୍ଷରୁ ପ୍ରକାଶିତ 'ଓଳାଶୁଣୀ' ପୁସ୍ତକ ରାଷ୍ଟ୍ରପତିଙ୍କୁ ପ୍ରଦାନ କରାଯାଇଥିଲା। ଟ୍ରଷ୍ଟ ପକ୍ଷରୁ ଅଧ୍ୟକ୍ଷ ଶରତ ଚନ୍ଦ୍ର ପ୍ରଧାନ, ଉପାଧ୍ୟକ୍ଷ ଦାମୋଦର ସ୍ୱାଇଁ, ମ୍ୟାନେଜିଂ ଟ୍ରଷ୍ଟି ଶୁଭେନ୍ଦୁ କୁମାର ଭୂୟାଁ ଓ ଟ୍ରଷ୍ଟି ବିରୂପାକ୍ଷ ତ୍ରିପାଠୀ ପ୍ରମୁଖ ରାଷ୍ଟ୍ରପତିଙ୍କୁ ସାକ୍ଷାତ୍ କରିଥିଲେ।

# ଜଙ୍ଗଲରୁ କଳାପଥର ଲୁଟ୍ ବନାମ ବର୍ଷା

■ ଯାଜପୁର ଜିଲା: ଜୁଲାଇରେ ୪୨% କମ୍ ବର୍ଷା
■ ଧର୍ମଶାଳାରେ ସର୍ବନିମ୍ନ ୯୮ ମିମି ବର୍ଷା

ଯାଜପୁର,୨୯।୭(ହର୍ଷବର୍ଦ୍ଧନ ବେହେରା)

ଖରିଫ ଋତୁରେ ଧାନ ଚାଷ ପାଇଁ ଗୁରୁତ୍ୱପୂର୍ଣ୍ଣ ସମୟ ହେଉଛି ଜୁଲାଇ। ଯାଜପୁର ଜିଲାରେ ଏହି ମାସରେ ବର୍ଷା ପ୍ରତାରଣା କରିଛି। ଜୁଲାଇ ୨୦ ସୁଦ୍ଧା ସ୍ୱାଭାବିକ ବର୍ଷା ହାରାହାରି ୩୫୦.୯ ମିମି ହେବା ସ୍ଥଳେ ମାତ୍ର ୨୦୩.୧୨ ମିମି ବର୍ଷା ରେକର୍ଡ କରାଯାଇଛି, ଯାହାକି ସ୍ୱାଭାବିକ ବର୍ଷା ଠାରୁ ୪୨% କମ୍। ସେଥିମଧ୍ୟରୁ ଜଙ୍ଗଲ ଜମି ଉଜାଡି ମୂଲ୍ୟବାନ କଳାପଥର ଉତ୍ତୋଳନ ହେଉଥିବା ଧର୍ମଶାଳା ବ୍ଲକ ଅଞ୍ଚଳରେ ସର୍ବନିମ୍ନ ୯୮ ମିମି ବର୍ଷା ହୋଇଛି। ଏହା ପରିବେଶବିତ୍ ମହଲରେ ଚର୍ଚ୍ଚାର ବିଷୟ ହୋଇଥିବାବେଳେ ଆଗାମୀ ଦିନରେ ଏହି ବ୍ଲକ ଅଞ୍ଚଳ ମରୁଭୂମିରେ ପରିଣତ ହୋଇପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି।

ଜିଲାରେ ଅତି ନିମ୍ନମାନର ଜଳସେଚନ ଚାଷୀକୁଳର ଆଶାକୁ ଧୂଳିସାତ କରିଦେଇଛି। ରାଜ୍ୟ ରାଜକୋଷରୁ ବିପୁଳ ଅର୍ଥ ଖର୍ଚ୍ଚ କରି ନିର୍ମାଣ ହୋଇଥିବା ମେଗା ଉଠା ଜଳସେଚନ ପ୍ରକଳ୍ପଗୁଡ଼ିକ ମଧ୍ୟ ଏଯାଏ ଜଳସେଚନ ସମସ୍ୟା ଦୂର କରି ପାରିନାହିଁ। ବ୍ରାହ୍ମଣୀ ଓ ବୈତରଣୀ ନଦୀର ପ୍ରାୟ ୯୦ ପ୍ରତିଶତ ଜଳ ସିଧାସଳଖ ସମୁଦ୍ରରେ ମିଶୁଛି। ହେଲେ ବିଡମ୍ବନା ଯେ, ଯାଜପୁର ଜିଲା ଦେଇ ପ୍ରବାହିତ ଏହି ଦୁଇ ପ୍ରମୁଖ ନଦୀର ଉପରମୁଣ୍ଡରେ ଜଳସେଚନ ପ୍ରକଳ୍ପଟିଏ ଏଯାଏ କାର୍ଯ୍ୟକାରୀ ହୋଇପାରିନାହିଁ। ତେଣୁ ବ୍ରାହ୍ମଣୀ ଓ ବୈତରଣୀ ନଦୀ ଚାଷୀଙ୍କ ପାଇଁ ନୁହେଁ, ବରଂ ଶିଳ୍ପ କାରଖାନା ପାଇଁ କେବଳ ଉଦ୍ଦିଷ୍ଟ ବୋଲି ମତପ୍ରକାଶ ପାଉଛି। ଏହିକ୍ରମରେ ଯାଜପୁର ଜିଲା ଚାଷୀ କେବଳ ବର୍ଷା ପାଣି ଉପରେ ନିର୍ଭର କରୁଛନ୍ତି। କିନ୍ତୁ ଜଙ୍ଗଲ କ୍ଷୟ ସମେତ ଉତ୍କଟ ପ୍ରଦୂଷଣ ଯୋଗୁ ଜିଲାର ନିର୍ଦ୍ଧାରିତ ହାରାହାରି ବର୍ଷା ପୂରଣ ହୋଇ ପାରୁନାହିଁ। ଧର୍ମଶାଳା ବ୍ଲକ ଅଞ୍ଚଳରେ ଥିବା ପଥର ବ୍ୟବସାୟୀଙ୍କ ବେଆଇନ କଳାପଥର ଉତ୍ତୋଳନ ଯୋଗୁ ବଳରାମପୁର ସଂରକ୍ଷିତ ଜଙ୍ଗଲ ସମେତ ବିଛାଖଣ୍ଡି, କୁସୁନପୁର, ମୁକୁନ୍ଦପୁର, ନିଶ୍ଚିନ୍ତା ଅଭୟାରଣ୍ୟ, ଡଙ୍କାରୀ, ମାଳଗୋଡ଼ା ଓ ରାହାଡ଼ପୁରଠାରୁ ଢେଙ୍କାନାଳ ସୀମାନ୍ତ ପର୍ଯ୍ୟନ୍ତ ଥିବା ସବୁଜିମା ଏବେ ବିଲୁପ୍ତି ପଥରେ। ସରକାରୀସ୍ତରରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଅଭାବରୁ ପ୍ରତ୍ୟହ ବ୍ଲାଷ୍ଟିଂ କରି ପଥର ଉତ୍ତୋଳନ ଜାରି ରହିଛି। ଏଥିଯୋଗୁ ପ୍ରବଳ ବାୟୁ ପ୍ରଦୂଷଣ ସୃଷ୍ଟି ଯୋଗୁ ଜଳବାୟୁରେ ପରିବର୍ତ୍ତନ ହୋଇ ବର୍ଷାର ହାର ହ୍ରାସ ପାଉଛି ବୋଲି ମତପ୍ରକାଶ ପାଉଛି। ଏଥିରେ ଚାଷୀ ଏବଂ ସାଧାରଣ ଜନତା ବହୁ ପ୍ରଭାବିତ ହେଉଥିବାବେଳେ ସରକାରୀ ଦଳର କେତେଜଣ କର୍ମୀ ଲାଭବାନ ହେଉଛନ୍ତି। ଧର୍ମଶାଳା ବିଧାନସଭା ନିର୍ବାଚନ ମଣ୍ଡଳୀ ଉନ୍ନୟନ କମିଟି (ଏସିଡିସି) ବୈଠକରେ ଲଘୁ ଖଣିଜ ପଦାର୍ଥର ଲୁଟ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଯେଉଁ ଦୃଢ଼ୋକ୍ତି ପ୍ରକାଶ ପାଇଥିଲା ତାହା ବି ଫସର ଫାଟିଛି। ବରଂ ଆଗାମୀ ନିର୍ବାଚନ ପାଇଁ ବେଆଇନ କଳାପଥର ଖାଦାନଗୁଡ଼ିକୁ ପ୍ରୋତ୍ସାହନ ଦିଆଯାଇ ଅର୍ଥ ଠୁଳ କରାଯାଉଥିବା ଅଭିଯୋଗ ହେଉଛି। ଜଙ୍ଗଲ ବିଭାଗର ବିନା ଅନୁମତିରେ ସଂରକ୍ଷିତ ଜଙ୍ଗଲ ମଧ୍ୟକୁ ପ୍ରବେଶ କଲେ, ଯାନବାହନ ନେଲେ କିମ୍ବା କୌଣସି ବେଆଇନ କାର୍ଯ୍ୟ କଲେ ଏହା ଜଙ୍ଗଲ ବିଭାଗ ସେକ୍ସନ-୨୭ ଅନୁଯାୟୀ ଦଣ୍ଡନୀୟ ଅପରାଧ। କଟକ ବନଖଣ୍ଡ ଅନ୍ତର୍ଗତ ଯାଜପୁର ଜିଲାର ଡାଲିଯୋଡ଼ା ବନାଞ୍ଚଳରେ ଏହି ନିୟମ ନିରର୍ଥକ ହୋଇଛି। ଖାଲି ଯାନବାହନ ଚଳାଚଳ ନୁହେଁ, ବହୁ କୋଟି ଟଙ୍କାର ମୂଲ୍ୟବାନ କଳାପଥର ଉତ୍ତୋଳନ ହେଉଛି। ଜଙ୍ଗଲ ବିଭାଗର କେତେଜଣ ଉଚ୍ଚ ପଦାଧିକାରୀଙ୍କ ଦୁର୍ନୀତିଖୋର ମନୋଭାବ ଯୋଗୁ ସଂରକ୍ଷିତ ଜଙ୍ଗଲ ସମ୍ପୂର୍ଣ୍ଣ ନିପାତ ହେବାରେ ଲାଗିଛି। ବଳରାମପୁର ସଂରକ୍ଷିତ ଜଙ୍ଗଲରେ କେବଳ ନାମକୁ ମାତ୍ର ତାରବାଡ଼ ଦିଆଯାଇଥିବାବେଳେ ଏହାର ପଛପଟେ ଦୈନିକ ଲକ୍ଷାଧିକ ଟଙ୍କାର କଳାପଥର ବ୍ୟାପାର ଚାଲିଛି। ଏଥିରେ ପୋଲିସ ଓ ପ୍ରଶାସନ ମଧ୍ୟ ସହାୟକ ହୋଇଛନ୍ତି। ଏଥିଯୋଗୁ ଅନେକ ଗରିବ ଶ୍ରମିକଙ୍କ ଜୀବନ ଯାଉଥିଲେ ବି ଜଙ୍ଗଲ, ପୋଲିସ ପ୍ରଶାସନ ଧନୀ ଲୋକଙ୍କ ଏହି ବେଆଇନ କାର୍ଯ୍ୟକୁ ଢାଙ୍କି ଦେଉଛନ୍ତି। ପ୍ରଶ୍ନ ହେଲେ ପୋଲିସ ଓ ଜଙ୍ଗଲ ବିଭାଗ ଦୋଷ ଲଦାଲଦିରେ ବ୍ୟସ୍ତ ରହୁଛନ୍ତି। କେତେଜଣ ପ୍ରଭାବଶାଳୀ ନେତାଙ୍କ ପରୋକ୍ଷ ହାତ ରହୁଥିବାରୁ ପ୍ରଶାସନିକ ଅଧିକାରୀମାନେ କିଂକର୍ତ୍ତବ୍ୟବିମୂଢ଼ ହୋଇଛନ୍ତି ବୋଲି ଚର୍ଚ୍ଚା ହେଉଛି। ଏ ସଂକ୍ରାନ୍ତରେ କଟକ ଡିଏଫ୍‌ଓ ଅଜିତ ଶତପଥୀଙ୍କୁ ପଚାରିବାରୁ ସେ କହିଛନ୍ତି, ଯଦି ସଂରକ୍ଷିତ ଜଙ୍ଗଲ ହୋଇଥିବ ତେବେ ଜଙ୍ଗଲ ବିଭାଗ ପକ୍ଷରୁ ସେକ୍ସନ ୨୭ରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ। ଯଦି ରେଭିନ୍ୟୁ ଜଙ୍ଗଲ ହୋଇଥିବ ତେବେ ତହସିଲ ପ୍ରଶାସନ ପକ୍ଷରୁ ତଦନ୍ତ କରାଯାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ଉଚିତ। ଅନ୍ୟପକ୍ଷେ ସେହିସବୁ କେଉଁ ଜଙ୍ଗଲ ରହିଛି, ତାହାର ତଦନ୍ତ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ।


କୁସୁନପୁର ଜଙ୍ଗଲ ଜମିରୁ ପଥର ଲୁଟ୍ ହୋଇଛି ।

# କଟାହେଉନି ରିଜେକ୍ସନ ନୋଟ୍

■ ମିଲରଙ୍କୁ ଅନୁକମ୍ପା ଦେଖାଯାଇ ଫେରାଯାଉଛି ଚାଉଳ
■ କାନକଟା ଗୋଦାମରୁ ଫେରିଲା ମିଲରଙ୍କ ୬ ଲଟ୍ ଚାଉଳ
■ ବାରମ୍ବାର ନିମ୍ନମାନର ଚାଉଳ ଯୋଗାଣ ସତ୍ତ୍ୱେ ନାହିଁ ପଦକ୍ଷେପ

ନୟାଗଡ଼,୨୯।୭ (ଲୋକନାଥ ମିଶ୍ର)

ଓଡ଼ିଶା ରାଜ୍ୟ ପଣ୍ୟାଗାର ନିଗମ (ଓଏସ୍‌ଡବ୍ଲ୍ୟୁସି)ର ଚାଉଳ ଗୋଦାମକୁ ନୟାଗଡ଼ ଜିଲାର କେତେଜଣ ମିଲର ଅଧିକାଂଶ ସମୟରେ ଖରାପ ଚାଉଳ ଯୋଗାଣ କରୁଥିଲେ ମଧ୍ୟ ରିଜେକ୍ସନ ନୋଟ୍ କଟା ଯାଉ ନାହିଁ । ମିଲରକୁ ଅନୁକମ୍ପା ଦେଖାଯାଇ ବିଭିନ୍ନ ସମୟରେ ଚାଉଳ ଫେରାଯାଉଥିବା ନଜିର ରହିଛି। ଗତ ୨୫ ତାରିଖରେ କାନକଟା ଗୋଦାମରୁ ଜୟ ମହାବୀର ଫୁଡ୍ ପ୍ରଡକ୍ଟସ ପଙ୍କାଳସାହି ଦଶପଲ୍ଲା ମିଲରଙ୍କର ୬ ଲଟ୍ ଚାଉଳ ଫେରିଛି । ଚାଉଳ ଗୋଦାମରୁ ବାରମ୍ବାର ନିମ୍ନମାନର ଚାଉଳ ଯୋଗାଣ ସତ୍ତ୍ୱେ ମିଲରଙ୍କ ବିରୋଧରେ କୌଣସି ପଦକ୍ଷେପ ନିଆଯାଉନାହିଁ । ଫଳରେ ଏଭଳି ଘଟଣା ବଢ଼ି ଚାଲିଛି ।

ସୂଚନା ଅନୁଯାୟୀ, ନୟାଗଡ଼ ଜିଲାରେ ଗୋଟିଏ ଚାଉଳ ଗୋଦାମ ଓ ୨ଟି ଚାଉଳ ସଂଗ୍ରହ କେନ୍ଦ୍ର ରହିଛି । ଗୋଡିସାହି ଓ କଦଳୀବନ୍ଧଠାରେ ରାଜ୍ୟ ଚାଉଳ ସଂଗ୍ରହ କେନ୍ଦ୍ର ରହିଥିବାବେଳେ କାନକଟାଠାରେ ଚାଉଳ ଗୋଦାମ ରହିଛି । ଚାଉଳ ଗୋଦାମ ହେଉ କି ଚାଉଳ ସଂଗ୍ରହ କେନ୍ଦ୍ର ହେଉ ପ୍ରତିଟି ସ୍ଥାନକୁ କେତେଜଣ ମିଲର ନିମ୍ନମାନର ଚାଉଳ ଯୋଗାଣ କରୁଥିବା ଅଭିଯୋଗ ହୋଇ ଆସୁଛି । ବେଳେ ବେଳେ ଅଭିଯୋଗ ବାହାରକୁ ଆସୁଛି । ଆଉ ଆପୋସ ସମାଧାନ ମାଧ୍ୟମରେ ନେଣଦେଣ କାରବାରରେ ନିମ୍ନମାନର ଚାଉଳ ଯୋଗାଣ ପ୍ରସଙ୍ଗ ଲୁଚି ଯାଉଛି । ଗୋଡିସାହି ଓ କଦଳୀବନ୍ଧଠାରେ ଦୁଇ ଜଣ ପ୍ରୋକରମେଣ୍ଟ ଇନ୍ସପେକ୍ଟର ଚାଉଳ ସଂଗ୍ରହ କେନ୍ଦ୍ରର ଦାୟିତ୍ୱରେ ଅଛନ୍ତି । କାନକଟା ଚାଉଳ ଗୋଦାମରେ ଜଣେ ସୁପରିଟେଣ୍ଡେଣ୍ଟ ଅନୁରୂପ ଭାବେ ଦାୟିତ୍ୱରେ ଅଛନ୍ତି । ନିକଟରେ କାନକଟା ଚାଉଳ ଗୋଦାମର ସୁପରିଟେଣ୍ଡେଣ୍ଟ ସୁରଜିତ ମହାନ୍ତିଙ୍କ ବଦଳି ହୋଇଛି । ସେ ରିଲିଫ ହେବା ପୂର୍ବରୁ ୨ ଲଟ୍ ଚାଉଳ ନିମ୍ନମାନର ଦର୍ଶାଯାଇ ଗୋଦାମରେ ବାହାରେ ରଖା ଯାଇଥିଲା । କାନକଟା ଚାଉଳ ଗୋଦାମରେ ନୂଆ ସୁପରିଟେଣ୍ଡେଣ୍ଟ ଭାବେ ରାମଚନ୍ଦ୍ର ବେହେରା ଯୋଗ ଦେବା ପରେ ତାଙ୍କ ସମୟରେ ୪ ଲଟ୍ ଚାଉଳ ଗୋଦାମ ବାହାରେ ଥିଲା । ଦୁଇ ସୁପରିଟେଣ୍ଡେଣ୍ଟଙ୍କ ସମୟରେ ୬ ଲଟ୍ ଚାଉଳ ଯାହାକି ପ୍ରାୟ ୧୮୦୦ କୁଇଣ୍ଟାଲ ହେବ ଫେରିଛି । ଏହି ଚାଉଳ ଜୟ ମହାବୀର ଫୁଡ୍ ପ୍ରଡକ୍ଟସ ପଙ୍କାଳସାହି ଦଶପଲ୍ଲା ମିଲର ଗତ ୨୫ ତାରିଖରେ ଫେରାଇ ନେଇଛନ୍ତି । ପ୍ରଶ୍ନ ଉଠୁଛି ନୟାଗଡ଼ ଜିଲାର ମିଲର ମାନେ ଧାନମଣ୍ଡିରୁ ଚାଷୀଙ୍କଠାରୁ ଉତ୍କୃଷ୍ଟ ମାନର ଧାନ କିଣୁଛନ୍ତି । ଧାନରେ ମାନ ଖରାପ ଦର୍ଶାଇ କଟ୍‌ନୀଛଟ୍‌ନୀ କରି ପୁଣି ୧୦ରୁ ୧୫ କେଜି କୁଇଣ୍ଟାଲ ପିଛା କାଟୁଛନ୍ତି । ତେବେ ସରକାରଙ୍କୁ ଚାଉଳ ଫେରାଇ ବେଳେ ନିମ୍ନମାନର ଚାଉଳ ଫେରାଉଛନ୍ତି । ମାନ ପରୀକ୍ଷଣ ପରେ ଯଦି ଏଭଳି ଘଟଣା ନଜରକୁ ଆସୁଛି ତେବେ ସେମାନଙ୍କ ଚାଉଳ ଫେରାଇବା ସମୟରେ ରିଜେକ୍ସନ ନୋଟ କଟା ଯାଉନି କାହିଁକି ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ରିଜେକ୍ସନ ନୋଟ କଟାଗଲେ ମିଲରମାନେ ନିମ୍ନମାନର ଚାଉଳ ଦେବାକୁ ଭୟ କରନ୍ତେ । ତେବେ ଏଭଳି ପଦକ୍ଷେପ ଚାଉଳ ଗୋଦାମ ସୁପରିଟେଣ୍ଡେଣ୍ଟ ଓ ଚାଉଳ ସଂଗ୍ରହ କେନ୍ଦ୍ରର ପ୍ରୋକରମେଣ୍ଟ ଇନ୍ସପେକ୍ଟର ଜିଲା ଯୋଗାଣ ଅଧିକାରୀଙ୍କୁ ଅବଗତ କରାଇ ନେଉଥିଲେ ଗୋଦାମକୁ ଆଉ ନିମ୍ନମାନର ଚାଉଳ ଯୋଗାଣ ହେଉ ନଥାନ୍ତା । ଏଭଳି ଭୟ ନଥିବାରୁ ବିଭିନ୍ନ ସମୟରେ ଏଭଳି ଘଟଣା ନଜରକୁ ଆସୁଛି। ଗତ ମାର୍ଚ୍ଚ ମାସରେ ଏହି ଗୋଦାମରେ ୫୮୦ କୁଇଣ୍ଟାଲ ଚାଉଳ ପଡି ରହିଥିଲା । ଜୟ ମହାବୀର ଫୁଡ ପ୍ରଡକ୍ଟସ ପଙ୍କାଳସାହି ଦଶପଲ୍ଲାର ମିଲର ଏହି ଚାଉଳ ଦେଇଥିଲେ। ଏହି ଘଟଣାକୁ ନେଇ ତତ୍କାଳୀନ ସୁପରିଟେଣ୍ଡେଣ୍ଟ ସୁରଜିତ ମହାନ୍ତିଙ୍କୁ ମାରପିଟ୍ କରାଯାଇଥିଲା । ଏନେଇ ଶରଣକୁଳ ଥାନାରେ ମାମଲା ହୋଇଥିଲା । ପରେ ଏହାକୁ ସମାଧାନ କରାଯାଇଥିଲା । ସେହି ମିଲର ପୁଣି ଥରେ ୬ ଲଟ ନିମ୍ନମାନର ଚାଉଳ ଗୋଦାମକୁ ଆଣି ପୁଣି ଫେରାଇ ନେବା ପରେ ଯୋଗାଣ ବିଭାଗର କାର୍ଯ୍ୟ ସନ୍ଦେହ ସୃଷ୍ଟି ହୋଇଛି । ଘଟଣା ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ତିଲୋତ୍ତମା ପ୍ରଧାନଙ୍କ ୮୨୮୦୦୦୫୨୫ ନମ୍ବର ଫୋନକୁ ଯୋଗାଯୋଗ କରାଯାଇଥିଲା। ହେଲେ ତାଙ୍କ ଫୋନ ନଟ ରିଚେବୁଲ ରହିଥିଲା । କାନକଟା ଚାଉଳ ଗୋଦାମର ସୁପରିଟେଣ୍ଡେଣ୍ଟ ରମେଶ ଚନ୍ଦ୍ର ବେହେରାଙ୍କ ୯୪୩୭୩୩୮୪୦୦ ନମ୍ବରକୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ।

## ବିପଦ ସୃଷ୍ଟି କରୁଛି କୁଆଁରିଆ ସେତୁ ନିକଟରେ ଗର୍ତ୍ତ



ଖଣ୍ଡପଡ଼ା,୨୯।୭(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ପୂର୍ତ୍ତ ବିଭାଗ ଅଧୀନରେ ଥିବା ଖଣ୍ଡପଡ଼ା-କଣ୍ଟିଲୋ ରାସ୍ତାର ବିଭିନ୍ନ ସ୍ଥାନରେ ଖାଲଖମା ସୃଷ୍ଟି ହୋଇଥିବା ବେଳେ କୁଆଁରିଆ ସେତୁ ପାର୍ଶ୍ୱସ୍ଥ ରାମଚଣ୍ଡୀପ୍ରସାଦ ନିକଟ ରାସ୍ତାପାର୍ଶ୍ୱରେ ଏକ ବିରାଟ ଗର୍ତ୍ତ ସୃଷ୍ଟି ହୋଇଛି । ଯାନବାହନ ଚାଳକ ଓ ଜନସାଧାରଣଙ୍କ ଯାତାୟତ ନିମନ୍ତେ ତାହା ବିପଦର କାରଣ ପାଲଟିଛି । ବର୍ଷା ପାଣି ଜମି ରହିବା ଓ ଜଳ ଯୋଗାଣ ପାଇପରୁ ପାଣି ଝରି ଏକ ବଡ ଗର୍ତ୍ତ ସୃଷ୍ଟି ହୋଇଥିବା ଅଭିଯୋଗ ହେଉଛି । ରାତି ସମୟରେ ରାସ୍ତା ସମ୍ପୂର୍ଣ୍ଣ ଅନ୍ଧାର ରହୁଥିବାରୁ ଉକ୍ତ ଗର୍ତ୍ତ ସ୍ଥାନରେ ଦୁର୍ଘଟଣା ଘଟିବାର ଆଶଙ୍କା ପ୍ରକାଶ ପାଇଛି । ଏଥି ପ୍ରତି ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ଓ ନୟାଗଡ଼ ନିର୍ବାହୀ ଯନ୍ତ୍ରୀ ଦୃଷ୍ଟି ଦେଇ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି । ତେବେ ଏ ସମ୍ପର୍କରେ ଜନସ୍ୱାସ୍ଥ୍ୟ ବିଭାଗ ସହକାରୀ ଯନ୍ତ୍ରୀ ଇଂ.ତ୍ରିଲୋଚନ ବେହେରାଙ୍କ ସହ ଯୋଗାଯୋଗ କରିବାରେ ଜଳ ଯୋଗାଣ ପାଇପ ଲାଇନରେ ଲାଗିଥିବା ଚାବି ଦ୍ୱାରା କୌଣସି ସମସ୍ୟା ସୃଷ୍ଟି ହେଉ ନ ଥିବା କହିଛନ୍ତି । ତଥାପି ଗର୍ତ୍ତରେ ମାଟି ପକାଇ ସମତୁଲ କରାଯିବ ବୋଲି କହିଛନ୍ତି । ତେବେ ପୂର୍ତ୍ତ ବିଭାଗ କର୍ତ୍ତୃପକ୍ଷ ସେଠାରେ ଏକ ଗାର୍ଡୱାଲ ନିର୍ମାଣ କରିବାର ଆବଶ୍ୟକ ଥିବା ବେହେରା ସୂଚନା ଦେଇଛନ୍ତି।

## ୪ ଡକାୟତ ଗିରଫ, ୨ କାର୍ ଜବତ

### କୋରିୟର ଗାଡ଼ି ଡ୍ରାଇଭରଙ୍କଠାରୁ ଲୁଟ୍ ଘଟଣା

ଗଣିଆ,୨୯।୭(ସନ୍ତୋଷ କୁମାର ପ୍ରଧାନ)

ଗତ ବୁଧବାର ଦଶପଲ୍ଲାରୁ ଗଣିଆ ଅଭିମୁଖେ ଆସୁଥିବା ଟାଟା ଏସି କୋରିୟର ଗାଡ଼ି ଡ୍ରାଇଭରଙ୍କୁ ଆକ୍ରମଣ କରି ଟଙ୍କା ଲୁଟ୍ କରିବା ସହ ପୁଣି ଥରେ ସେହି ଗାଡ଼ିକୁ ପିଛା କରିବା ମାମଲାରେ ଗଣିଆ ପୋଲିସ ଶନିବାର ୪ଜଣ ଡକାୟତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ୪ ଡକାୟତ ହେଲେ ଦଶପଲ୍ଲା ଥାନା ମଧ୍ୟଖଣ୍ଡ ଗ୍ରାମର ଅମୀୟ ମହାରଣା(୨୬), ବାବୁନି ବାରିକ(୨୭),ପ୍ରମୋଦକୁମାରସାହୁ(୨୮) ଓ ରାକେଶ କୁମାର ପରିଡ଼ା(୨୫) ।

ଶନିବାର ଗଣିଆ ପୋଲିସର ସୂଚନା ଅନୁଯାୟୀ, ଗତ ବୁଧବାର ସକାଳୁ ଦଶପଲ୍ଲାରୁ ଗଣିଆ ଅଭିମୁଖେ ଆସୁଥବା ଟାଟା ଏସି କୋରିୟର ସର୍ଭିସ ଗାଡ଼ିରେ ଗଞ୍ଜେଇ ଆସୁଥିବା ସନ୍ଦେହ କରି ୫ ଡକାୟତ ଏକ କାରରେ ଉକ୍ତ ଗାଡ଼ିକୁ ପିଛା କରିଥିଲେ । ଘୋଳାହାଣ୍ଡି ଗ୍ରାମ ନିକଟରେ ଡକାୟତମାନେ କୋରିୟର ଗାଡି କାଚକୁ ପଥର ମାରିବା ସହ ଡ୍ରାଇଭରଠାରୁ ୨ହଜାର ଟଙ୍କା ଛଡାଇ ନେଇଥିଲେ । ଏ ସଂକ୍ରାନ୍ତରେ ଅଭିଯୋଗ ହେବା ପରେ ଗଣିଆ ଥାନା ଅଧିକାରୀ ବିନୟ ରଞ୍ଜନ ପରିଡ଼ାଙ୍କ ନେତୃତ୍ୱରେ ଗଣିଆ ପୋଲିସ ଶନିବାର ସକାଳୁ ମଧ୍ୟଖଣ୍ଡ ଗ୍ରାମରେ ଚଢାଉ କରି ୪ଜଣଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ଏକ ହୁଣ୍ଡାଇ ଭର୍ନା କାର, ଏକ ଟାଟା ଇଣ୍ଡିଗୋ କାର, ୪ ମୋବାଇଲ ଫୋନ, ନଗଦ ୪ହଜାର ୭ଶହ ଟଙ୍କା, ଗୋଟିଏ କାତି ସହ ୨ଟି ଲୁହା ଓ ଷ୍ଟିଲ ରଡ ଜବତ କରିଛି । ଏହି ଡକାୟତ ଦଳରେ ସମ୍ପୃକ୍ତ ଥିବା ଅନ୍ୟମାନଙ୍କୁ ଖୁବ୍ ଶୀଘ୍ର ଗିରଫ କରାଯିବ ବୋଲି ପୋଲିସ ତରଫରୁ ସୂଚନା ମିଳିଛି । ଅମୀୟ, ପ୍ରମୋଦ ଓ ବାବୁନି ନାମରେ ପୂର୍ବରୁ ଦଶପଲ୍ଲା, ନୂଆଗାଁ ଥାନାରେ ଏକାଧିକ ଅପରାଧିକ ମାମଲା ରହିଥିବା ପୋଲିସ ତଦନ୍ତରୁ ଜଣାପଡିଛି । ଏହି ଡକାୟତ ଦଳ ଗଞ୍ଜେଇ ଗାଡିକୁ ଲୁଟ କରିବା ଓ ବିଭିନ୍ନ ଯାତ୍ରୀଙ୍କଠାରୁ ଲୁଟପାଟ କରୁଥିବା ଜଣାପଡିଛି । ଆୟୋଜିତ ଖବରଦାତା ସମ୍ମିଳନୀରେ ଖଣ୍ଡପଡ଼ା ଏସ୍‌ଡିପିଓ ପ୍ରଭାତ କୁମାର ମଲ୍ଲିକ, ଗଣିଆ ଥାନା ଅଧିକାରୀ ବିନୟ ରଞ୍ଜନ ପରିଡା, ସବ୍‌ଇନ୍ସପେକ୍ଟର ବୀରେନ୍ଦ୍ର ଦେହୁରୀ ଯୋଗଦେଇ ସମସ୍ତ ସୂଚନା ପ୍ରଦାନ କରିଥିଲେ।






ଗିରଫ ୪ ଅଭିଯୁକ୍ତ । ଜବତ ହୋଇଥିବା ୨ କାର ।

## ଖଡିଆରେ କଙ୍ଗାରୁ କୋର୍ଟ

■ ଗାଳିଗୁଲଜ କରି ମାରପିଟ୍ କଲେ
■ ଜେସିବି ଲଗାଇ ଘର ଭାଙ୍ଗିଦେଲେ
■ ୨ ମାମଲାରେ ଅଟକିଗଲା କାର୍ଯ୍ୟାନୁଷ୍ଠାନ

ନୟାଗଡ଼/ରଣପୁର୨୯।୭
(ଲୋକନାଥ ମିଶ୍ର/ସୁକାନ୍ତ କିଶୋର ଡାକୁଆ)

ନୟାଗଡ଼ ଜିଲା ରଣପୁର ଥାନା ଦର୍ପନାରାୟଣପୁର ଫାଣ୍ଡିର ଖଡିଆ ଗାଁରେ କଙ୍ଗାରୁ କୋର୍ଟ କରାଯାଇ ପ୍ରମିଳା ନିଶଙ୍କଙ୍କ ଏକ ଆଜବେଷ୍ଟସ ଘର ଓ ଛାତ ଘରର କିଛି ଅଂଶକୁ ଶୁକ୍ରବାର ଭଙ୍ଗା ଯାଇଛି । ୫ରୁ ଉର୍ଦ୍ଧ୍ୱ ଲୋକ ମିଳିତ ହୋଇ ପ୍ରମିଳାଙ୍କ ଘର ସମ୍ମୁଖକୁ ଯାଇ ଗାଳିଗୁଲଜ କରି ତାଙ୍କ ସ୍ୱାମୀ ରମାକାନ୍ତଙ୍କୁ ମାରପିଟ୍ କଲେ । ଗାଁ ଦାଣ୍ଡରେ ପ୍ରମିଳାଙ୍କୁ ମାରପିଟ୍ କରି ଉଲଗ୍ନ କରିବାକୁ ଚେଷ୍ଟା କରିଥିଲେ। ୨ ପୁଅଙ୍କୁ ମଧ୍ୟ ଛାଡିଲେ ନାହିଁ । ପରେ ଘର ଭାଙ୍ଗି ଦେଲେ । ପୂର୍ବ ଶତ୍ରୁତାରୁ ନେଇ ଏଭଳି ଘଟଣା ଘଟିଛି । ଏହାକୁ ନେଇ ଖଡିଆରେ ଉତ୍ତେଜନା ଦେଖା ଦେଇଛି। ଘଟଣା ସମ୍ପର୍କରେ ପ୍ରମିଳା ରଣପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୧୯୭/୨୩) ରୁଜୁ କରିଛି । ଗାଁ ସଭାପ୍ତ ଭଗବାନ ଭୁୟାଁଙ୍କର ଅଭିଯୋଗ କ୍ରମେ ପୋଲିସ ଆଉ ଏକ ମାମଲା(ନଂ.୧୯୮/୨୩) ରୁଜୁ କରିଛି । ତେବେ ଦୁଇ ମାଲାରେ ତଦନ୍ତ ଝୁଲି ରହିଛି। ପ୍ରମିଳାଙ୍କ ଟେନଶନ ବଢ଼ି ଯାଇଛି। ସୂଚନା ଅନୁଯାୟୀ, ରଣପୁର ଥାନା ଅଞ୍ଚଳରେ କଙ୍ଗାରୁ କୋର୍ଟର ଭୟାବହତା ଦେଖିବାକୁ ମିଳୁଛି। ଥାନାରେ ଅଭିଯୋଗ କଲେ ସୁଫଳ ମିଳୁନି । ପୋଲିସ ନ୍ୟାୟ ଦେଇ ପାରୁ ନ ଥିବା ଅଭିଯୋଗ ରହିଛି। ପ୍ରମିଳାଙ୍କୁ ଗାଁରୁ ବାସନ୍ଦ କରାଯାଇଛି । ଗାଁ ଛାଡିବା ପାଇଁ ପରବର୍ତ୍ତି ପଦକ୍ଷେପ ଆରମ୍ଭ ହୋଇଥିବା ସୂଚନା ମଳିଛି।



ମେଶିନ ଦ୍ୱାରା ପ୍ରମିଳାଙ୍କ ଘର ଭଙ୍ଗାଯାଉଛି ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ କରିଷ୍ମା



@ ବିକାଶ



@ ଚନ୍ଦନ



@ ତପନ



@ ବରଦାପ୍ରସାଦ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## କ୍ଷତିଗ୍ରସ୍ତ ଶିକ୍ଷାନୁଷ୍ଠାନର ଶ୍ରେଣୀଗୃହ ମରାମତି ଦାବି

ଖଣ୍ଡପଡ଼ା,୨୯।୭
(ଅଜୟ କୁମାର ମହାରଣା)

ଗତ କାଳବୈଶାଖୀ ପ୍ରଭାବରେ ଖଣ୍ଡପଡ଼ା ବ୍ଲକ ଅଧୀନ ମର୍ଦ୍ଦରାଜପୁର ଗ୍ରାମସ୍ଥିତ ଶାନ୍ତିପ୍ରିୟା ଉଚ୍ଚ ବିଦ୍ୟାଳୟ ଶ୍ରେଣୀଗୃହର ଟିଣ ଛପର କ୍ଷତିଗ୍ରସ୍ତ ହୋଇଥିଲା । ଶ୍ରେଣୀଗୃହ ମରାମତି କାର୍ଯ୍ୟ ହୋଇ ନ ଥିବାରୁ ସଂପ୍ରତି ସାମାନ୍ୟ ବର୍ଷା ହେଲେ ଶ୍ରେଣୀ ଗୃହରେ ପାଣି ଗଳୁଛି । ଫଳରେ ଛାତ୍ରୀଛାତ୍ର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଶ୍ରେଣୀ ଗୃହର ଆବଶ୍ୟକ ମରାମତି ନିମନ୍ତେ ପଞ୍ଚାୟତ କର୍ତ୍ତୃପକ୍ଷ କିମ୍ବା ବ୍ଲକ ପ୍ରଶାସନ ଧ୍ୟାନ ଦେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଯୋଦ୍ଧା ନାଥ ନାୟକ ଏ ସମ୍ପର୍କରେ ଖଣ୍ଡପଡ଼ା ବ୍ଲକ ଶିକ୍ଷାଧିକାରୀ ଓ ବିଡିଓଙ୍କୁ ଜଣାଇଥିଲେ ହେଁ କୌଣସି ସୁଫଳ ମିଳି ନ ଥିବା ଅଭିଯୋଗ ହେଉଛି । ନୟାଗଡ଼ ଜିଲା ଶିକ୍ଷାଧିକାରୀ ଓ ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗ ପ୍ରକଳ୍ପ ନିର୍ଦ୍ଦେଶକ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

## ସ୍ୱଳ୍ପ ବର୍ଷା ଯୋଗୁ ପଛେଇଛି ଚାଷ, ଚିନ୍ତାରେ ଚାଷୀ

ନୂଆଗାଁ,୨୯।୭ (ଧନେଶ୍ୱର ସାହୁ)

ଧାରା ଶ୍ରାବଣରେ ସ୍ୱଳ୍ପ ବର୍ଷା ହେଉଛି। ଯାହାଫଳରେ କୌଣସି କୃଷି କାର୍ଯ୍ୟ ହୋଇପାରୁନାହିଁ । ଚିନ୍ତାରେ ଚାଷୀକୁଳ। ନୟାଗଡ଼ ଜିଲା ନୂଆଗାଁ ବ୍ଲକର ଜାକେଡା, ଗୁମି, ଉଦୟପୁର , ନୂଆଗାଁ ବିଭିନ୍ନ ଅଞ୍ଚଳରେ ସ୍ୱଳ୍ପ ବର୍ଷା ହେବା କାରଣରୁ ଚିନ୍ତାରେ ପଡିଛନ୍ତି ଚାଷୀ । ଶ୍ରାବଣ ମାସରେ ଲଗାତର ବର୍ଷା ହେବା ଫଳରେ ଧାନ ତଳି ଉପାଡିବା, ତଳି ଲଗାଇବା, ଧାନ ବିହୁଡା ଆଦି କାର୍ଯ୍ୟ କରାଯାଉଥିଲା । ଚଳିତ ବର୍ଷ ବର୍ଷା ଠିକ ଭାବେ ହେଉ ନାହିଁ, ଅନ୍ୟପଟେ ଧାନ ତଳି ବଢି ଗଲାଣି । ପାଣି ଅଭାବ ଥିବାରୁ ଶୁଖିଲା ଜମିରୁ ତଳି ଉପାଡିବା କଷ୍ଟ ହେଉଛି । ତେଣେ ତଳି ରୋଇବା ସକାଶେ ଜମି କାଦୁଅ କରିବା ପାଇଁ ପାଣି ନାହିଁ । ସରକାରଙ୍କ ତରଫରୁ ଜଳ ସେଚନ ପାଇଁ ଲକ୍ଷାଧିକ ଟଙ୍କା ବ୍ୟୟ କରାଯାଉଥିଲେ ମଧ୍ୟ ତାହା ଲୋକଙ୍କ କାମରେ ଆସୁ ନ ଥିବା ଅଭିଯୋଗ ହେଉଛି । ଅନେକ ସ୍ଥାନରେ ଚାଷୀ ରାଜସ୍ୱ ବିଭାଗକୁ ଜଳକର ଦେଉଥିଲେ ମଧ୍ୟ ଜମିକୁ ପାଣି ମାଡୁନି । ଚାଷୀ ବାଧ୍ୟ ହୋଇ ଶୁଖିଲା ଜମିରୁ ଧାନ ତଳି ଉପାଡିବା ସହ ଶୁଖିଲା ମାଟିରେ ତଳି ଲଗାଇବା ପାଇଁ ବାଧ୍ୟ ହେଉଥିବା ଗୁରୁବାରୀ ପ୍ରଧାନ, ମହେଶ୍ୱର ମହାନ୍ତି, ସୁକୁରିଆ ମଳିକ, ସୁଦର ପ୍ରଧାନ ଆଦି ଚାଷୀମାନେ କହିଛନ୍ତି।



ଶୁଖିଲା ଜମିରୁ ମହିଳାମାନେ ତଳି ଉପାଡୁଛନ୍ତି ।

## ଧାର୍ମିକସ୍ଥଳର ଉନ୍ନତି ପାଇଁ ୨.୮୦କୋଟି

ଭାପୁର,୨୯।୭(ଭରତ କୁମାର ବେହେରା)

ନୟାଗଡ଼ ଜିଲା ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀ ଭାପୁର ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତରେ ଉନ୍ନତିମୂଳକ କାର୍ଯ୍ୟ ନିମନ୍ତେ ମୁଖ୍ୟମନ୍ତ୍ରୀ ଆମ ଓଡ଼ିଶା ନବୀନ ଓଡିଶା ଯୋଜନାରେ ଆର୍ଥିକ ଅନୁଦାନ ମଞ୍ଜୁର କରିଛନ୍ତି। ମୁଖ୍ୟମନ୍ତ୍ରୀ ସତନ୍ତ୍ର ସହାୟତା ଯୋଜନାରେ ଭାପୁର ବ୍ଲକ୍‌ର ବିଭିନ୍ନ ପଞ୍ଚାୟତର ଧାର୍ମିକ ସ୍ଥଳୀକୁ ମୋଟ ୨ କୋଟି ୮୦ଲକ୍ଷ ଅର୍ଥ ମଞ୍ଜୁର ହୋଇଥିବା ନେଇ ସୂଚନା ମିଳିଛି। ଏହି ଅନୁଦାନ ଅର୍ଥରେ ବିଭିନ୍ନ ମନ୍ଦିର ତଥା ଧାର୍ମିକ ସ୍ଥଳୀରେ ନୂତନ ନିର୍ମାଣ ଓ ଉନ୍ନତିକରଣ କାମ ହେବ ବୋଲି ବ୍ଲକ ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଆମ ଓଡ଼ିଶା ନବୀନ ଓଡ଼ିଶା ଫଣ୍ଡରୁ ଭାପୁର ବ୍ଲକ୍‌ର ୨୦ ପଞ୍ଚାୟତକୁ ୫୦ ହଜାର ଟଙ୍କା ଲେଖାଏଁ ମୋଟ ୧୦ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିବା ନେଇ ସୂଚନା ମିଳିଛି। ଭାପୁର ବ୍ଲକକୁ ମୋଟ ୨ କୋଟି ୯୦ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଛି। ଏହି ଅନୁଦାନ ଅର୍ଥରେ ଐତିହ୍ୟ ସ୍ଥଳୀ ସହ ଅନେକ ଧାର୍ମିକ ଓ ସାଂସ୍କୃତିକ ଗୁରୁତ୍ୱବହନ କରୁଥିବା ସ୍ଥାନରେ ରୂପାନ୍ତରଣ କାର୍ଯ୍ୟ କରାଯିବ ବୋଲି ସୂଚନା ମିଳିଛି। ଗତ ୨୦ ତାରିଖରେ ୫-ଟି ସଚିବଙ୍କ ଗସ୍ତ ସମୟରେ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ବିଭିନ୍ନ ଧାର୍ମିକ ସ୍ଥଳୀର ବିକାଶ ପାଇଁ ପ୍ରତିଶ୍ରୁତି ମିଳିଥିଲା। ଅନ୍ୟପକ୍ଷେ ଅର୍ଥ ମଞ୍ଜୁର ନେଇ ମୁଖ୍ୟମନ୍ତ୍ରୀ ଏବଂ ସ୍ଥାନୀୟ ବିଧାୟକଙ୍କୁ ଭାପୁର ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ପ୍ରଧାନ ଓ ବ୍ଲକ ଉପାଧକ୍ଷ ବେଣୁଧର ପ୍ରଧାନ ଓ ସମସ୍ତ ପଞ୍ଚାୟତର ଜନପ୍ରତିନିଧି କୃତଜ୍ଞତା ଜଣାଇଛନ୍ତି।



ଅର୍ଥ ମଞ୍ଜୁର ପରେ ଜନପ୍ରତିନିଧିମାନେ ମୁଖ୍ୟମନ୍ତ୍ରୀ ଓ ବିଧାୟକଙ୍କୁ କୃତଜ୍ଞତା ଜଣାଇବା ପାଇଁ ଏକାଠି ହୋଇଛନ୍ତି ।

